Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 8
Thursday, 12 March 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୨ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପ ି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ଦେଶରେ ପ୍ରଥମ ଥର ଇଚ୍ଛାମୃତ୍ୟୁକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ଜୀବନର ସେଇ ଦୁଇଟି ମୁହଁ । ଗୋଟିକରେ ଇଞ୍ଜିନିୟରିଂ ଛାତ୍ର ଜୀବନର ଉତ୍ସାହ... ଅନନ୍ତ ସମ୍ଭାବନାକୁ ଜାବୁଡ଼ି ଆଗକୁ ବଢ଼ିଚାଲିବାର ପଣ । ଅନ୍ୟଟିରେ ଖାଲି ଯନ୍ତ୍ରଣା ହିଁ ଯନ୍ତ୍ରଣା । ଏ କାହାଣୀ ୟୁପି ଗାଜିଆବାଦର ୩୧ ବର୍ଷୀୟ ହରିଶ ରାଣାଙ୍କର । ୧୩ ବର୍ଷର ସଂଘର୍ଷ ଜୀବନ ଜିତୁ ନଥିଲା କି, ମରଣ ହାରୁ ନଥିଲା । ହେଲେ ଛଟପଟ କରି ମାରି ଚାଲିଥିଲା ସବୁବେଳେ । ତେଣୁ ସୁପ୍ରିମକୋର୍ଟଙ୍କ ନିକଟରେ ଇଚ୍ଛାମୃତ୍ୟୁ ଆବେଦନ କରିଥିଲେ ପରିବାର । ଆଉ କୋର୍ଟ ପୂରା ଘଟଣାକୁ ଶୁଣି ଶେଷରେ ହରିଶଙ୍କୁ ଦେଇଛନ୍ତି ସମ୍ମାନର ସହ ଇଚ୍ଛାମୃତ୍ୟୁର ଅନୁମତି । ପୂରା କାହାଣୀଟି ଏମିତି । ଚଣ୍ଡିଗଡ଼ ପଞ୍ଜାବ ବିଶ୍ୱବିଦ୍ୟାଳୟର ଛାତ୍ର ଥିବା ବେଳେ ୨୦୧୩ରେ ହଷ୍ଟେଲର ଚତୁର୍ଥ ମହଲାରୁ ସେ ଖସିପଡ଼ିଥିଲେ । ସେତେବେଳେ ତାଙ୍କୁ ମାତ୍ର ୧୮-୧୯ ବର୍ଷ । ଆଉ ମୁଣ୍ଡରେ ଶକ୍ତ ଆଘାତ କାରଣରୁ ସେବେଠାରୁ ହରିଶଙ୍କ ଦୁନିଆ କେବଳ ଏକ ଶେଜରେ ହିଁ ସୀମିତ ହୋଇଗଲା ପୁଅକୁ ଭଲ କରିବାକୁ ବାପା-ମା' ଓ ଡାକ୍ତରଙ୍କ ସକଳ ଚେଷ୍ଟା ବିଫଳ ହେବାରୁ



ଶେଷରେ ସୁପ୍ରିମକୋର୍ଟଙ୍କ ପାଖରେ ହରିଶଙ୍କ ଇଚ୍ଛାମୃତ୍ୟୁ ମାଗିଥିଲେ ପରିବାର । ଆଉ ମାମଲାରେ AIIMSର ବିଶେଷଜ୍ଞ ଦଳଙ୍କ ରିପୋର୍ଟ ଆଧାରରେ ହରିଶଙ୍କ ପାଇଁ ଭଲ ହେବାର ସବୁ ରାସ୍ତା ଯେ ବନ୍ଦ, ତାହା ଅନୁଭବ କରି ହରିଶଙ୍କ ଇଚ୍ଛାମୃତ୍ୟୁ ଆବେଦନରେ ମୋହର ମାରିଛନ୍ତି ସର୍ବୋଚ୍ଚ ଅଦାଲତ । ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ବି କହିଛନ୍ତି ଯୁବକଙ୍କ ଯନ୍ତ୍ରଣା ଦେଖିବା ସମ୍ଭବ ନୁହେଁ । ଏହା ଆମ ପାଇଁ କଠିନ ନିଷ୍ପତ୍ତି ହେଲେ ବି ହରିଶଙ୍କୁ ଏମିତି ଅବସ୍ଥାରେ ଛାଡ଼ିଦେବା ଅମାନବୀୟ ହେବ । ତେଣୁ କୋର୍ଟ ହରିଶଙ୍କ ପାଇଁ ପାସିଭ୍ ୟୁଥେନେସିଆକୁ ମଂଜୁରୀ ଦେଇ ତାଙ୍କ ଶରୀରରେ ଲାଗିଥିବା କୃତ୍ରିମ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି ।...ଯାହା ଭାରତରେ ପାସିଭ୍ ୟୁଥେନେସିଆ ବା ଇଚ୍ଛାମୃତ୍ୟୁକୁ ଅନୁମତିର ଇଏ ପ୍ରଥମ ଘଟଣା । ଆଉ ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ହରିଶଙ୍କ ୧୩ ବର୍ଷର ଯନ୍ତ୍ରଣାଦାୟକ ଜୀବନକୁ ଅନ୍ତ କରିବାକୁ ଯାଉଛି । ଆଉ ଏଥିପାଇଁ ଆବେଦନ କରିଥିବା ବାପା-ମାଆ ବି ଖୁସି ଯେ ପୁଅକୁ ଏଭଳି ନର୍କ ଯନ୍ତ୍ରଣାରୁ ମୁକ୍ତି ମିଳିବାକୁ ଯାଉଛି । ତେବେ କଣ ଇଉଥାନେସିଆ । ଏହା ହେଉଛି ଦୁରାରୋଗ୍ୟ ରୋଗୀଙ୍କ ଅସହ୍ୟ ଯନ୍ତ୍ରଣା ଦୂର କରିବା ପାଇଁ ତାଙ୍କ ଜୀବନକୁ ଇଚ୍ଛାକ୍ରମେ କିମ୍ବା ଦୟାରେ ସମାପ୍ତ କରିବାର ଏକ ପ୍ରକ୍ରିୟା । ଯାହା ଦୁଇ ପ୍ରକାର । ଆକ୍ଟିଭ୍ ଏବଂ ପ୍ୟାସିଭ୍ । ଆକ୍ଟିଭ୍ ଇଉଥାନେସିଆ ଅର୍ଥ ଯନ୍ତ୍ରଣାକୁ ସହି ନପାରି ନିଜେ ମୃତ୍ୟୁ ଚାହିଁବା । ପ୍ୟାସିଭ୍ ଅର୍ଥ- କୋମାରେ ଥିବା ବ୍ୟକ୍ତିକୁ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ପରିବାର ତାଙ୍କ ମୃତ୍ୟୁ ଚାହିଁବା । ଇଚ୍ଛାମୃତ୍ୟୁ ଆବେଦନକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ପରେ ହରିଶଙ୍କୁ ଏବେ ଇଓଓଗଝରେ ପାଲିଏଟିଭ୍ କେୟାରରେ ଭର୍ତି କରାଯିବ । ଯେଉଁଠି ରାଇଟ୍ ଟୁ ଡାଏ ବା ମୃତ୍ୟୁର ଅଧିକାର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖି ପର୍ଯ୍ୟାୟ କ୍ରମେ ତାଙ୍କ ଲାଇଫ୍ ସପୋର୍ଟ ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ । ।

# ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଧ୍ୱନୀମତରେ ଖାରଜ



ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ଓମ୍ ବିର୍ଲାଙ୍କୁ ବାଚସ୍ପତି ପଦରୁ ହଟାଇବା ନେଇ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବୁଧବାର ଲୋକସଭାରେ ଧ୍ୱନିମତରେ ଖାରଜ ହୋଇଛି । ଏହାଦ୍ୱାରା ବିରୋଧିଙ୍କୁ ଲାଗିଛି ଜୋରଦାର ଝଟକା । ଲୋକସଭାରେ ଏହି ପ୍ରସ୍ତାବ ଉପରେ ଦୁଇ ଦିନ ଧରି ଆଲୋଚନା ହୋଇଥିଲା, ଅନାସ୍ଥା ପ୍ରସ୍ତାବ ଉପରେ ଭଏସ୍ ଭୋଟ୍ ପରେ, ଗୃହର ଅଧକ୍ଷତା କରୁଥିବା ବାଚସ୍ପତି ଜଗଦମ୍ବିକା ପାଲ ଆସନ୍ତାକାଲି ଅର୍ଥାତ ଗୁରୁବାର ସକାଳ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।ଏହା ସହ ବିରୋଧୀ ଦଳକୁ ଏକ ବଡ଼ ଝଟକା ଲାଗିଲା । ଏହା ବ୍ୟତୀତ, ଆଜି କେନ୍ଦ୍ର ଗୃହମନ୍ତ୍ରୀ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରିଥିଲେ । ବିରୋଧୀ ନେତାଙ୍କ ସମର୍ଥନରେ କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ ଏହି ପ୍ରସ୍ତାବ ଆଗତ କରିଥିଲେ ଏବଂ ବାଚସ୍ପତିଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣିଥିଲେ, କିନ୍ତୁ ଏନଡିଏ ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲା । ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିର୍ଲାଙ୍କୁ ସୁରକ୍ଷା ଦେବା ସହ ବିରୋଧୀ ଦଳକୁ କଡା ସମାଲୋଚନା କରିଥିଲେ । ପ୍ରସ୍ତାବ ଖାରଜ୍ ପରେ ଓମ୍ ବିର୍ଲା ଲୋକସଭାର ବାଚସ୍ପତି ରହିବେ । ବିରୋଧୀଙ୍କୁ ଟାର୍ଗେଟ କରି ଶାହ କହିଛନ୍ତି, ଓମ୍ ବିର୍ଲାଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ । ନିୟମ ବିରୁଦ୍ଧରେ କହିବାର ଅଧିକାର କାହାରି ନାହିଁ । ଏହା ସହିତ, ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରି ଶାହ କହିଛନ୍ତି ଯେ ସେ ଦାବି କରନ୍ତି ଯେ ତାଙ୍କୁ କହିବାକୁ ଅନୁମତି ନାହିଁ, ଯଦିଓ ସେ ନିଜେ ବିତର୍କରେ ଅଂଶଗ୍ରହଣ କରନ୍ତି ନାହିଁ ଏବଂ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ସମୟରେ ପ୍ରାୟତଃ ବିଦେଶରେ ଥାଆନ୍ତି । ବୁଧବାର ଶାହଙ୍କୁ ସରକାରଙ୍କ ପକ୍ଷରୁ ପ୍ରସ୍ତାବର ଉତର ଦେବାର ଥିଲା । ଗୃହରେ ଭାଷଣ ଦେଇ ସେ କହିଥିଲେ ଯେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେତେବେଳେ ଆଖି ମାରନ୍ତି ତ ଆଉ କେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଆସନରେ ଆଲିଙ୍ଗନ କରନ୍ତି ।ଶାହଙ୍କ ଏହି ମନ୍ତବ୍ୟ ପରେ ବିରୋଧୀ ଦଳର ସାଂସଦମାନେ ହଟ୍ଟଗୋଳ କରିଥିଲେ ଶାହଙ୍କୁ ଏବଂ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଥିଲେ ।

## ରାମ ମନ୍ଦିରରେ ରୋଷେଇ ବନ୍ଦ

ନୂଆଦିଲ୍ଲୀ, ୧୧/୩ (ଆ.ପ୍ର) : ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ସାରା ଦେଶରେ ଏଲ୍‌ପିଜି ଯୋଗାଣ ଗୁରୁତର ପ୍ରଭାବିତ ହୋଇଛି । ଗ୍ୟାସ୍‌କୁ ନେଇ ଜରୁରୀ ପରିସ୍ଥିତି ଦେଖାଦେଇଛି । ଲୋକମାନେ ଗ୍ୟାସ୍ ପାଇବାକୁ ଏଜେନ୍ସିଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି । ଉତରପ୍ରଦେଶରେ ବୁକିଂର ୪-୫ ଦିନ ପରେ ମଧ୍ୟ ଗ୍ୟାସ୍ ମିଳୁନି । ଗୋରଖପୁର-ସିଦ୍ଧାର୍ଥନଗରରେ ପୁଲିସ ଉପସ୍ଥିତିରେ ଲୋକମାନଙ୍କୁ ଗ୍ୟାସ୍ ସିଲିଣ୍ଡର ବଂଟାଯାଇଥିଲା । ଅଯୋଧାରେ ଏଲ୍‌ପିଜି ଅଭାବରୁ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ରୋଷେଇ ବନ୍ଦ କରିଦିଆଯାଇଛି । ଗତ ଆଠ ବର୍ଷ ଭିତରେ ରୋଷେଇ ବନ୍ଦ କରାଯିବାର ଏହା ପ୍ରଥମ ଘଟଣା । ଏପଟେ ଦିଲ୍ଲୀ ହାଇକୋର୍ଟ କ୍ୟାଂଟିନରେ ଏଲ୍‌ପିଜି ନଥିବାରୁ ମୁଖ୍ୟ ଖାଦ୍ୟ ପ୍ରସ୍ତୁତି ବନ୍ଦ ହୋଇଛି । ଗ୍ୟାସ୍ ସିଲିଣ୍ଡର ନଥିବାରୁ ଭୋଜନ ଦିଆଯାଇପାରିବ ନାହିଁ ବୋଲି କ୍ୟାଂଟିନ କର୍ତୃପକ୍ଷ କହିଛନ୍ତି । ବିହାରରେ ଗତ ଦୁଇଦିନ ହେଲାଣି ବାଣିଜ୍ୟିକ ଏଲ୍‌ପିଜି ବୁକିଂ ବନ୍ଦ ରହିଛି । ଫଳରେ ହୋଟେଲ୍ ଓ ରେଷ୍ଟୋରାଁଗୁଡ଼ିକ ଗୁରୁତର ପ୍ରଭାବିତ ହୋଇଛନ୍ତି । ଘରୋଇ ଗ୍ୟାସ୍ ପାଇବା ଲାଗି ଏଜେନ୍ସି ସାମ୍ନାରେ ଲୋକମାନେ ରାତିରୁ ଲମ୍ବା ଲାଇନ ଲଗାଉଛନ୍ତି । କିଛି ଗ୍ୟାସ୍ ଏଜେନ୍ସିରେ ତାଲା ଝୁଲୁଛି । ରାଜସ୍ଥାନରେ ୧୯୦୦ ଟଙ୍କାର ସିଲିଣ୍ଡର ୨୫୦୦ ଟଙ୍କାରେ ବିକ୍ରି ହେଉଛି । ପଞ୍ଜାବରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ବୁକିଂ ବନ୍ଦ ରହିଛି । ସୋମବାରଠାରୁ ବିଭିନ୍ନ ଜିଲ୍ଲାରେ କମର୍ସିଆଲ ଏଲ୍‌ପିଜି ଯୋଗାଣ ବନ୍ଦ ହୋଇଛି । ଗୁଜରାଟରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ୨୫୦୦୦-୩୦୦୦ ଟଙ୍କାରେ ବିକ୍ରି ହେଉଥିବା ଖବର ଆସିଛି । ଘରୋଇ ଗ୍ୟାସ୍ ପାଇବା ଲାଗି ମଧ୍ୟ ଲୋକମାନେ ଗ୍ୟାସ୍ ଏଜେନ୍ସି ସାମ୍ନାରେ ଲମ୍ବା ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି ।


# ପଦ୍ମ ଧରିଲେ ରବୀନ୍ଦ୍ର ଜେନା

ବାଲେଶ୍ୱର, ୧୧/୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜୁ ଜନତା ଦଳର ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ଜେନା ନିଜର ଶତାଧିକ ସମର୍ଥକ ମାନଙ୍କ ସହିତ ଆଜି ବିଧିବଦ୍ଧ ଭାବରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପଗୁଚ୍ଛ ଏବଂ ଟୋପି ପିନ୍ଧାଇ ଶ୍ରୀ ଜେନାଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଶ୍ରୀ ଜେନା କହିଥିଲେ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନୀତି, ଆଦର୍ଶ, ଦୃଢ଼ ନେତୃତ୍ୱ, ସ୍ୱଚ୍ଛ ଶାସନ ଏବଂ ବିକାଶଧାରାରେ ଅନୁପ୍ରାଣିତ ହୋଇ ଏବଂ ଭାରତୀୟ ଜନତା ପାର୍ଟିର ଜାତୀୟ ସଭାପତି ଶ୍ରୀଯୁକ୍ତ ନୀତିନ ନବୀନ ଏବଂ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କ ସାଂଗଠନିକ ଭାବଧାରାରେ ନିଜକୁ ସାମିଲ କରି ଆଂଚଳିକ ବିକାଶ ପାଇଁ ଭାରତୀୟ ଜନତା ପାର୍ଟିରେ ସାମିଲ ହେଲି । ଆଗାମୀ ଦିନରେ ଦଳୀୟ ନେତୃବୃନ୍ଦଙ୍କ ମାର୍ଗଦର୍ଶନରେ ଶୃଙ୍ଖଳାର ସହିତ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏବଂ ଅଂଚଳର ବିକାଶ ପାଇଁ କାମ କରିବୁ । ଏହି ମିଶ୍ରଣ ସମୟରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଭୁବନେଶ୍ୱର ମଧ୍ୟମ ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ ଉପସଭାପତି ବିରଂଚି ତ୍ରିପାଠୀ, ସିପ୍ରା



ବାଜପେୟୀ, ରାଜ୍ୟ ସମ୍ପାଦକ ସରୋଜ କର, ବିଜେପି ଯୁବନେତା ପ୍ରବୀର ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ବଡ଼ସାହି ବ୍ଲକ ଅଧକ୍ଷା ମିନତୀ ସିଂ, ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ବାଲେଶ୍ୱର ଭଦ୍ରକ ସେଂଟ୍ରାଲ କୋଅପରେଟିଭ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ବାଲେଶ୍ୱର ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଜିଲ୍ଲା ପରିଷଦ ସଭ୍ୟା ସୁଜାତାରାଣୀ ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ସଞ୍ଜୟ ସେଠୀ, ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସଭାପତି ରଞ୍ଜିତ କୁମାର ମହାପାତ୍ର, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ବରିଷ୍ଠ ବିଜେଡି ନେତା ଭାଗବତ ସାହୁ, ବାଦଲ ଦାସ, ସୁବ୍ରତ ପଣ୍ଡା, ପ୍ରଦୀପ ବିଶ୍ୱାଳ, ଲକ୍ଷ୍ମୀଧର ଦାସ, ଅଜୟ ସାମଲ, ଦେବ କୁମାର ଦେ, ଯାମିନୀକାନ୍ତ ନାୟକ, ଅନନ୍ତ ପାସା, ଇଂ ପ୍ରକାଶ ଦଳାଇ, ବିଶିକେଶନ ଧଳ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ଘନଶ୍ୟାମ ଗିରି, ଅମିତ୍ ନାୟକ, ଶମ୍ଭୁ ସିଂ, ଅନିନ୍ଦ୍ୟ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାହୁ, ଶରତ ବେହେରା, ବିଜେଡ଼ି ନେତ୍ରୀ ରଞ୍ଜିତା ମହାପାତ୍ର, ପ୍ରୀତିଲତା ସେଠୀ, ଅଶ୍ରିତା ତରାଇ , ଯୁବ ନେତା ସିମନ ଦାସ ମହାପାତ୍ର, ଅନୁପମ ମହାନ୍ତି, ଛାତ୍ର ନେତା ଫ୍ରାନ୍ସିସ୍ ବେକନ୍ ସ, ଶୁଭମ୍ ସାଇ ମହାପାତ୍ର, ଗୌରବ କୁମାର ଦାସ, ସୁଶାନ୍ତ ବେହେରାଙ୍କ ସମେତ ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ, ଜଳେଶ୍ୱର, ବଡ଼ସାହି, ବେତନଟୀ ବ୍ଲକର ବହୁ ସରପଂଚ, ସମିତି ସଭ୍ୟସଭ୍ୟା, ନାଏବ ସରପଂଚ ଏବଂ ପଂଚାୟତ ସଭାପତି ସମେତ ବାଲେଶ୍ୱର ଟାଉନରୁ ବହୁ କାଉନସିଲର ଓ ବହୁ ସଂଖ୍ୟାରେ ବିଜେଡି କର୍ମୀ ବିଜେପିରେ ବିଧିବଦ୍ଧ ଭାବରେ ସାମିଲ ହୋଇଥିଲେ ।

# ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ




ଭୁବନେଶ୍ୱର, ୧୧/୩ (ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧ ମଧ୍ୟରେ ଫସି ରହିଥିବା ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ପାଇଁ ରାଜ୍ୟ ସରକାର ଏବେ ଆକ୍ସନମୋଡରେ । ବିଦେଶ ମାଟିରେ ଥିବା ଓଡ଼ିଆ ଲୋକମାନଙ୍କୁ ସୁରକ୍ଷିତ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପରିସ୍ଥିତି ଉପରେ ସତର୍କ ନଜର ରଖିବା ଓ ଓଡ଼ିଆଙ୍କୁ ଫେରାଇ ଆଣିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସମଗ୍ର ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ଓ ହେଲପଲାଇନ୍ ନମ୍ବର ସହ ଯୋଗାଯୋଗ ପାଇଁ ମଧ୍ୟ ବିଦେଶରେ ଥିବା ଓଡ଼ିଆଙ୍କୁ ପରାମର୍ଶ ଦିଆଯାଇଛି । ମଧ୍ୟପ୍ରାଚ୍ୟ ସଙ୍କଟ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ମାର୍ଚ୍ଚ ୨ତାରିଖରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରରୁ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ଓଏସଡି ପ୍ରୀତିଶ ପଣ୍ଡାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି । ଏବେସୁଦ୍ଧା ମଧ୍ୟପ୍ରାଚ୍ୟରୁ ପ୍ରାୟ ୨୦୦ ଓଡ଼ିଆ ଲୋକ ସହାୟତା ପାଇଁ ଯୋଗାଯୋଗ କରିଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ସହ ନିୟମିତ ଯୋଗାଯୋଗରେ ରହିଥିବା ଜଣାପଡ଼ିଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ଉଦ୍ଧାର ଅଭିଯାନ ପାଇଁ ଏକ ସ୍ୱତନ୍ତ୍ର କଂଟ୍ରୋଲରୁମ୍ ସ୍ଥାପନ କରାଯାଇ ଟୋଲ ଫ୍ରି ନମ୍ବର ୧୮୦୦-୧୧୮-୭୯୭ ସମେତ ଅନ୍ୟ ୩ଟି ହେଲପଲାଇନ୍ ନମ୍ବର +୯୧-୧୧-୨୩୦୧୨୧୧୩, +୯୧-୧୧-୨୩୦୧୪୧୦୪ ଓ +୯୧-୧୧-୨୩୦୧୭୯୦୫ ମଧ୍ୟ ଜାରି ହୋଇଛି । ସାଧାରଣ ଜନତା ଏହି ନମ୍ବରଗୁଡ଼ିକୁ ସକାଳ ୯ ଟା'ରୁ ରାତି ୯ ଟାପର୍ଯ୍ୟନ୍ତ ଏହି ନମ୍ବରକୁ ଫୋନ୍ କରିପାରିବେ । ଅନ୍ୟପକ୍ଷରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବି ଓ ବାହାରିନରେ ଥିବା ଓଡ଼ିଆ ସଂଘଗୁଡ଼ିକ ସହ ଆଲୋଚନା କରି ସେଠାକାର ବାସ୍ତବ ଚିତ୍ର ସଂଗ୍ରହ କରାଯାଉଛି । ଦୁବାଇରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୯ଜଣ କୋଚି ଦେଇ ମାର୍ଚ୍ଚ ୭ ତାରିଖରେ ଭୁବନେଶ୍ୱର ଫେରିଛନ୍ତି । ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏୟାର ଇଣ୍ଡିଆ ଏକ୍ସପ୍ରେସର ସ୍ୱତନ୍ତ୍ର ଫ୍ଲାଇଟ ଜରିଆରେ ୮ତାରିଖରେ ଭୁବନେଶ୍ୱର ଫେରିଛନ୍ତି । ସେହିପରି ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରୁ ଏବେସୁଦ୍ଧା ପ୍ରାୟ ୬୫ ହଜାର ଭାରତୀୟଙ୍କୁ ନିରାପଦରେ ଉଦ୍ଧାର କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ଦିନକ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଓଡ଼ିଆମାନେ ଫସିଥିବା ନେଇ ଉଦବେଗ ବ୍ୟକ୍ତ କରିବା ସହ ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଥିଲେ ।

# ଜଳ ମହୋତ୍ସବ ୨୦୨୬କୁ ସମ୍ବୋଧିତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'ଜଳ ମହୋତ୍ସବ ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ, ଭାରତରେ ଜଳ କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ, ବରଂ ଏହା ଆମର ସଂସ୍କୃତି, ପରମ୍ପରା, ଜୀବିକା ଏବଂ ସାମୂହିକ ଜୀବନ ସହିତ ଗଭୀର ଭାବରେ ଜଡିତ ବୋଲି ରାଷ୍ଟ୍ରପତି କହିଛନ୍ତି । ଏତେ ବର୍ଷ ଧରି, ଗ୍ରାମବାସୀ, ବିଶେଷ କରି ମହିଳା ଏବଂ ପିଲାମାନଙ୍କୁ ଦୂର ସ୍ଥାନରୁ ପାନୀୟ ଜଳ ଆଣିବାକୁ ପଡୁଥିଲା । ସ୍ୱଚ୍ଛ ଜଳ ଯୋଗାଣ କେବଳ ସୁବିଧା ପ୍ରଦାନ କରିବାର ବିଷୟ ନଥିଲା ; ଏହା ସମୟ, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ବିଷୟ ଥିଲା । ଏହି ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ପାଇଁ, ଭାରତ ସରକାର 'ଜଳ ଜୀବନ ମିଶନ' ଆରମ୍ଭ କରିଥିଲେ । ପାନୀୟ ଜଳ ପାଇବା ପାଇଁ ସଂଘର୍ଷ କରୁଥିବା ଗ୍ରାମବାସୀମାନେ ଏବେ ସେମାନଙ୍କ ଘରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ପାଇପାରୁଛନ୍ତି । କେବଳ ସରକାର ନୁହଁନ୍ତି, ଯେତେବେଳେ ସମଗ୍ର ସମୁଦାୟ ଏକ ସମ୍ପଦର ଦାୟିତ୍ୱ ଗ୍ରହଣ କରେ, ସେତେବେଳେ ଏହାର ସଂରକ୍ଷଣ ଅଧିକ ପ୍ରଭାବଶାଳୀ ଏବଂ ସ୍ଥାୟୀ ହୋଇଯାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳ ପରିଚାଳନା ଏବଂ ସଂରକ୍ଷଣରେ ସାମୁହିକ ମାଲିକାନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ଅର୍ପଣ ଦିବସ' ପାଳନ କରିବା ଦ୍ୱାରା ଗ୍ରାମ



ପଂଚାୟତକୁ ଜଳ ଯୋଗାଣ ଭିତିଭୂମିର ଆନୁଷ୍ଠାନିକ ହସ୍ତାନ୍ତର ସାମୁଦାୟିକ ମାଲିକାନା ଭାବନାକୁ ସୁଦୃଢ଼ କରିବ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜଳ ପରୀକ୍ଷା, ପରିଚାଳନା ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ଏପରି ଅନେକ ଉଦାହରଣ ଅଛି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପ୍ରତିବଦ୍ଧତା ଏବଂ ସମର୍ପଣ ମହିଳା ଏବଂ ସମାଜର ଜୀବନରେ ସକାରାତ୍ମକ ପରିବର୍ତନ ଆଣିଥାଏ । ଜଳ ସୁରକ୍ଷା ସମସ୍ୟାର ସମାଧାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କ ଦକ୍ଷତାକୁ ଉପଯୋଗ କରିବା ବହୁତ ଲାଭଦାୟକ ହେବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ । ଜଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ବହୁବିଧ ଏବଂ ସହଯୋଗୀ ପ୍ରୟାସ ଜରୁରୀ ବୋଲି ରାଷ୍ଟ୍ରପତି କହିଥିଲେ । ସେ ଏହା ଜାଣି ଖୁସି ହୋଇଥିଲେ ଯେ 'ସ୍ୱଚ୍ଛ ଭାରତ ମିଶନ' ସହିତ ସମନ୍ୱୟରେ ଗ୍ରାମାଂଚଳରେ ଅପରିଷ୍କାର ଜଳ ପରିଚାଳନାକୁ ପ୍ରୋତ୍ସାହିତ କରାଯାଉଛି । ଜଳ ସମ୍ପଦଗୁଡ଼ିକୁ ବଜାୟ ରଖିବା ପାଇଁ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂଗଠନ ସହିତ ଭୂତଳ ଜଳ ପୁନଃଚାର୍ଜ ଏବଂ ଜଳ ସଂରକ୍ଷଣ ଉପରେ କାର୍ଯ୍ୟ କରାଯାଉଛି । କ୍ୟାଚ୍ ଦି ରେନ୍ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ଭଳି ଅଭିଯାନ ବର୍ଷା ଜଳ ସଂଗ୍ରହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେ କହିଥିଲେ ଯେ, ଏପରି ସମନ୍ୱୟ ଜଳ ସୁରକ୍ଷା ସୁନିଶ୍ଚିତ କରିବ । ରାଷ୍ଟ୍ରପତି କହିଥିଲେ ଯେ, ଜଳ ସଂରକ୍ଷଣ କରିବା ହେଉଛି ସମସ୍ତଙ୍କର ଦାୟିତ୍ୱ । ଆମେ ଜଳକୁ କେବଳ ଏକ ସାମଗ୍ରୀ ଭାବରେ ନୁହେଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ଦେଖିବା ଉଚିତ । ଆମର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ, ଆମକୁ ଜଳ ସଂରକ୍ଷଣକୁ ଆମ ଜୀବନର ଏକ ଅତ୍ୟାବଶ୍ୟକୀୟ ଅଂଶ କରିବାକୁ ପଡିବ । ଜଳ ପରିଚାଳନା ଏବଂ ସଂରକ୍ଷଣ ବିଷୟରେ ଯୁବ ପିଢ଼ିଙ୍କ ମଧ୍ୟରେ ସଚେତନତା ଭବିଷ୍ୟତରେ ଦେଶର ଜଳ ସୁରକ୍ଷାକୁ ସୁନିଶ୍ଚିତ କରିବ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ମହୋତ୍ସବ' ଭାରତର ଜଳ ସୁରକ୍ଷା ପାଇଁ ଏକ ପ୍ରମୁଖ ଆନ୍ଦୋଳନର ମାଧ୍ୟମ ହେବ । ଜଳ ଜୀବନ ମିଶନ ଅଧୀନରେ ଗ୍ରାମାଂଚଳରେ ପାନୀୟ ଜଳ ସେବା ପ୍ରଦାନ କରିବାରେ ଜନଭାଗୀଦାରୀ ଏବଂ ସାମୁଦାୟିକ ମାଲିକାନାକୁ ସୁଦୃଢ଼ କରିବା ପାଇଁ ଜଳ ଶକ୍ତି ମନ୍ତ୍ରଣାଳୟ ମାର୍ଚ୍ଚ ୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଜଳ ମହୋତ୍ସବ ୨୦୨୬ ଆୟୋଜନ କରୁଛି ।



# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର:୫୦ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ



ଧାମନଗର, ୧୧/୩ (ଆ.ପ୍ର) : ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଭଦ୍ରକ ବ୍ଲଡ଼ ବ୍ୟାଙ୍କ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଧବାର ୧୦ ଟା ସମୟରେ ଉଦଘାଟକ ଭାବେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା ଏସ.ପି ମନୋଜ କୁମାର ରାଉତ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶିବିରକୁ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବରେଣ୍ୟ ଅତିଥି ଭାବେ ବୌଦ ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ମୋହନ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ସମାଜସେବୀ ଅଶୋକ କୁମାର ମହାନ୍ତି, ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା,ଜିଲ୍ଲା ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇ କହିଲେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲାରେ ବହୁ ସାମାଜିକ ଓ ସମାଜସେବା କାର୍ଯ୍ୟ କରୁଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରତିବର୍ଷ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ସହିତ ବୃକ୍ଷ ରୋପଣ, ପବିତ୍ର ଜାଗର ଯାତ୍ରାରେ ଭକ୍ତଙ୍କୁ ଦହି ସର୍ବତ ବଂଟନ ଭଳି ମହାନ କାର୍ଯ୍ୟ କରୁଛି ଯାହାକି ଜନସାଧାରଣଙ୍କର ପ୍ରିୟ ଭାଜନ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସେକ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ,ସଂଜୀବ ନାୟକ, ରାମନାରାୟଣ ମହାନ୍ତି, ଅମର ନାୟକ, ସୁଜୟ ପାକଳ, ସନ୍ତୋଷ କୁମାର ସାହୁ, ମାନସ ପରିଡା,ରଞ୍ଜନ ମଳିକ, ଅଜୟ ମଲିକ, ରମେଶ ପାଗଳ, ପ୍ରଶାନ୍ତ ସାହୁ,ପ୍ରଦୀପ ବଳ, ଅକ୍ଷୟ ନାୟକ, ବାବି ସାହୁ,ମାନସ ପଣ୍ଡା, ଆଶିଷ କୁମାର ମହାନ୍ତି, ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଶାନ୍ତ ଦ୍ୱିବେଦୀ, ଏମଡି ଜାବିର ବାବୁ, ଅବଦୁଲ ଫିରୋଜ, ରଞ୍ଜିତ ଯେନା, ଶାହା ଫିରୋଜ, ଦୀନକୃଷ୍ଣ ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, କାଂହୁ ଚରଣ ଜେନା, ଆଲୋକ ନାୟକ, ସୀତାକାନ୍ତ ବିଶ୍ୱାଳ, ପ୍ରଭାକର ବାରିକ, ମାନସ ପଣ୍ଡା ପ୍ରମୁଖ ସାମ୍ବାଦିକ ମାନେ ଯୋଗଦେଇଥିଲେ । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରେ ଜିଲ୍ଲାର ବ୍ଲଡ଼ ବ୍ୟାଙ୍କ ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିବା ବେଳେ ସାମ୍ବାଦିକ ମାନଙ୍କ ଦ୍ୱାରା ୫୦ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ଖିଲାର ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ ୨୦୦୫ ସମ୍ବନ୍ଧିୟ ପ୍ରଶିକ୍ଷଣ କର୍ମଶାଳା



ନବରଙ୍ଗପୁର, ୧୧/୩ (ଆ.ପ୍ର) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନବରଙ୍ଗପୁର ପକ୍ଷରୁ ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ ୨୦୦୫ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଶେଷ ବକ୍ତା ଭାବେ ମହିଳା ଆଇନଜୀବୀ କିଶୋରୀ ପଟ୍ଟନାୟକ ଏବଂ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିଥିଲେ ଓ କର୍ମଶାଳାକୁ ପରିଚାଳନା କରିଥିଲେ । ଭୁବନେଶ୍ୱରରୁ ନିମନ୍ତ୍ରିତ ସୂଚନା ଅଧିକାର ଆଇନ ଉପରେ ରାଜ୍ୟ ବିଶେଷଜ୍ଞ ରଶ୍ମି ରଞ୍ଜନ ରାଉତ ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ,ସରକାରୀ କାର୍ଯ୍ୟାଳୟର ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ବିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା,ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା,ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ ଓ ପିପିଆଇଟି ମାଧ୍ୟମରେ ତାଲିମ ଦେଇଥିଲେ । କର୍ମଶାଳାରେ ଯୋଗ ଦେଇଥିବା ବକ୍ତା ଓ ଅଧ୍ୟକ୍ଷ ବିଶେଷ ଭାବରେ ସୂଚନା ଅଧିକାର ଆଇନକୁ ସ୍ୱଚ୍ଛ ଶାସନର ଦର୍ପଣ ଭାବେ ତୁଳନା କରି ପ୍ରଶାସନରେ ପାରଦର୍ଶିତା ଓ ଦାୟିତ୍ୱବୋଧ ରହିଲେ ସୂଚନା ଅଧିକାର ଆଇନ ଆହୁରି ସୁଦୃଢ଼ ହେବ ଏବଂ ଜନସାଧାରଣଙ୍କ ବିଭିନ୍ନ ତଥ୍ୟ ପ୍ରଦାନ ପାଇଁ ସରକାରୀ ଅଧିକାରୀ ଯତ୍ନବାନ ହେବାକୁ କହିଥିଲେ । ଏହି କର୍ମଶାଳାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ, ସହ ଜନ ସୂଚନା ଅଧିକାରୀ, ସହରର ବରିଷ୍ଠ ନାଗରିକ, ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ । ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଷ୍ଠିତ ମହାବିଦ୍ୟାଳୟ ସ୍ତର ଇଂରାଜୀ ଓ ବକ୍ତୃତା ପ୍ରତିଯୋଗୀତାର ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅଧ୍ୟକ୍ଷ ସାର୍ଟି ଫିକେଟ୍ ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ । କର୍ମଶାଳାରେ ଡେପୁଟୀ କଲେକ୍ଟର ମନ ମୋହନ ସାହୁ, ସମିନା ଅକତାରି, ସହକାରୀ ଜିଲ୍ଲାପାଳ ଶିବ ଶଙ୍କର ପାଢ଼ୀ, ଡିଏସଓ, ଡିଏଲଓ, ବରିଷ୍ଠ ନାଗରିକ ରାଧାନାଥ ବେହେରା, ରାମ ମୂର୍ତି ପଟ୍ଟନାୟକ, ବିଜୟ ଚୌଧୁରୀ, ମନୋରମା ମାଝି ପ୍ରମୁଖ ସହ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ସାହିତ୍ୟ ସିନ୍ଦୁରା ପାଳିଲା ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ




ଚିଲିକା/ବାଣପୁର, ୧୧/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଚିଲିକା ଅଂଚଳର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ସାହିତ୍ୟ ସିନ୍ଦୁରା ପକ୍ଷରୁ ୧୩ ଶ ତମ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ବାଣପୁର ବିଧାରପୁର ସ୍ଥିତ ଶୁଭ କଲ୍ୟାଣ ମଣ୍ଡପ ପରିସରରେ ବହୁ ସାରସ୍ୱତ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କ ସମାବେଶରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଅଧିବେଶନକୁ ଆନୁଷ୍ଠାନିକ ଭାବେ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ମା ଭଗବତୀ ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ସମ୍ପନ୍ନ କରାଯିବା ପରେ ବିଶିଷ୍ଟ କବି ପ୍ରାକ୍ତନ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରତିଷ୍ଠିତ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଏବଂ ଗୀତିକାର ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ପୁରୁଷୋତମ ମହାପାତ୍ର, ଭିକାରୀ ଚରଣ ପ୍ରଧାନ, ରଙ୍କନାଥ ସେଠି, ସନ୍ଧ୍ୟା ଦେବୀ, ଶଶୀଭୂଷଣ ବରାଳ, ପ୍ରହଲ୍ଲାଦ ବେହେରା, ସୁଶାନ୍ତ କୁମାର ଦାଶ, ବିମଳା ସିଂ, ଆନନ୍ଦ ଚନ୍ଦ୍ର ସେନାପତି, ଶିବ ସୁନ୍ଦର ପଟ୍ଟନାୟକ, ଗୋପୀନାଥ ଦାଶ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତି କରିଥିଲେ । ଏହି ଅବସରରେ ଓଡଆ ସଂସ୍କୃତିର ବଳିଷ୍ଠ ବିଭବ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଅନନ୍ୟା ପ୍ରିୟଦର୍ଶିନୀ ଲେଙ୍କା ଏବଂ ଆଦ୍ୟାଶା ପଟ୍ଟନାୟକ ପରିବେଷଣ କରିଥିଲେ । ଆଲୋଚନା ଚକ୍ର ଭିତିକ ପରବର୍ତୀ ଅଧିବେଶନ ଐତିହାସିକ ଓ ଗବେଷକ ମଦନ ମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ମାନ୍ୟଗଣ୍ୟ ଅତିଥି ମାନଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ପରିଷଦର ସମ୍ପାଦକ ଶିବ ସୁନ୍ଦର ପଟ୍ଟନାୟକ, କବୟତ୍ରୀ ବିମଳା ସିଂ, ଚିଲିକା ବାଣପୁର ଶାଖା ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍କନାଥ ସେଠି, ବରିଷ୍ଠ କବି ଓ ଗାଳ୍ପିକ ପୁରୁଷୋତମ ମହାପାତ୍ର, ବାଣପୁର ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ଃ ଚିନ୍ତାମଣି ମିଶ୍ର ପ୍ରମୁଖ ସେମାନଙ୍କ ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରାଚୀନତା, ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଓ ଓଡ଼ିଆ ଭାଷାର ବିକାଶରେ ସାରସ୍ୱତ ସାଧକ ମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟାବଳୀ ସମ୍ପର୍କୀୟ ସୂଚନା ପ୍ରଦାନ କରି ଶାସ୍ତ୍ରୀୟ ମାନ୍ୟତା ପାଇବାର ବାର ବର୍ଷ ପରେ ମଧ୍ୟ ଏହାର ସମୃଦ୍ଧି ପାଇଁ ଭାଷା ଆୟୋଗ ଗଠନରେ ଅନିଶ୍ଚିତତା ଓ ଏହାର ଦାୟିତ୍ୱରେ ଥିବା ବିଭିନ୍ନ ପ୍ରତିଷ୍ଠାନ ମାନଙ୍କର ନିଷ୍କ୍ରିୟତା, ସରକାରୀ କାର୍ଯ୍ୟାଳୟରେ ଏହାର ପ୍ରୟୋଗ ଏଯାବତ ହୋଇ ପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଏହି ଅବସରରେ ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ କବି ଗୋପୀନାଥ ଦାଶଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ସାହିତ୍ୟ ସିନ୍ଦୁରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା ଉପସ୍ଥିତ ଅତିଥି , ସାରସ୍ୱତ ସାଧକ ଓ ସାହିତ୍ୟ ସଂସ୍କୃତି ପ୍ରେମୀ ବ୍ୟକ୍ତି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ




ଖଲ୍ଲିକୋଟ, ୧୧/୩ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭାଗରେ ଏକ ସଭାରେ ଆୟୋଜନ କରାଯାଇଥିଲା । ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟନ କରିଥିଲେ ମୁଖ୍ୟଅତିଥି ତଥା ସ୍ନାତକୋତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନର ମହତ୍ୱ ସୂଚାଇବା ସହ ଛାତ୍ରଛାତ୍ରୀ ନିର୍ଭୁଲ ଓଡ଼ିଆ ଭାଷା କହିବା ଓ ଲେଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କାର୍ଯ୍ୟକ୍ରମର ସୂଚନା ଦେଇ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଶାସ୍ତ୍ରୀୟ ମାନ୍ୟତାର ବିଭିନ୍ନ ମାନଦଣ୍ଡରେ ଓଡ଼ିଆ ଭାଷା ଉତୀର୍ଣ୍ଣ ହେବା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଭାଗର ଡ. ବନମାଳୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧାଶୀଳ ଓ ଉତ୍ସର୍ଗୀକୃତ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଡ. ମନୋରଞ୍ଜନ ବିଷୋୟୀ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅବସରରେ ବିଭାଗର ଛାତ୍ର ରତିରମଣ ପୃଷ୍ଟି, ଗୁଲେକଚନ ନାୟକ, ଛାତ୍ରୀ ଲିପିକା ନାୟକ, ଅପରାଜିତା ପ୍ରମୁଖ ଶାସ୍ତ୍ରୀୟ ଓଡ଼ିଆ ଭାଷାର ମହତ୍ୱ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଭାଗ ପକ୍ଷରୁ ଶକ୍ତିକାପୁର, ବିଶ୍ୱରଂଜନ, ରତିରମଣ, ଲିପିକା, ଜ୍ୟୋସ୍ନା, ଡମ୍ବରୁ, ସିଦ୍ଧାନ୍ତ, ଅଜିତ, ଓଁକାର, ନନ୍ଦନ, ରାଜା ପ୍ରମୁଖ ବହୁ ଛାତ୍ରଛାତ୍ରୀ ସହଯୋଗ କରିବା ସହ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ ।

# ପବିତ୍ର ବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର, ୧୧/୩ (ଆ.ପ୍ର) : ଯାଜପୁର ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିରଜା ପଞ୍ଜିକା ଅନୁସାରେ ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୧୭ ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ଅବସରରେ ଭକ୍ତମାନଙ୍କ ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଡିଂ, ଆଲୋକିକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାରୁଣୀ ମେଳା ପରିସରରେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ୍ୟ ରହିବ । ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହାନ ପାର୍କିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ପୌର ପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମଲ୍ଲିକ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ପ୍ରଶାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡିଆ, ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳିତ




ପାରଳାଖେମୁଣ୍ଡି, ୧୧/୩ (ଆ.ପ୍ର) : ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଉପାଧ୍ଯୁତର ଓଡିଆ ବିଭାଗ ଓ ଆନ୍ତଃ ଗୁଣବତା ଆଶ୍ୱାସନା ପ୍ରକୋଷ୍ଠ (ଆଇ.କ୍ୟୁ.ଏ.ସି.)ର ମିଳିତ ଆନୁକୂଲ୍ୟରେ ଓଡିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଆଇ.କ୍ୟୁ.ଏ.ସି.ର ସଂଯୋଜକ ବିଘ୍ନେଶ୍ୱର ମିଶ୍ର ସମ୍ମାନିତ ଅତିଥି ରୂପେ ପେଗେଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ.ସୁମନ୍ତ କୁମାର ବେହେରା, ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ.ପ୍ରିୟବ୍ରତ ଶତପଥୀ, ରସାୟନ ବିଭାଗର ସହକାରୀ ପ୍ରଫେସର ଡ.ଗଣେଶ୍ୱର ସାହୁ, ଓଡିଆ ଭାଷା ଓ ସାହିତ୍ୟର ସହକାରୀ ପ୍ରଫେସର ଡ.ଚାରୁପ୍ରଭା ନାଏକ ମଂଚାସୀନ ଥିଲେ । ବକ୍ତାମାନେ ଓଡିଆ ଭାଷାର ଐତିହ ଓ ଏହାର ସାହିତ୍ୟିକ ସମୃଦ୍ଧି ... ଓଡିଆ ଭାଷା ଓ ସାହିତ୍ୟର ମୁଖ୍ୟ ଡ. ବିପ୍ଳବ ରଂଜନ ପ୍ରଧାନ ପାଠଚକ୍ରର ଦାୟିତ୍ୱ ଓ ସମନ୍ୱୟ ଉପରେ ବୁଝାଇଥିଲେ । ଆୟୋଜିତ ଏହି ସମାବେଶରେ ଓଡିଆ ବିଭାଗର ଛାତ୍ରୀ ସ୍ନେହା ବେହେରା ଓ ଛାତ୍ର ବିଶ୍ୱଜିତ ମହାପାତ୍ର ନିଜ ସନ୍ଦର୍ଭ ପାଠ କରିଥିଲେ । ପ୍ରାରମ୍ଭରେ ଲିସାରାଣୀ ପାଢ଼ୀଂକର ଭାବମୟ ସ୍ୱାଗତ ସଗୀତ ସାହିତ୍ୟିକ ଓ ସାଂସ୍କୃତିକ ପରିବେଶକୁ ଉନ୍ମୁକ୍ତ ଓ ସୁଗମ କରିଥିଲା । ଶେଷରେ ଓଡିଆ ବିଭାଗର ଅଧ୍ୟାପକ ଅର୍ଜୁନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୁନ୍ଦର ଭାବବିନିମୟ ଏହି ଆଲୋଚନାଚକ୍ର ପ୍ରାସଂଗିକତା ଭିତିରେ ...

# ଆଂକୁଲାଚଟି ସପ୍ତଦୋଳରେ ପାଟପଟୁଆର ତାଳେ ତାଳେ ଝୁମିଲେ ଦର୍ଶକ



ଚିଲିକା, ୧୧/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଆଙ୍କୁଲାଚଟି ସପ୍ତଦୋଳ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଅଛି ପ୍ରସିଦ୍ଧ ସପ୍ତଦୋଳ ମେଳଣ । ପୌରାଣିକ ତଥା ଐତିହାସିକ ଶୋଳରି ପାହାଡ଼ର ପାଦଦେଶରେ କାହିଁ କେଉଁ କାଳରୁ ପାଳନ ହୋଇ ଆସୁଛି ଏହି ସପ୍ତଦୋଳ ମେଳଣ ଯାତ୍ରା । ଦୈତ୍ୟରାଜ ବାଣାସୁରର ତପସ୍ୟା ସ୍ଥଳୀ ଶୋଳରି ଶାମୁକା ସ୍ଥଳୀର ପାଦଦେଶରେ ପାଳିତ ହେଉଥିବା ଏହି ଯାତ୍ରା ଉତ୍ସବ ମହାସମାରୋହରେ ପଂଚୁପଲ୍ଲୀ ସୀମା ଗ୍ରାମବାସୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଚଳିତ ବର୍ଷ ଦର୍ଶକଙ୍କ ସମାଗମ ବେଶ୍ ପରିଲକ୍ଷିତ ହୋଇଥିବାର ଦେଖାଯାଇ ଥିଲା । ସପ୍ତମୀ ଦିନ ରାତ୍ରୀରେ ମାହେନ୍ଦ୍ର ବେଳାରେ ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ମୁଖ୍ୟ ଅତିଥି ଭାବରେ ଆସୁଥିବା ଶ୍ରୀ ଶ୍ରୀ କଳିଯୁଗେଶ୍ୱର ମହାଦେବ ପାଟ ପଟୁଆର ସହିତ ଆସିଥିଲେ । ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଆଜ୍ଞାମାଳ ନେଇ ଶ୍ରୀ ଶ୍ରୀ କଳିଯୁଗେଶ୍ୱର ଦେବଙ୍କୁ ପାଛୋଟି ଆଣିଥିଲେ କମିଟିର ସଂପାଦକ ଓ ସଦସ୍ୟ ବୃନ୍ଦ । ଉଭୟ ଠାକୁର ନିଜନିଜ ଆସନରେ ଉପବେସନ କରିବା ପରେ ଅନ୍ୟ ଠାକୁର ମାନେ ଯଥାରୀତି ନିଜ ନିଜର ଆସନ ଅଳଙ୍କୃତ କରିଥିଲେ । ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ଶ୍ରୀ କଳିଯୁଗେଶ୍ୱର ଦେବ , ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ଆଜ୍ଞାମାଳ, ଶ୍ରୀ ଶ୍ରୀ ସାିଙ୍ଗିନାଥ ଦେବ ସିଙ୍ଗେଶ୍ୱର, ଶ୍ରୀ ଶ୍ରୀ କୁଞ୍ଜବିହାରୀ ଦେବ ଶୀଙ୍ଗେଶ୍ୱର,ଶ୍ରୀ ଶ୍ରୀ କୁଞ୍ଜବିହାରୀ ଦେବ ଶୀଙ୍ଗେଶ୍ୱର ମଠ ଠାକୁର, ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ ପାଇକକୁଷଡିହ, ଶ୍ରୀ ଶ୍ରୀ ଗୋପିନାଥ ଦେବ ପ୍ରଣଦେଇପୁର, ଶ୍ରୀ ଶ୍ରୀ ଜଳେଶ୍ୱର ଦେବ ଖଣ୍ଡୁଆଳକୋଟ,ଶ୍ରୀ ଶ୍ରୀ ଗୋପାଳଜୀଉ ଦେବ ଧୁଆଁଳ, ଶ୍ରୀ ଶ୍ରୀ ରାଧାମୋହନ ଦେବ ପାଇକକୁଷଡିହ,ଶ୍ରୀ ଶ୍ରୀ ରାଧାମୋହନ ଦେବ କୋତରୀ,ଶ୍ରୀ ଶ୍ରୀ ରାଧାମୋହନ ଦେବ ବିଷ୍ଣୁଡ଼ିହ,ଶ୍ରୀ ଶ୍ରୀ ରାଧାମୋହନ ଦେବ ପାରିକଂସାରୀ,ଶ୍ରୀ ଶ୍ରୀ ରାଧାମୋହନ ଦେବ କୁମାଣ୍ଡୋଳ , ଶ୍ରୀ ଶ୍ରୀ ଦଧିବାମନ ଦେବ ଦାମୋଦର ପୁର, ଶ୍ରୀ ଶ୍ରୀ ଗୋପିନାଥ ଦେବ ବ୍ରାହ୍ମଣକୁଷଡିହ, ଶ୍ରୀ ଶ୍ରୀ ପାର୍ବତୀ ଦେବୀ ବ୍ରାହ୍ମଣକୁଷଡିହ, ଶ୍ରୀ ଶ୍ରୀ ବୃନ୍ଦାବନଚନ୍ଦ୍ର ଦେବ ସାମନ୍ତସିଂହାର ପୁର, ଶ୍ରୀ ଶ୍ରୀ ସୋମନାଥ ଦେବ ରାହାଣବେଲି, ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବ ରଘୁନାଥପୁର,ଶ୍ରୀ ଶ୍ରୀ ଗିରିଧାରୀ ଦେବ ରାହାଣବେଲି ଠାକୁର ଉପବେଶନ ହୋଇଥିଲେ । ପ୍ରାୟତଃ ଗ୍ରାମବାସୀ ଠାକୁର ମାନଙ୍କୁ ବେଶ୍ ଭଲ ଭାବରେ ସୁସଜ୍ଜିତ କରି ପାଟ ପଟୁଆର ସହିତ ଆସିଥିଲେ । ଲାଗୁଥିଲା ସତେ ଯେମିତି ସ୍ୱର୍ଗରୁ ଦେବତା ମାନେ ଏଠାରେ ଅବସ୍ଥାପିତ ହୋଇ ଦେବସଭା କରୁଛନ୍ତି । ସିଖରପଦର ଗ୍ରାମବାସୀଙ୍କ ତତ୍ୱାବଧାନରେ ଓ ସହଯୋଗରେ ଏ ବର୍ଷର ଏହି ସପ୍ତଦୋଳ ଯାତ୍ରା ଉତ୍ସବରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ମନୋରଂଜନ ନିମିତ ଖାସ୍ କରି ରାମ ନାଟକ ପରିବେଷଣ କରାଯାଉଅଛି । ଭକ୍ତି ଭାବ ଧାରାକୁ ଅକ୍ଷତ ରଖିବାକୁ ଏହି ପ୍ରୟାସ ରାତ୍ରି ପ୍ରାୟ ଦଶଟା ପର୍ଯ୍ୟନ୍ତ ଚାଲିବ । ତେବେ ସପ୍ତଦୋଳ ମେଳଣ ଅପରାହ୍ନ ପାଂଚଟାରେ ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ବେଳେ ଠାକୁର ମାନଙ୍କର ବିଦାୟ ମେଲାଣି ବହୁତ ମନଲୋଭା ହୋଇଥିଲା । ୨୨ ବିମାନ ଓ ଚଉଦଳରେ ବିରାଜ ମାନ ଠାକୁର ମାନେ ବିଦାୟ ମେଲାଣି ମାଗି ଯିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦସ୍ପର୍ଶୀ ଥିଲା । ସାତ ଘେରା ମେଳଣ ସରିବା ପରେ ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଜଣକପରେ ଜଣେ ଠାକୁର ଆସନ୍ତା ବର୍ଷକୁ ଏକାଠି ହେବାକୁ ବିଦାୟ ନେଇ ଫେରିଯାଇଥିଲେ ପୁଣି ବର୍ଷକର ଅପେକ୍ଷାରେ । ଭକ୍ତଙ୍କ ଠାକୁର, କିଛି ଦିନର ଲୀଳା କରି ଫେରିଯିବେ ନିଜ ନିଜର ମନ୍ଦିରକୁ । ପଂଚୁପଲ୍ଲୀ ସୀମା ସପ୍ତଦୋଳ କମିଟି ଓ ଶିଖରପଦର ଗ୍ରାମବାସୀଙ୍କର ମିଳିତ ସହଯୋଗରେ ସପ୍ତଦୋଳ ଯାତ୍ରା ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ ହୋଇଥିବା ଜଣାଯାଇଛି ।ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ପୋଲିସ୍ ବାହିନୀ ଓ ବାଲୁଗାଁ ଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ସହଯୋଗ ପ୍ରଦାନ କରା ଯାଇଥିଲା । ସପ୍ତଦୋଳ କମିଟି ପକ୍ଷରୁ ସମସ୍ତଙ୍କୁ ସପ୍ତଦୋଳ ଯାତ୍ରାର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରାଯାଇଅଛି ।


13001/595/2526

**OFFICE OF THE BARIPADA MUNICIPALITY**
**BARIPADA, MAYURBHANJ- 757001**
Tel: 06792-252703
Website: www.baripadamunicipality.in e-mail: baripadam.hud@od.gov.in

No. 735 /PW/Date: 09-03-2026

**Request for Proposal (RFP)**

1. Name of the work : *Supply and erection of prefab RCC compound wall in Baripada Municipality"*
2. Date of sale of bid document : From 10.00 AM dtd.12.03.26 up to 3.00 PM of dt.20.03.2026
3. Last date & time of receipt of bid documents : Up to 1.00 P.M. of dt. 24.03.2026
4. Date and time of opening of bid : At 4.00 PM of dt.24.03.2026
5. Mode of deposit towards cost of Bid document & EMD : As per the detailed notice inviting RFP
6. Name and address of the Officer Inviting quotation : Executive Officer, Baripada Municipality, Mayurbhanj

Further details can be had from the web sitewww.baripadamunicipality.in and http://www.mayurbhanj.odisha.gov.in from 10.00 AM of dt.12.03.2026 to 3.00 PM of Dt.20.03.2026 or from the office of the undersigned during office hours on all working days.

Executive Officer
Baripada Municipality

OIPR- 13001/13078/1/25-26/0029




ସେଇଠୁ ଆରମ୍ଭ

SEITHO ARAMBHA

ଗୁରୁବାର, ୧୨ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩





**ଦ.ପୂ. ରେଳବାଇ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୬/୦୩/୧, ତାରିଖ ୧୦.୦୩.୨୦୨୬। ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟର), ଏସ୍. ଇ. ରେଳବାଇ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଏବଂ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି । ଜିନିଷଗୁଡ଼ିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖରେ **୧୫.୦୦ ଘଂଟା ପୂର୍ବରୁ** ଏବଂ **୧୫.୩୦ ଘଂଟାରେ ଖୋଲାଯିବ । କ୍ରମିକ ସଂଖ୍ୟା ଏବଂ ଟେଣ୍ଡର ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଆୟ ଟଙ୍କା (୧) E-KGPW-DEN-୦୩- ୨୦୨୬;** ୱାର୍କସପ୍ ଡିପୋ, ଖଡ଼ଗପୁର ୱାର୍କସପ୍ ଅଧୀନରେ ୩- ପର୍ଯ୍ୟାୟ EMU ଜିନିଷ ୦୫ ଡିପୋ (WELS) ପାଇଁ ନୂତନ ଗୋଦାମ ନିର୍ମାଣ; ଟ. ୨,୦୧,୭୧,୭୪୭.୫୦; ଟ. ୨,୫୦,୯୦୦/- । **(୨) E- KGPW-DEN-୦୪-୨୦୨୬;** (କ) ଖଡ଼ଗପୁର କର୍ମଶାଳା, NWS ଏବଂ NS ୟାର୍ଡର ଭିତର ଏବଂ ବାହାରେ TWS ସହିତ ଟର୍ଣ୍ଣଆଉଟ୍ ନବୀକରଣ (TTR) କାର୍ଯ୍ୟର କାର୍ଯ୍ୟ ସମ୍ପାଦନ, ଏବଂ (ଖ) ଡିଭିଜନାଲ ଇଞ୍ଜିନିୟର/WSP/ଖଡ଼ଗପୁରଙ୍କ ଅଧିକାରକ୍ଷେତ୍ରରେ ୧୪.୭୨୫ Tr. Km ପାଇଁ TRR(S); ଟ. ୧, ୬୩, ୯୪, ୨୧୩.୮୪; ଟ. ୨,୩୨,୦୦୦/- । **ଟେଣ୍ଡର ଡକ୍ୟୁମେଂଟ ମୂଲ୍ୟ:** ଉଭୟ ପାଇଁ ୦.୦୦ । **ଖୋଲିବାର ତାରିଖ:** ଉଭୟ ପାଇଁ ୦୨.୦୪.୨୦୨୬ । **କାର୍ଯ୍ୟ ସମାପ୍ତି ଅବଧି:** ଉଭୟ ପାଇଁ ୧୨ ମାସ । **ବିଡିଂ ଆରମ୍ଭ ତାରିଖ:** ୧୯.୦୩.୨୦୨୬ ରୁ ଏବଂ ୦୨.୦୪.୨୦୨୬ ତାରିଖ ୧୫.୦୦ ଘଂଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିଶିଷ୍ଟୀକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର. ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ । (PR-1286)


# ଖଣି ଅଧିକାରୀଙ୍କ ଦ୍ୱାରା ଦୁଇ ଟ୍ରାକ୍ଟର ଜବତ



**‘ସେଇଠୁ ଆରମ୍ଭ’ ପ୍ରଭାବ**

ବାଲିଆପାଳ, ୧୧/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଇକଡପାଳ ପନ୍ତାଇ ଘାଟରୁ ପ୍ରତ୍ୟେକ ଦିନ ନୌକା, ଟ୍ରକ୍, ଟ୍ରାକ୍ଟର, ଜେସିବି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଥିଲା । ସେଇଠୁ ଆରମ୍ଭ ର ଖବର ପ୍ରକାଶ ପରେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ମଧ ବାଲି ମାଫିଆ ମାନେ ପ୍ରଶାସନକୁ ହାତବାରିସୀ କରି ରାତି ଦିନ ବାଲି ଲୁଟ୍ କରିଆସୁଥିଲେ । ଫଳରେ ନଦୀ ତଟ ଅସୁରକ୍ଷିତ ହୋଇପଡୁଛି, ଚିନ୍ତାରେ ସ୍ଥିନୀୟ ବାସିନ୍ଦା ।ଖବର ପାଇ ବୁଧବାର ପୂର୍ବାହ୍ନରେ ଖଣି ବିଭାଗ ଅଧିକାରୀ ସତ୍ୟ ଚୀନ୍ମୟ ଜେନା ଓ ତାଙ୍କ ଟିମ ପନ୍ତାଇ ଘାଟରେ ଚଢ଼ାଉ କରିଥିଲେ । ବାଲି ଉଠାଉ ଥିବା ନୈକା ଗୁଡ଼ିକ ନଦୀ ଭିତରକୁ ପଳାଇ ଯାଇଥିବା ବେଳେ ଦୁଇଟି ଟ୍ରାକ୍ଟର ଜବତ କରି ବାଲିଆପାଳ ଥାନାରେ ଜିମା ଦେଇଛନ୍ତି । ଜବଦ ହୋଇଥିବା ଗାଡ଼ି ନମ୍ବର ୦ଡ଼୦୧ଇ୨୦୦୮ ଏବଂ ୦ଜ୦୧୫୩୬୫୭ । ସୁବର୍ଣ୍ଣ ରେଖା ନଦୀର ବିଭିନ୍ନ ସ୍ଥାନରୁ ବାଲି ଉତୋଳନକୁ ବନ୍ଦ କରିବା ପାଇଁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବାଲିଆପାଳରେ ଟାଟା ଷ୍ଟିଲ ଫାଉଣ୍ଡେସନ ଅରୁଣିମା, ୨୦୨୬ର ଶୁଭାରମ୍ଭ

## ଫୋକସରେ ଜଳବାୟୁ ଅନୁକୂଳ ଜୀବନଶୈଳୀ, ଆଖପାଖ ଗାଁରୁ ମହିଳା ଏବଂ ଚାଷୀ ଯୋଗ ଦେଇଥିଲେ

ବାଲିଆପାଳ, ୧୧/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅଧିନରେ ଥିବା ଦେଉଳ ଗାଁର ମିନି ଷ୍ଟାଡିୟମରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅରୁଣିମା, ୨୦୨୬ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ସୁବର୍ଣ୍ଣ ରେଖା ପୋ଼ସଟ ସହ ମିଳିତଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୨ ରେ ଶେଷ ହେବ ।ଅରୁଣିମାର ପ୍ରଥମ ଦିନରେ ଆଖପାଖ ଗାଁର ଚାଷୀ, ମହିଳା, ଯୁବକଯୁବତୀ ତଥା ଆଂଚଳିକ ସଂଗଠନର କର୍ମକର୍ତାମାନେ ଯୋଗ ଦେଇଥିଲେ । ଏହା ସହ ବିଭିନ୍ନ ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି, ସ୍ଥାନୀୟ ଲୋକମାନଙ୍କୁ ଜଳବାୟୁ ପରିବର୍ତନର ନକରାତ୍ମକ ପ୍ରଭାବ ସମ୍ପର୍କରେ ବୁଝାଇଥିଲେ ଏବଂ ଏହାର ମୁକାବିଲା ପାଇଁ କିପରି ଭାବେ ଅନୁକୂଳ ଜୀନଶୈଳୀକୁ ଆପଣାଇ ହେବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାନ୍ତନୁ ବାନାର୍ଜୀ, ଡେପୁଟି ସିଇଓ, ଓଆରଏମଏଏସ, ବାଲେଶ୍ୱର; ରଞ୍ଜିତା ପାତ୍ର, ବ୍ଲକ କୃଷି ଅଧିକାରୀ, ବାଲିଆପାଳ; ରଶ୍ମି ରେଖା ବିନ୍ଦାନୀ, ମହାପ୍ରବନ୍ଧକ, ବାଲେଶ୍ୱର-ଭଦ୍ରକ ଦୁଗ୍ଧ ସଂଘ,




ଲଲାତେନ୍ଦୁ ଦାସ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ବସ୍ତା, ଆଦିତ୍ୟ ପାତ୍ର, ଅବସରପ୍ରାପ୍ତ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର; ସୁଭାଷ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ତଥା ପ୍ରଫେସର, ଫଳ ବିଜ୍ଞାନ ଏବଂ ଉଦ୍ୟାନ କୃଷି ପ୍ରଯୁକ୍ତିବିଦ୍ୟା ବିଭାଗ, ଓୟୁଏଟି; ଶୈଳେଶ ବର୍ମା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଏସପିପିପିଏଲ, ରାଇମତ୍ ଟୁଡୁ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, ଏସ୍ ପିପିଏଲ୍, ପ୍ରମୋଦ ପାତ୍ର, ହେଡ, ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରମୁଖ ଉପସ୍ଥିତ ରହିଥିଲେ । ଚଳିତ ବର୍ଷର ଅରୁଣିମା କାର୍ଯ୍ୟକ୍ରମରେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଛି । ପ୍ରଥମଟି ହେଉଛି, ଜଳବାୟୁ ପରିବର୍ତନର ମୁକାବିଲା ପାଇଁ ବିଜ୍ଞାନ କେନ୍ଦ୍ରିତ କୃଷି ପଦ୍ଧତିର ଉପଯୋଗ, ଏବଂ ଦ୍ୱିତୀୟଟି ହେଉଛି ଦୀର୍ଘସ୍ଥାୟୀ ଜୀବିକା ଉଦ୍ୟୋଗ ଦ୍ୱାରା ମହିଳାମାନଙ୍କ ସଶକ୍ତିକରଣ । ଅରୁଣିମାର ପ୍ରଥମ ଦିନରେ ଯୋଗ ଦେଇଥିବା ବାଲିପାଳ ଓ ବସ୍ତା ଦୁଇଟି ବ୍ଲକର ୨୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଓୟୁଏଟିର ବିଶେଷଜ୍ଞ ଏବଂ ବରିଷ୍ଠ ଅଧିକାରୀମାନେ ଅଭିନବ କୃଷି ପଦ୍ଧତି, ସରକାରୀ ଯୋଜନା ଏବଂ ଦୀର୍ଘସ୍ଥାୟୀ ଚାଷ ପ୍ରଣାଳୀ ସମ୍ପର୍କରେ ଅବଗତ କରାଇଥିଲେ । ଏହା ସହ ବିବିଧ ଏବଂ ସମନ୍ୱିତ କୃଷି ପ୍ରଣାଳି ମାଧ୍ୟମରେ ଧାନ, ବାଜରା, ଡାଲି ତଥା ମତ୍ସ୍ୟ ଏବଂ ଦୁଗ୍ଧ ଚାଷ କରି ଚାଷୀମାନେ କିପରି ଭାବେ ସେମାନଙ୍କ ଆୟକୁ ବୃଦ୍ଧି କରିପାରିବେ ସେସମ୍ପର୍କରେ ବିଶେଷଜ୍ଞମାନେ ବୁଝାଇଥିଲେ । ଏହି ଅଧିବେଶନରେ ଏସଆରଆଇ (ସିଷ୍ଟମ ଅଫ ରାଇସ୍ ଇଂଟେନସିଫିକେସନ୍), ପନିପରିବା ଚାଷ, ଦୁଗ୍ଧଚାଷ ଏବଂ ମତ୍ସ୍ୟଚାଷ କରୁଥିବା ବିଭିନ୍ନ ଚାଷୀମାନେ ଯୋଗ ଦେଇଥିଲେ । ନିଜ ଅଂଚଳର ମାଟିର ଗୁଣବତା ସମ୍ପର୍କରେ ଜାଣିବା ପାଇଁ ଚାଷୀମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲାଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା , ଓରମାସ୍, ବାଲେଶ୍ୱରର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତନୁ ବାନାର୍ଜୀ, ଅରୁଣିମା ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଳବାୟୁ ପରିବର୍ତନ ର ମୁକାବିଲା ପାଇଁ ଅନୁକୂଳ ଜୀବନଶୈଳୀ ଉପରେ ଆଲୋଚନା କରିବାକୁ ଚାଷୀ, ମହିଳା ଉଦ୍ୟୋଗୀ, ବିଶେଷଜ୍ଞ ଏବଂ ସ୍ଥାନୀୟ ସଂଗଠନମାନଙ୍କୁ ଏକତ୍ରିତ ହେବା ବେଶ ଉତ୍ସାହର ବିଷୟ । ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ମୋ ପାଇଁ ଏକ ଉତମ ଅନୁଭୂତି ।ସେହିପରି, ପ୍ରମୋଦ କୁମାର ପାତ୍ର, ହେଡ୍, ଟାଟା ଷ୍ଟିଲ୍ ଫାଉଣ୍ଡେସନ, ବାଲେଶ୍ୱରର ୟୁନିଟ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖି କହିଛନ୍ତି, ‘ଅରୁଣିମା ଏକ ଉତମ ମଂଚ ଭାବରେ କାର୍ଯ୍ୟ କରିଆସିଛି ଯେଉଁଠାରେ ସ୍ଥାନୀୟ ଲୋକ, ବିଶେଷଜ୍ଞ ଏବଂ ସଂଗଠନଗୁଡ଼ିକ ନିଜ ଅଭିଜ୍ଞତା ବାଂଟିବା ସହ ଜଳବାୟୁ ସହନଶୀଳ ଜୀବିକା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକତ୍ରିତ ହୋଇଛନ୍ତି । କୃଷକ ଏବଂ ମହିଳାମାନଙ୍କୁ ଆର୍ଥିକ ସ୍ତରରେ ଉନ୍ନତ କରିବା ସହ ଜଳବାୟୁ ପରିବର୍ତନର ମୁକାବିଲା କରିବା ପାଇଁ ଏହିପରି ସାମୂହିକ ପ୍ରୟାସ ଜରୁରୀ ।ଅରୁଣିମା ଜଳବାୟୁ-ସହନଶୀଳ ଜୀବିକାରେ ମହିଳାଙ୍କ ଅଂଶଗ୍ରହଣ ଉପରେ ମଧ ଗୁରୁତ୍ୱାରୋପ କରିଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୦୦ ମହିଳା ଉଦ୍ୟୋଗୀ ଏକ କର୍ମଶାଳାରେ ଯୋଗ ଦେଇଥିଲେ । ବିଭିନ୍ନ ଉଦ୍ୟୋଗୀ ଏବଂ ସରକାରୀ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଅଧିବେଶନରେ ଦୀର୍ଘସ୍ଥାୟୀ ଉଦ୍ୟୋଗ ଏବଂ ନୂତନ ଜୀବିକା ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା ଯାହା ଜଳବାୟୁ ପରିବର୍ତନର ମୁକାବିଲା କରିବା ସହିତ ଘରୋଇ ଆୟ ବୃଦ୍ଧି କରିପାରିବ । ମହିଳା ସଶକ୍ତିକରଣ ପଦକ୍ଷେପର ଏକ ଅଂଶ ଭାବରେ ଛତୁ ଚାଷ, ସବାଇ ଘାସ ହସ୍ତଶିଳ୍ପ, ଆପ୍ଲିକ୍ କାର୍ଯ୍ୟ ଏବଂ ଝୋଟ ହସ୍ତଶିଳ୍ପରେ ସଫଳତା ପାଇଁ ଛଅ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା ।

# ନୀଳଗିରି ମହାବିଦ୍ୟାଳୟରେ ଅଧ୍ୟାପକ ଅଧ୍ୟାପିକାଙ୍କୁ ନେଇ ମନସ୍ତାତ୍ତ୍ୱିକ କର୍ମଶାଳା



ନୀଳଗିରି, ୧୧/୦୩ (ଆ.ପ୍ର) : ନୀଳଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ପୌରୋହିତ୍ୟରେ ଏକ ମନସ୍ତାତ୍ତ୍ୱିକ କର୍ମଶୀଳା ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ନାକ୍ କମିଟି ସଂଯୋଜିକା ଡକ୍ଟର ସ୍ମିତା ରାଜ ଓ ଅନ୍ୟତମ ସଂଯୋଜକ ଡକ୍ଟର ନଳିନୀ କାନ୍ତ ପାଢ଼ୀଙ୍କ ସାହଚର୍ଯ୍ୟ ରେ ଇତିହାସ ବିଭାଗର ମୁଖ୍ୟ ଘନଶ୍ୟାମ ଗିରି ଏହି କର୍ମଶାଳାର ସଂଚାଳନ କରିଥିଲେ । ଏଥିରେ ମୁଖ୍ୟ ବକ୍ତା ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ମନସ୍ତାତ୍ତ୍ୱିକ ବିଭାଗର ସହକାରୀ ପ୍ରାଧ୍ୟାପକ ଶଶାଙ୍କ ଶେଖର ଗଡନାୟକ ଓ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡକ୍ଟର ଶଂକର୍ଷଣ ନାୟକ ଯୋଗଦାନ କରିଥିଲେ । ଅଧ୍ୟକ୍ଷ ମହୋଦୟ ନିଜ ଅଭିଭାଷଣରେ, ଏଭଳି ଉଚ୍ଚମାନର କର୍ମଶାଳା ମାଧ୍ୟମରେ ନୀଳଗିରି ମହାବିଦ୍ୟାଳୟରେ ଅଧ୍ୟାପକ /ଅଧ୍ୟାପିକାଂକୁ ନେଇ ମନସ୍ତାତ୍ତ୍ୱିକ କର୍ମଶାଳା ଅନୁଷ୍ଠିତ ହୋଇ ଥିବାରୁ,ଏଥିରେ ଖୁସି ପ୍ରକଟ କରି ଏଭଳି ଉଚ୍ଚମାନର କର୍ମଶାଳା ମାଧ୍ୟମରେ ମହାବିଦ୍ୟାଳୟର ସୁନାମ ବଢିବା ସହିତ ନାକ୍‌ର ପ୍ରଶଂସା ଭାଜନ ହୋଇପାରିବା ସହଜ ବୋଲି କହିଥିଲେ । ମୁଖ୍ୟ ଅତିଥି ଡକ୍ଟର ନାୟକ ଏହି କର୍ମଶାଳା ମହାବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକାଙ୍କ ଲାଗି ବିଶେଷ ଉପଯୋଗୀ ହେବ ବୋଲି ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟ ବକ୍ତା ଏହି କର୍ମଶାଳା ଆୟୋଜନ ଲାଗି ସମସ୍ତଂକୁ ସାଧୁବାଦ ଜଣାଇ ଭବିଷ୍ୟତରେ ଛାତ୍ର/ଛାତ୍ରୀଙ୍କ ପାଇଁ ଅନୁରୂପ କର୍ମଶାଳା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଡକ୍ଟର ସ୍ମିତା ରାଜ ଏହି କର୍ମଶାଳା ଅଧ୍ୟାପକ/ ଅଧ୍ୟାପିକାଙ୍କ କର୍ମଦକ୍ଷତା ବଢାଇବାରେ ଏକ ଅଦ୍ଭୁତ ସଂଯୋଗ ବୋଲି ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ସଂଚାଳନ ଶ୍ରୀ ଗିରି ଅତିଥି ଗଣଂକୁ ତଥା ଏଥିରେ ଭାଗନେଇଥିବା ଅଧ୍ୟାପକ /ଅଧ୍ୟାପିକାଂକୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇକେଲ ଚାଳକଙ୍କୁ ଧକ୍କା ଦେଲା ଟ୍ରକ, ଜଣେ ମୃତ୍ୟୁ



ଭୋଗରାଇ, ୧୧/୦୩ (ଆ.ପ୍ର) : ଭୋଗରାଇ ବ୍ଲକ ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଜୟନଗର ଛକ ଅନୀତ ଦୂରରେ ସନ୍ଧ୍ୟା ୮ଟା ସମୟରେ ଏକ ଚିହ୍ନ ବୋଝେଇ ଓଡି ୦୧ ଏ ଏଲ ୬୫୯୯ ନମ୍ବର ବିଶିଷ୍ଟ ଟ୍ରକ ଯାଉଥିବା ସମୟରେ ଏକ ସାଇକେଲ ଚାଳକଙ୍କୁ ଧକ୍କା ଦେବାଫଳରେ ଘଟଣା ସାଇକେଲ ଆରୋହୀ ଟ୍ରକ ଚକ ତଳେ ପଡ଼ିଯିବାରୁ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି । ଭୋଗରାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଟ୍ରକ୍ ଚାଳକଙ୍କୁ ଅଟକ ରଖିବା ସହିତ ଶବ ଜବତ କରି ଜଳେଶ୍ୱରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଖବର ଲେଖାହେବା ପର୍ଯ୍ୟନ୍ତ ମୃତ୍ୟୁ ଯୁବକଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ଟ୍ରକ ଓ ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି । ଘଟଣା ସ୍ଥଳରେ ଚାପା ଉତେଜନା ଲାଗିରହିଛି ।

# କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା ‘ଭାରତ ଟେକ୍ସ ୨୦୨୬’ ଶୁଭାରମ୍ଭ




ନୂଆଦିଲ୍ଲୀ, ୧୧/୦୩ (ଆ.ପ୍ର) : କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଆଜି ଭାରତର ପ୍ରମୁଖ ବିଶ୍ୱସ୍ତରୀୟ ବୟନ କାର୍ଯ୍ୟକ୍ରମ ‘ଭାରତ ଟେକ୍ସ ୨୦୨୬’ର ଶୁଭାରମ୍ଭ କରିଛନ୍ତି, ଯାହା ବିଶ୍ୱ ବୟନ ଅର୍ଥନୀତିରେ ଦେଶର ବଢୁଥିବା ନେତୃତ୍ୱକୁ ସୂଚାଉଛି । ଶିଳ୍ପ, ସରକାର ଏବଂ ବାଣିଜ୍ୟିକ ସଂସ୍ଥାର ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ, ଭାରତ ଟେକ୍ସକୁ ଏକକ ବୃହତମ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି, ଯାହା ଫାଇବର ଏବଂ ସୂତାଠାରୁ ଆରମ୍ଭ କରି କପଡ଼ା, ପୋଷାକ, ବୈଷୟିକ ବୟନ ଏବଂ ସ୍ଥାୟୀ ନବସୃଜନ ପର୍ଯ୍ୟନ୍ତ ସମଗ୍ର ବୟନ ଶୃଙ୍ଖଳାକୁ ଏକାଠି କରିବ । ପୂର୍ବର ଦୁଇଟି ସଂସ୍କରଣର ଚମତ୍କାର ସଫଳତାକୁ ଭିତି କରି ଏହି ସଂସ୍କରଣ କଳ୍ପନା କରାଯାଇଛି । ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ସଂସ୍କରଣ ହେବାକୁ ଯାଉଛି । ଏହା ୧୪-୧୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସଂସ୍କରଣରେ ୩,୫୦୦ ରୁ ଅଧିକ ବ୍ୟବସାୟିକ ପ୍ରଦର୍ଶନକାରୀ, ୧୪୦ରୁ ଅଧିକ ଦେଶର ୭,୦୦୦ ରୁ ଅଧିକ ଅନ୍ତର୍ଜାତୀୟ କ୍ରେତା ଏବଂ ୧,୩୦,୦୦୦ ରୁ ଅଧିକ ବାଣିଜ୍ୟିକ ଦର୍ଶକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଫାଇବର ଏବଂ ସୂତା, କପଡ଼ା, ପୋଷାକ ଏବଂ ଫ୍ୟାଶନ, ହୋମ୍ ଟେକ୍ସଟାଇଲ୍, ବୈଷୟିକ ବୟନ, ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ବୁଦ୍ଧିମାନ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ସମେତ ସମଗ୍ର ବୟନ ପରିସଂସ୍ଥା ପ୍ରଦର୍ଶିତ ହେବ । ଏହି କାର୍ଯ୍ୟକ୍ରମ ଉତ୍ପାଦନ, ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତର ସମନ୍ୱିତ ଶକ୍ତିକୁ ପ୍ରତିଫଳିତ କରେ । ଏହାକୁ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ସାମଗ୍ରିକ ବୟନ କାର୍ଯ୍ୟକ୍ରମ ଭାବରେ ବର୍ଣ୍ଣନା କରି ସେ ବୟନ ଶିଳ୍ପର ଇପିସି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ନିରନ୍ତର ପ୍ରୟାସ ଓ ନିଷ୍ଠାକୁ ପ୍ରଶଂସା କରିଛନ୍ତି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ ଟେକ୍ସ ଏକ ନିର୍ଭରଯୋଗ୍ୟ, ସ୍ଥାୟୀ ସୋର୍ସିଂ ସ୍ଥଳ ଏବଂ ବୃହତ ସ୍ତରର ବିନିଯୋଗ କେନ୍ଦ୍ର ଭାବରେ ଭାରତର ଆକର୍ଷଣକୁ ପୁନଃ ପ୍ରତିଷ୍ଠିତ କରିବ । ନବସୃଜନ, ସହଯୋଗ ଏବଂ ‘ମେକ୍ ଇନ୍ ଇଣ୍ଡିଆ’ ଭାବନାକୁ ଭିତି କରି ଏହି କାର୍ଯ୍ୟକ୍ରମ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୫ଏଫ ଦୂରଦୃଷ୍ଟିର ଏକ ପ୍ରତିଫଳନ ବୋଲି ସେ କହିଛନ୍ତି । ଅଫିସିଆଲ୍ ଶୁଭାରମ୍ଭ ସମାରୋହରେ ବୟନ ଶିଳ୍ପ ମନ୍ତ୍ରଣାଳୟର ସଚିବ ନୀଲମ ଶାମି ରାଓ, ଅତିରିକ୍ତ ସଚିବ ରୋହିତ କଂସଲ, ରପ୍ତାନି ପ୍ରୋତ୍ସାହନ ପରିଷଦର ବରିଷ୍ଠ ପ୍ରତିନିଧି ଏବଂ ଶିଳ୍ପ ଜଗତର ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ନୀଳଗିରି ମହିଳା ମହାବିଦ୍ୟାଳୟରେ ଭାଷା ଶାସ୍ତ୍ରୀୟ ଦିବସ ପାଳିତ



ନୀଳଗିରି, ୧୧/୦୩ (ଆ.ପ୍ର) : ଓଡ଼ିଆ ଭାଷା ଦୀର୍ଘ ୨୩୦୦ ବର୍ଷର ପୁରୁଣା ଭାଷା । ଶିଳାଲେଖ, ଅଭିଲେଖ, ତାଳପତ୍ରପୋଥି ଓଡିଆ ଭାଷାର ପ୍ରମାଣ ବହନକରେ ବୋଲି ଆଜି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିବସ ଅବସରରେ ଅତିଥିଗଣ ମତପ୍ରକାଶ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହବିଜ୍ଞାନର ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଇଂରାଜୀ ବିଭାଗର ଅଧାପିକା ମଣିମାଳା ବିଶ୍ୱାଳ, +୨ ଓଡିଆ ବିଭାଗର ଅଧାପକ ସତ୍ୟରଞ୍ଜନ ମିଶ୍ର, ରାଜନୀତି ବିଭାଗର ଅଧାପିକା ମୌସୁମୀ ଭୋଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଓଡ଼ିଆ ବିଭାଗର ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ବିଭାଗର ଛାତ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଏହି ଅବସରରେ ଓଡିଆ ବିଭାଗର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

# ଅବକାରୀ ଚଢ଼ାଉ ୩୪ ଲିଟର ମଦ ସହିତ ୨ ଗିରଫ



ଭୋଗରାଇ, ୧୧/୦୩ (ଆ.ପ୍ର) : ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରାଯାଇ ୩୪ ଲିଟର ଚୋରା ଦେଶୀ ମଦ ସହିତ ୨ ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ ନେଗୁଆଁ ଗ୍ରାମର ବିଜୟ ମାରାଣ୍ଡି ପାଖରୁ ୧୮ ଲିଟର, ବର୍ତନା ଗ୍ରାମର ଅଜୟ କୁମାର ପ୍ରଧାନ ପାଖରୁ ୧୬ ଲିଟର ଚୋରା ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ଏନେଇ ଅବକାରୀ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

# ପୁରଞ୍ଜନ ତତ୍ତ୍ୱ ଏକ ରୂପକମୟ ଉପସ୍ଥାପନା : ଡ. ପ୍ରଦୀପ୍ତ କୁମାର ମିଶ୍ର

ନୀଳଗିରି, ୧୧/୦୩ (ଆ.ପ୍ର) : ଭୌତିକ ଜଗତରେ ମାୟା ପ୍ରକୃତ ବୁଦ୍ଧିକୁ ମୋହରେ ଆଚ୍ଛନ୍ନ କରି ରଖିଛି । ଜଗତରେ ସ୍ଥାୟୀସୁଖ ଉପଭୋଗ ପାଇଁ କାଳ ସୁଯୋଗ ଦେବନାହିଁ । ପୁରଞ୍ଜନ ତତ୍ତ୍ୱ ଏକ ରୂପକମୟ ଉପସ୍ଥାପନା । ପୁରଞ୍ଜନର ଅର୍ଥହେଲା ଯିଏ ଶରୀରରେ ରହି ଉପଭୋଗ କରେ । ଜୀବ ଶରୀର ରୂପକ ଯନ୍ତ୍ରରେ ବସି ବିଭିନ୍ନ ଜୀବଯୋନି ପ୍ରାପ୍ତ ହୋଇ ଭ୍ରମଣ କରେ । ଶରୀର ରୂପକ ପୁରରେ ହୃଦୟ ହେଉଛି ରାଜଧାନୀ । ହୃଦୟ ସମସ୍ତ ସ୍ମୃତି ବିସ୍ମୃତି ଓ ବିଚାରର କେନ୍ଦ୍ର ଅଟେ । କାମର ବେଗ ମନର ବେଗ ସହ ତୁଳନୀୟ । ଶରୀରର ଇନ୍ଦ୍ରିୟ ଗୁଡିକ ପ୍ରାଣର ସୁରକ୍ଷାରେ କ୍ରିୟା କରୁଛି । ସର୍ବୋପରି ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ପ୍ରତି ଜୀବର ସାଧାରଣତଃ ରାଗ ଦ୍ୱେଷ ଥାଏ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ସାପ୍ତାହିକ ଆଭାସୀ ରାଜ୍ୟସ୍ତରୀୟ ଭାଗବତ ପାଠଚକ୍ରରେ ଚତୁର୍ଥ ସ୍କନ୍ଧର ପଂଚବିଂଶ ଅଧାୟରେ ବର୍ଣ୍ଣିତ ପୁରଞ୍ଜନ ଉପାଖ୍ୟାନ ପ୍ରସଙ୍ଗରେ ଆଲୋଚକ ପରିବାରର ସମ୍ପାଦକ ପ୍ରବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ପୁରୀ ସଦସ୍ୟ ଶିକ୍ଷାବିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ଆଲୋଚକଙ୍କୁ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ । ଶେଷରେ କୁମାରୀ ଜୟଶ୍ରୀ ପଣ୍ଡା କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଥିବାବେଳେ କେନ୍ଦୁଝରର ସଦସ୍ୟ ଶିକ୍ଷାବିତ୍ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏହି ଆସରରେ ଶତାଧିକ ଶ୍ରୋତା ଯୋଗଦାନ କରି ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।

# ଇଟାଭାଟି ଶ୍ରମିକଙ୍କ ସନ୍ଦେହ ଜନକ ଝୁଲନ୍ତା ମୃତ ଦେହ ଉଦ୍ଧାର

## ସମାଜସେବୀ ତପନ ରାଉତ ସହାୟତାର ହାତ ବଢାଇଲେ



ନୀଳଗିରି, ୧୧/୦୩ (ଆ.ପ୍ର) : ସଜନାଗଡ଼ ଜି ପି ତେଣ୍ଡା ଗ୍ରାମର ବୁଦ୍ଧିଆ ସିଂଙ୍କ ସ୍ତ୍ରୀ ଛାଡି ଚାଲିଗଲେ । ଏକ ମାତ୍ର ରୋଜକାରିଆ ପୁଅ ଦୁର୍ଗାଶଙ୍କର ସିଂ ଅର୍ଥ ରୋଜଗାର ପାଇଁ ସୋର ରେ ଥିବା ‘ପୂଜା’ ଇଟା ଭାଟିରେ ଯାଇ କାମ କରୁଥିଲେ । ସୂଚନାରୁ ଜଣାଯାଇଛି, ଚଳିତ ମାର୍ଚ୍ଚ ୨ତାରିଖ ଦିନ, ଦୁର୍ଗା ଶଙ୍କରର ମୃତ ଦେହ ଇଟା ଭାଟି ର କିଛି ଦୂରରେ ଝୁଲୁ ଥିବାର ଦେଖି, ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଗାଡି ଯାଇ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପିତା ବୁଦ୍ଧିଆ ସିଂ ଖବର ପାଇ ସେଠାରେ ପହଂଚି ପୁଅର ମୃତ୍ୟୁକୁ ଏକ ଅପମୃତ୍ୟୁ ବୋଲି ସ୍ୱୀକାର କରିନେବା ଛଡା ଆଉ ଉପାୟ ନଥିଲା । କାରଣ ପିତା ବୁଦ୍ଧିଆ ଜଣେ ସରଳ, ଓ ଅଶିକ୍ଷିତ, ଗରିବ ଦିନମଜୁରିଆ ସେ ବା କଣ କରିପାରିବ । ଇଟା ଭାଟି ମାଲିକ ମାତ୍ର ୧୫ହଜାର ଟଙ୍କା ଦେଇ ଶବ ବ୍ୟବଚ୍ଛେଦ ହେବା ପରେ ଗାଁକୁ ପଠାଇ ଦେଇଥିଲେ । ଉକ୍ତ ଖବର କୌଣସି ସୂତ୍ରରୁ ପାଇ, ଅସହାୟ ହୋଇ ପଡ଼ିଥିବା ବୁଦ୍ଧିଆକୁ ନ୍ୟାୟ ଦେବା ପାଇଁ , ନୀଳଗିରି କଂଗ୍ରେସ ଟିମ ବ୍ଲକ ସଭାପତି ତପନ ରାଉତଙ୍କ ନେତୃତ୍ୱ ରେ ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟା ରୁକ୍ମଣୀ ସିଂ, ସୁରେନ୍ଦ୍ର ଦାସ, ଚକ୍ରଧର ଦାସବାବୁ, ପୀତାମ୍ବର ମିଶ୍ର ପ୍ରମୁଖ ତାଙ୍କ ଘରେ ପହଂଚି ଘଟଣା ସମ୍ପର୍କ ରେ ପଚାରି ବୁଝିଥିଲେ । ସୋର ଥାନାକୁ ଫୋନ କରି ବୁଝିବାରୁ, ସୋର ପୋଲିସ ନିଅମ ଅନୁଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କହିଥିଲେ । ଅନ୍ୟ ପକ୍ଷରେ, ବୁଦ୍ଧିଆ ସିଂ ଏମିତି ମଣିଷ ଯାହାର ରେସନ କାର୍ଡ ଆଜକୁ ୫ବର୍ଷ ଧରି ଡିଲର ରଖିଛି । ସେ ସମ୍ପୂର୍ଣ୍ଣ ସରକାରୀ ସୁବିଧାରୁ ବଂଚିତ ଥିବା ଜଣା ଯାଇଛି । ତାକୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଓ ଦୁର୍ଗା ଶଙ୍କରର ଶୁଦ୍ଧି କ୍ରିୟା ପାଇଁ, କଂଗ୍ରେସ ଦଳ ପକ୍ଷରୁ ସଭାପତି ଶ୍ରୀ ରାଉତ ଯଥା ସମ୍ଭବ ଆର୍ଥିକ ସହାୟତା ପ୍ରଦାନ କରି ଥିବା ଜଣାଯାଇଛି । ତେବେ ଶ୍ରୀ ରାଉତଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀ ମାନେ ଉଚ୍ଚ ପ୍ରଶଂସା କରିଥିବା ଶୁଣା ଯାଇଛି ।

# ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ପକ୍ଷରୁ ‘ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ’ ପାଳିତ




ଭୋଗରାଇ, ୧୧/୦୩ (ଆ.ପ୍ର) : ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ପକ୍ଷରୁ ‘ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ’ ପାଳନ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧାପକ ସୁଶାନ୍ତ କୁମାର ମିଶ୍ର ଯୋଗଦାନ କରି ଓଡ଼ିଆ ଭାଷା ଓ ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମତ ରଖିଥିଲେ । ଛାତ୍ରୀ ଜ୍ୟୋତିରେଖା ଗିରି ଓ ଛାତ୍ରୀ ପୂଜା ଗଙ୍ଗାଇ ନିବନ୍ଧ ପାଠ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମୂହ ‘ବନ୍ଦେ ଉତ୍କଳ ଜନନୀ’ ଗାନ ହୋଇଥିଲା ଏବଂ ଛାତ୍ର ଗଗନ ବିହାରୀ ପଣ୍ଡା ଓ ସମୀର ପଣ୍ଡା ବେଦପାଠ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ବନସ୍ମିତା ନାୟକ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ର ସୁବ୍ରତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅଣଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥଲେ ।

ସେଇଥୁ
# ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ସଂସ୍କାରରୁ ଶୁଦ୍ଧିକରଣ

ମନୁଷ୍ୟ ଜୀବନରେ ସଂସ୍କାରର ବଡ଼ ମହତ୍ତ୍ୱ ରହିଥାଏ । ସଂସ୍କାରର ମୂଳ ଅର୍ଥ ସୁଦ୍ଧିକରଣ ବା ପରିମାର୍ଜନ ଅଟେ । ଏବଂ ଏହି ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ସହଜ ପ୍ରବୃତ୍ତି ଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଏବଂ ସମାଜର ଉଭୟର କଲ୍ୟାଣ କରିଥାଏ । ଏହି ସଂସ୍କାର ହିଁ ମନୁଷ୍ୟର ପ୍ରକୃତ ସୁଦ୍ଧିକରଣ କରିଥାଏ ଏବଂ ମନୁଷ୍ୟ ଭିତରେ ପବିତ୍ରତା ଆଣିଥାଏ । ଯେଉଁ ସୁଦ୍ଧିକରଣ ଦ୍ୱାରା ମନୁଷ୍ୟର ଶରୀର, ମନ ଓ ମସ୍ତିଷ୍କ ବଳବାନ୍ ହୋଇ ସେ ସମାଜରେ ନିଜର ଭୂମିକା ଆଦର୍ଶର ସହ ପାଳନ କରିପାରିଥାଏ । ଆମର କଥା , ବାର୍ତ୍ତା , ବ୍ୟବହାର ଏବଂ ଆଚରଣରେ ହିଁ ଆମ ସଂସ୍କାର ଲୁଚି ରହିଥାଏ । ଯାହାକି ଆମକୁ ସମାଜରେ ପୂର୍ଣ୍ଣତା ଅର୍ଥାତ୍ ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତି କରାଇଥାଏ । ଆମ ହିନ୍ଦୁ ଧର୍ମର ସଂସ୍କୃତି ଏହି ସଂସ୍କାର ଉପରେ ହିଁ ଆଧାରିତ ଅଟେ । ଆମ ଋଷି - ମୁନି ମାନେ ମନୁଷ୍ୟ ଜୀବନକୁ ପରିମାର୍ଜିତ ଅର୍ଥାତ୍ ପବିତ୍ର କରିବା ପାଇଁ ହିଁ ଏହି ସଂସ୍କାରର ଆବିଷ୍କାର କରିଥିଲେ । ଆମ ଭାରତୀୟ ସଂସ୍କୃତିର ମହାନତା ଏହି ସଂସ୍କାରରୁ ହିଁ ଅବଗତ ହୋଇଥାଏ । ବ୍ୟାସ ସ୍ମୃତିରେ ଶୋଳଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଏବଂ ଆମ ଧର୍ମ ସଂସ୍କୃତିରେ ମଧ୍ୟ ମୁଖ୍ୟ ରୂପରେ ଏହି ଶୋଳ ଗୋଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଯଥା :- ଗର୍ଭାଧାନ ସଂସ୍କାର, ପୁଂଶବନ ସଂସ୍କାର, ଶିମନ୍ତୋନୟନ ସଂସ୍କାର, ଜାତକର୍ମ ସଂସ୍କାର, ନାମକରଣ ସଂସ୍କାର, ନିଷ୍କ୍ରମଣ ସଂସ୍କାର, ଅନ୍ନପ୍ରାସନ ସଂସ୍କାର, ମୁଣ୍ଡନ୍ ସଂସ୍କାର, କର୍ଣ୍ଣବେଧନ ସଂସ୍କାର, ବିଦ୍ୟାରମ୍ଭ ସଂସ୍କାର, ଉପନୟନ ସଂସ୍କାର, ବେଦାରମ୍ଭ ସଂସ୍କାର, କେଶାନ୍ତ ସଂସ୍କାର, ସମ୍ବର୍ତ୍ତନ ସଂସ୍କାର, ବିବାହ ସଂସ୍କାର ଓ ଅନ୍ତ୍ୟେଷ୍ଟି ସଂସ୍କାର ଇତ୍ୟାଦି । ଆମ ଦେଶର ମହାନ୍ ସଂସ୍କୃତି ଏକ ପ୍ରକାର ଏହି ସଂସ୍କାରର ହିଁ ଅଟେ । ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବଡ଼ ମହତ୍ତ୍ୱ ରହିଥାଏ । ଏହି ସଂସ୍କାରର ହିଁ ଜୀବନର ଆଭୂଷଣ ହୋଇଥାଏ ଯାହା ବ୍ୟକ୍ତିର ମୂଲ୍ୟ ଏବଂ ସମ୍ମାନ କୁ ବହୁତ୍ ମାତ୍ରାରେ ବଢ଼ାଇ ଥାଏ । ଯେପରି ସୁନାକୁ ଆମେ ଯେତେ ନିଆଁରେ ପକାଇବା ସେ ସେତେ ଅଧିକ ଚିକ୍ ମିକ କରିବ, ଠିକ୍ ସେହିପରି ଜଣେ ବ୍ୟକ୍ତି ମଧ୍ୟ ଯେତେ ପରିମାର୍ଜିତ ଅର୍ଥାତ୍ ସଂସ୍କାରି ହେବ ସେ ସେତେ ଅଧିକ ସମାଜରେ ସଫଳ ଏବଂ ସମ୍ମାନିତ ହେବ । ଗୋଟିଏ ଶିଶୁର ମନ ଉପରେ ବଡ଼ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କଥା, ବାର୍ତ୍ତା ଏବଂ କାର୍ଯ୍ୟର ବହୁତ୍ ବଡ଼ ପ୍ରଭାବ ପଡ଼ିଥାଏ । ଗୋଟିଏ ଛୋଟ ପିଲା ଅର୍ଥାତ୍ ଶିଶୁ ଯାହା ଦେଖିବା, ଶୁଣିବ ଅନ୍ୟମାନଙ୍କ ଠାରୁ ସେ ସବୁ ହିଁ ତାହାର ସଂସ୍କାର ପାଲଟି ଯାଇଥାଏ । ଜୀବନର ପ୍ରାରମ୍ଭିକ ଦିନ ମାନଙ୍କରେ ଯେଉଁ ସଂସ୍କାର ଗୁଡ଼ିକ ଭରା ଯାଇଥାଏ ତାହା ହିଁ ପରବର୍ତ୍ତୀ ସମୟରେ ତାର ପ୍ରକୃତ ଜୀବନ ପାଲଟି ଯାଇଥାଏ । ଆମେ ଯଦି ପ୍ରାଚୀନ କାଳ ଅଥବା ଇତିହାସ କୁ ଦେଖିବା ତାହେଲେ ବହୁତ୍ ଗୁଡ଼ିଏ ଉଦାହରଣ ଆମକୁ ମିଳିବ ଯେଉଁ ମାନେ କି ନିଜ ଜୀବନର ଆରମ୍ଭରେ ହିଁ ନିଜ ପିତା,ମାତା ଅଥବା ନିଜ ଗୁରୁଜନ ମାନଙ୍କର ବ୍ୟବହାର ଓ ଆଚରଣରେ ହିଁ ପ୍ରଭାବିତ ହୋଇ ନିଜକୁ ଏକ ସଂସ୍କାରବାନ୍ କରାଇ ବହୁତ୍ ପ୍ରତିଷ୍ଠିତ ହୋଇପାରିଛନ୍ତି ଏବଂ ନାଁ କମାଇ ପାରିଛନ୍ତି । ବ୍ୟକ୍ତିର ଚରିତ୍ର ଏହି ସଂସ୍କାରରୁ ହିଁ ପରିମାର୍ଜିତ ହୋଇପାରିଥାଏ । ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଭଲ ହୋଇଥାଏ, ସେ ବ୍ୟକ୍ତିର ଚରିତ୍ର ମଧ୍ୟ ସେତେ ଅଧିକ ଭଲ ହୋଇଥାଏ । ଏବଂ ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଖରାପ ହୋଇଥାଏ, ସେ ବ୍ୟକ୍ତିର ସଂସ୍କାର ମଧ୍ୟ ସେତେ ଅଧିକ ହିନ ହୋଇଥାଏ ।ଶିକ୍ଷ୍ୟା ଠାରୁ ମଧ୍ୟ ସଂସ୍କାର ଅଧିକ ମହତ୍ତ୍ୱ ରହିଅଛି ।କାରଣ ଜଣେ ବ୍ୟକ୍ତି କେବଳ ଯେ ପାଠ ପଢ଼ି ଶିକ୍ଷିତ ହୋଇଗଲେ ଯେ ସେ ସସ୍କାରି ହୋଇଥାଏ ତାହା ନୁହେଁ, ଜଣେ ଅପାଠୁଆ ବ୍ୟକ୍ତି ମଧ୍ୟ ଉତ୍ତମ ସଂସ୍କାରର ହୋଇପାରିବ । ଏବଂ ଜଣେ ବ୍ୟକ୍ତିର ସଂସ୍କାରରୁ ହିଁ ସେ ବ୍ୟକ୍ତିର ପରିବାର ଏବଂ ପରିବେଶ ଜଣା ପଡ଼ି ଯାଇଥାଏ । ସେଥି ଲାଗି ପ୍ରତ୍ୟେକ ବ୍ୟକ୍ତି ନିହାତି ଭାବେ ଶଂସ୍କାରି ହେବା ଉଚିତ୍ ।କାରଣ ଉତ୍ତମ ସଂସ୍କାର ହିଁ ସର୍ବ ଶ୍ରେଷ୍ଠ , ଶୁଦ୍ଧ ଓ ପବିତ୍ର ଅଟେ । ଏହି ସଂସ୍କାର ବିନା ମନୁଷ୍ୟ ଏବଂ ସମାଜ ଅନ୍ଧକାର ଅଟେ । ସଂସ୍କାର ହିଁ ଜୀବନର ଅସ୍ତିତ୍ୱ

# ସାମାଜିକ ଗଣମାଧ୍ୟମ ଓ ଆଇନ

### ।। ସୌର ଚନ୍ଦ୍ର ମହାପାତ୍ର ।।

ବର୍ତ୍ତମାନର ସମୟରେ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ସାମାଜିକ ଗଣମାଧ୍ୟମ । ତେବେ ସାମାଜିକ ଗଣମାଧ୍ୟମଟି ବର୍ତ୍ତମାନ ଅତ୍ୟାବଶ୍ୟକ ଯୋଗାଯୋଗର ପ୍ରମୁଖ ଉତ୍ସ ପାଲଟୁଥିବାବେଳେ ଏହାର ଅପବ୍ୟବହାର ଓ ଦୁରୁପଯୋଗ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି । ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ, ମିଥ୍ୟା ତଥ୍ୟ, ଦେଶ ବିରୋଧୀ ଚିନ୍ତାଧାରା ଓ ଆଇନଭଙ୍ଗକାରୀ ପ୍ରସଙ୍ଗ ସବୁ ଉଲ୍ଲେଖିତ ହେଉଥିବାରୁ ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି ।

ସୋସିଆଲ ମିଡ଼ିଆର ଅପବ୍ୟବହାର ଆଇନଗତ ଭାବେ ଏକ ଅପରାଧିକ କାର୍ଯ୍ୟକଳାପ । ସୂଚନାଥାଉକି ଆମ ଦେଶରେ ୨୦୦୦ ମସିହାରୁ ସୂଚନା ପ୍ରଯୁକ୍ତି ଆଇନ ବା 'ଇନଫରମେସନ ଓ ଟେକ୍ନୋଲୋଜି ଆକ୍ଟ' ପ୍ରଚଳିତ ହୋଇ ଆସୁଛି । ସେହିପରି ଆମର ବର୍ତ୍ତମାନ ସମୟରେ ନୂତନ ଭାବେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତାର ଦଫା ୩୫୬ ଅନ୍ତର୍ଗତ ସାମାଜିକ ଗଣମାଧ୍ୟମରେ ଯେ କୌଣସି ବ୍ୟକ୍ତି କାହା ବିରୁଦ୍ଧରେ ଅପମାନ ସୂଚକ ବା ସମ୍ମାନ ହାନି ହେବା ପରି ତଥ୍ୟ ବା ସୂଚନା ପୋଷ୍ଟ କରନ୍ତୁ ବା ସେୟାର କରନ୍ତୁ ଏପରିକି ଅଶାଳୀନ କମେଂଟ ରହିଥିଲେ ଏଥିପାଇଁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି । ସେହିପରି ସେହି ଆଇନ ସହିତ ମାନହାନୀ, ଜାଲିଆତି, ଠକେଇ, ପ୍ରବଂଚନା ଆଦି ଦଫା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୁଦ୍ଧରେ ଆଇନର ଦଫା ୩୦୩, ୩୧୪, ୩୧୮ କାର୍ଯ୍ୟକାରୀ କରାଯାଇଥାଏ ।

ସୋସିଆଲ ମିଡ଼ିଆ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ସହଯୋଗୀ ପାଲଟିଛି କିନ୍ତୁ ଏଠାରେ ସୂଚୀତ କରାଯାଇପାରେ କି ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ରହିଥିବା ବ୍ୟବସ୍ଥା ଅନୁଯାୟୀ ଧାରା ୬୬ ଅନ୍ତର୍ଗତ କୌଣସି ଲୋକ ସାମାଜିକ ଗଣମାଧ୍ୟମରେ ଅପମାନ ସୂଚକ, ମାନହାନୀ ଭାବେ ଗ୍ରହଣ କରାଯାଉଥିବା ବା ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କଲେ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ପାଂଚଲକ୍ଷ ଟଙ୍କା ଜୋରିମାନାର ଦଣ୍ଡ ପ୍ରାବଧାନ ରହିଛି । କେବଳ ସେତିକି ନୁହେଁ ଏହାର ଚାପ୍ଟର-୯ ଅନ୍ତର୍ଗତ ଧାରା ୪୩ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ସମ୍ପୃକ୍ତ ମାଲିକର ବିନା ଅନୁମତିରେ ଦେଖିଲେ ବା ଡାଟା ଡାଉନଲୋଡ଼ କଲେ କିମ୍ବା ଡାଟା ହେରେଫେର କରି କୌଣସି ଭାଇରସକୁ ପ୍ରବେଶ କରାଇବା ପରି ଅଘଟଣ ଘଟାଇଲେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶିର ଜୋରିମାନା ଦଣ୍ଡ ରହିଛି । କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମର ଏହି ଅପମାନ ସୂଚକ ଦସ୍ତାବିଜ ବା ତଥ୍ୟକୁ କମ୍ପ୍ୟୁଟରରେ ଲୁଚାଇ ରଖିଲେ, ନଷ୍ଟ କଲେ କିମ୍ବା ଏହି କାର୍ଯ୍ୟପାଇଁ ସହାୟତା କରୁଥିଲେ ୬୬ ଧାରା ଅନୁଯାୟୀ ସାତ ବର୍ଷ ସଶ୍ରମ କାରାଦଣ୍ଡ ସହ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ବ୍ୟବସ୍ଥା ରହିଛି । ତେବେ ଜଣେ ଏହି କାର୍ଯ୍ୟ ବାରମ୍ବାର ଘଟାଉଥିଲେ ଧାରା ୬୬ (ଇ) ଅନୁଯାୟୀ ଛଅ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା, ୬୬ (ସି) ଅନ୍ତର୍ଗତ ଅପବ୍ୟବହାର ହେଉ ବା ତଥ୍ୟ ସଂରକ୍ଷଣ କରି ରଖିବା ପାଇଁ ତିନିବର୍ଷ ଜେଲ ଦଣ୍ଡା ଓ ଜୋରିମାନା ବ୍ୟବସ୍ଥା ରହିଛି । ସେହିପରି ମିଛ ବା ଠକାମୀ ସୂଚକ ବିଜ୍ଞାପନ ପ୍ରସାରଣ କରୁଥିଲେ ଗ୍ରାହକ ଅଭିଯୋଗ କଲେ ୬୬ (ଡି) ଅନ୍ତର୍ଗତ ଅପରାଧ ପାଇଁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡାଦେଶ ବ୍ୟବସ୍ଥା ରହିଛି ।

ଏଠାରେ ସୂଚୀତ କରାଯାଇପାରେ ଯେ କିଛି ବର୍ଷ ତଳେ ମହାରାଷ୍ଟ୍ରରେ ଜନୈକ ରାଜନେତାଙ୍କ ମିଥ୍ୟା ମୃତ୍ୟୁ ଖବର ବିଭ୍ରାନ୍ତିକର ଭାବେ ଫେସବୁକରେ ପୋଷ୍ଟିଂ ହୋଇଥିଲା ପରିଣତି ସ୍ୱରୂପ ସହରରେ ଆତଙ୍କ ଜନିତ ପରିବେଶ ପାଇଁ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା । ତତ୍କାଳୀନ ମୁମ୍ବାଇ ପୋଲିସ ଫେସବୁକରେ ପୋଷ୍ଟ କରିଥିବା ଦୁଇଜଣଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତି ବିଦ୍ୟାଧାରା ୬୭ (କ) ଅନ୍ତର୍ଗତ ଏକ ମାମଲା ଦାୟର ହୋଇଥିଲା । ଏହି ମାମଲା ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଯାଇଥିଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୫ରେ କେନ୍ଦ୍ର ସରକାର ବନାମ ଶ୍ରୀୟାସିଙ୍ଗଲ ମାମଲାରେ ଅଦାଲତ ସମ୍ବିଧାନ ପ୍ରଣୀତ ଏହି ଧାରା ବାକ୍ ସ୍ୱାଧୀନତାର ଖୋଲା ଉଲ୍ଲଂଘନ ବୋଲି ମତ ଦେବା ସହ ଏହା ଲକ୍ଷ୍ମଣରେଖା ଅତିକ୍ରମ କରିଛି ତେଣୁ ଏହା ବେଆଇନ ଓ ସାମ୍ବିଧାନିକ ନୁହଁ ବୋଲି ଘୋଷିତ କରିଥିଲେ । ଅନେକ ସମୟରେ ସର୍ବୋଚ୍ଚ ଅଦାଲତ ବିବାଦୀୟ ଓ ବିଭ୍ରାନ୍ତିକର ଫେସବୁକର ପୋଷ୍ଟ ହେଉ ବା ୟୁଟ୍ୟୁବର ତଥ୍ୟ ବିଚାର କରୁଥିଲେ ତୁରନ୍ତ ଏହି ସବୁ ପୋଷ୍ଟକୁ ୟୁଟ୍ୟୁବ, ଫେସବୁକ୍ ଓ ଗୁଗୁଲରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ତେବେ ଏଠାରେ ଏକ ଛୋଟିଆ ସୂଚନା ରଖୁଛୁ ଜଣଙ୍କ ବିରୁଦ୍ଧରେ ଯଦି ସୋସିଆଲ ମିଡ଼ିଆରେ ବା ଇ-ମେଲରେ କୌଣସି ସମ୍ମାନ ହାନୀ ହେଉଥିବା ପରି ପୋଷ୍ଟ ଦେଖନ୍ତି ତେବେ ପ୍ରମାଣ ସ୍ୱରୂପ ଏହାର ସ୍କ୍ରିନସଟ ସଂଗ୍ରହ କରିନିଅନ୍ତୁ । ପରବର୍ତ୍ତୀ ସମୟରେ ଆପଣଙ୍କ ଆବେଦନ ବା ମାମଲାର ଏହା ଏକ ନିର୍ଭର ଯୋଗ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଉପଯୋଗ ହୋଇପାରିବ । ଏତଦ୍ ବ୍ୟତୀତ ଅପରାଧୀଙ୍କ ବିରୁଦ୍ଧରେ ଆଇନଗତ ସହାୟତା ନେଇ ସ୍ଥାନୀୟ ପୋଲିସ ପାଖରେ ଆପଣ ନିଜ ଅଭିଯୋଗ ରଖିପାରିବେ । ଜଣଙ୍କର ସର୍ବସାଧାରଣରେ ସମ୍ମାନ ହାନୀ ହେଉ ବା ଅପମାନ ଅନୁଭବ କରନ୍ତୁ ନିଜ ସାମ୍ବିଧାନିକ ହକ୍ ଓ ଅଧିକାର ସ୍ୱାଭିମାନର ସୁରକ୍ଷା ନିମିତ ଆପଣ ନିଜର ଓକିଲ ପରାମର୍ଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିପାରିବେ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସଭ୍ୟ, ଓଡ଼ିଶା ଆଇନ କମିସନ, କଟକ, ଦୂରଭାଷ : ୯୪୩୭୦୦୪୪୬୬*

# ସାମାଜିକ ଗଣମାଧ୍ୟମ : ସୁଯୋଗ ଓ ସାମାଜିକ ପୁଞ୍ଜି

### ।। ମନସିଜ୍ ଦାସ ।।

ବର୍ତ୍ତମାନର ସମୟରେ ସାମାଜିକ ଗଣମାଧ୍ୟମ ଏକ ଅପରିହାର୍ଯ୍ୟ ବନ୍ଧୁ ହୋଇସାରିଛି । ସାମାଜିକ ଗଣମାଧ୍ୟମ ଏକ ଡିଜିଟାଲ ଲୋକାଭିମୁଖୀ ମଂଚ । ଯାହା ମାଧ୍ୟମରେ ବ୍ୟବହାର କରୁଥିବା ଜଣଙ୍କ ବିଭିନ୍ନ ସତ୍ୟ ଆଧାରିତ ତଥ୍ୟ ଓ ଉତମ ଭାବନାକୁ ସହଜରେ ଆଦାନ ପ୍ରଦାନ କରି ନୂତନ କାର୍ଯ୍ୟ ସମ୍ପର୍କ ଆଦି ଯୋଡ଼ିବା ସହ ଏକ ଉଜ୍ଜ୍ୱଳ ଅଭିବୃଦ୍ଧି ସମ୍ପନ୍ନ ଉତମ ଭବିଷ୍ୟତ ଗଠନର ରାସ୍ତା ଦେଖାଇଥାଏ । ଭାରତର ବିଶାଳ ସାମାଜିକ ଅର୍ଥନୈତିକ ବିବିଧତା ମଧ୍ୟରେ, ସାମାଜିକ ଗଣମାଧ୍ୟମ ଏକାଧିକ ସହାୟକ ଭୂମିକା ଗ୍ରହଣ କରେ । ଦୁର୍ଗମ, ଆଦିବାସୀ କିମ୍ବା ଆର୍ଥିକ ଦୃଷ୍ଟିରୁ ସୀମିତ ଅଂଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ପ୍ରାୟତଃ ଆନୁଷ୍ଠାନିକ ଭିତିଭୂମିରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ ।

ସାମାଜିକ ଗଣମାଧ୍ୟମ, ପରିଚୟ ଅନ୍ୱେଷଣ ଏବଂ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛି । ଯୁବାବସ୍ଥା ବା କିଶୋରାବସ୍ଥା ହେଉଛି ଅନୁସନ୍ଧାନର ଏକ ସମୟ । ସାମାଜିକ ଗଣମାଧ୍ୟମ ଯୁବକମାନଙ୍କୁ ସୃଜନଶୀଳତା ପ୍ରଦର୍ଶନ କରିବାକୁ, ନିଜ କାହାଣୀ ବାଂଟିବାକୁ, କଳା ଓ ଦକ୍ଷତା ପ୍ରଦର୍ଶନ କରିବାକୁ ଏବଂ ବୈଧତା ଗ୍ରହଣ କରିବାକୁ ଏକ ବିଶାଳ ଓ ବିବିଧ ସୁଯୋଗ ଯୋଗାଇ ଦିଏ । ଅନେକ ଯୁବକମାନଙ୍କ ପାଇଁ ବିଶେଷକରି ଝିଅ ମାନଙ୍କ ପାଇଁ, ଏଲଜିବିଟିକ୍ୟୁ (ଖଏଇଞ୍ଜଛ+), କିଶୋର, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଅବହେଳିତ ସାମାଜିକ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଏକ ନିଶ୍ଚିନ୍ତ ଏବଂ ଭାବପ୍ରବଣ ସୁରକ୍ଷା ପ୍ରଦାନ କରିଥାଏ । ଜଳବାୟୁ ସଚେତନତା, ମାନସିକ ସ୍ୱାସ୍ଥ୍ୟ ଅଭିଯାନ, ଛାତ୍ର ଆନ୍ଦୋଳନ ଏବଂ ଲିଙ୍ଗ ନ୍ୟାୟ ବାର୍ତାଳାପକୁ, ସାମାଜିକ ଗଣମାଧ୍ୟମ ଜରିଆରେ ଦୃଢ଼ ଭାବରେ ମଧ୍ୟସ୍ଥତା କରାଯାଇପାରୁଅଛି ଓ ସାମାଜିକ ସଚେତନତା ଅଣାଯାଇପାରୁଛି । ଆନୁଷ୍ଠାନିକ ଗଣତାନ୍ତ୍ରିକ ଭାବେ ସାମାଜିକ ଗଣମାଧ୍ୟମ, ଯୁବକମାନଙ୍କୁ ମତାମତ ବ୍ୟକ୍ତ କରିବା, ସାଥୀମାନଙ୍କୁ ଏକତ୍ରିତ କରିବା ଏବଂ ରାଜନୈତିକ ବିଚାର ପାଇଁ ଏକ ପ୍ଲାଟଫର୍ମ ଯୋଗାଇ ଦେଇଛି । ଆଜି ସାମାଜିକ ଗଣମାଧ୍ୟମ ବହୁ ପରିମାଣରେ ରାଜନୈତିକ ସଚେତନତା, ଅର୍ଥନୈତିକ ସାକ୍ଷରତା, ରୋଜଗାର ପନ୍ଥା ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଛି । ସେଥିପାଇଁ ଆଜି ବଣମଲ୍ଲିଟିଏ ବଣରେ ଫୁଟି ଆଉ ବଣରେ ମଉଳୁ ନାହିଁ, ବରଂ ନିଜ ବାସ୍ନା ଓ ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ଲାଭାନ୍ୱିତ କରୁଛି, ସମସ୍ତଙ୍କ ମନକୁ ମୁଗ୍ଧ କରି ନିଜର ଚାହିଦା ବିସ୍ତାର କରୁଛି । ବର୍ତମାନର ଡିଜିଟାଲ ଯୁଗରେ ହ୍ୱାଟସ୍ ଆପ ଠାରୁ ଟେଲିଗ୍ରାମ, ଇନଷ୍ଟାଗ୍ରାମ ଠାରୁ ୟୁଟ୍ୟୁବ, ଏକ୍ସ ପ୍ରମୁଖ ଭାରତର ଲକ୍ଷାଧିକ ଯୁବ ବର୍ଗ, ବିଦ୍ୟାର୍ଥୀଙ୍କ ନୂଆ ପାଠଶାଳା, ଶିକ୍ଷାକେନ୍ଦ୍ର ମାଧ୍ୟମରେ ଉପଲବ୍ଧ । କୃଷି ବିଭାଗ ଠାରୁ ଉଦ୍ଭାବନ, କୃତ୍ରିମ ବୁଦ୍ଧିମତା ଠାରୁ ଡାଟା ସାଇନ୍ସ, ଆଇଆଇଟି ଠାରୁ ଜେଇ, ନିଟ୍ ୟୁପିଏସସି ଆଦି ଶିକ୍ଷାବର୍ଗ କ୍ଷେତ୍ରରେ ବିଦ୍ୟାର୍ଥୀମାନେ ନିଜ ଘରେ ବସି ହାତପାହାନ୍ତାରେ ଏହି ସୁଯୋଗ ପାଇପାରୁଛନ୍ତି । କେବଳ ସେତିକି ନୁହେଁ ଅନେକ ଫିଲାନ୍ସର, ଡିଜିଟାଲ ମେକର, କଂଟେଂଟେ ରାଇଟର, ୟୁଟ୍ୟୁବ କ୍ରିଏଟର, ଇନଷ୍ଟାଗ୍ରାମ ଇନଫ୍ଲୁଏନସର, ଷ୍ଟାରମେକର ଆଦି କେବଳ ଖୁସିବାସି ନୁହେଁ ବରଂ ଯୁବ ବର୍ଗଙ୍କ ଏକ ସମ୍ମାନଜନକ ଜୀବିକା ଭାବେ ଆମ ସାମ୍ନାରେ ପ୍ରତୀୟମାନ । ଆର୍ଥିକ ସ୍ତରରେ ସ୍ୱାବଲମ୍ବନଶୀଳ କରିବା ସହ କେବଳ ଗ୍ରାମୀଣ ଯୁବ ବର୍ଗ ନୁହଁନ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ସାମାଜିକ ଗଣମାଧ୍ୟମ ଦ୍ୱାରା ଅନଲାଇନ ବ୍ୟବସାୟ, ସେମାନଙ୍କ ହସ୍ତ ଉତ୍ପାଦିତ ଖାଦ୍ୟ ଆଦି ବିଶ୍ୱର ବିଭିନ୍ନ ସ୍ଥାନରେ ପହଂଚାଇ ପାରୁଛନ୍ତି । କହିବାକୁଗଲେ ଜୀବନରେ ସୃଜନ ଶୀଳତା ବଢ଼ାଇବାରେ ମଧ୍ୟ ସାମାଜିକ ଗଣମାଧ୍ୟମ ଏକ ପ୍ରମୁଖ, ପ୍ରଭାବୀ ଓ ରୂପାନ୍ତରକାରୀ ଶକ୍ତି ଭାବେ ଅସୀମିତ ଓ ପ୍ରେରଣା ଦାୟକ ।

ଭାରତୀୟ ଯୁବକମାନଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଲାଭଦାୟକ ବା ସମ୍ପୂର୍ଣ୍ଣ ଭାବେ କ୍ଷତିକାରକ, ତାହା ନୁହେଁ । ଏହା ଏକ ଜଟିଳ ପରିସଂସ୍ଥା, ଯାହା ଜ୍ଞାନ ଏବଂ ସମ୍ପ୍ରଦାୟର ପ୍ରବେଶକୁ ବିସ୍ତାର କରେ ଏବଂ ଜ୍ଞାନାମୂଳ ଅଭ୍ୟାସ ଓ ସାମାଜିକ ଆଶାକୁ ରୂପ ଦିଏ । ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଥିବା ଦେଶ, ଭାରତରେ ଏହାର ପରିଣାମ ଅସାଧାରଣ ଭାବେ ଅଧିକ । ଏହି ସମସ୍ୟାର ସମାଧାନ ନିମନ୍ତେ ଲୋଡ଼ା ।

ବିଦ୍ୟାଳୟ ପାଠ୍ୟକ୍ରମରେ ଡିଜିଟାଲ ଏବଂ ଭାବନାମୂଳ ସାକ୍ଷରତାକୁ ଏକୀଭୂତ କରିବା ଯେଉଁଥିରେ ଆଲଗୋରିଦମ୍, ଅନଲାଇନ ସୁରକ୍ଷା ଏବଂ ସୁସ୍ଥ ଧ୍ୟାନ ଅଭ୍ୟାସ ବିଷୟରେ ସଚେତନତା ଅନ୍ତର୍ଭୁକ୍ତ । ତାଲିମ ପ୍ରାପ୍ତ ପରାମର୍ଶଦାତା, ନିୟମିତ ସ୍କ୍ରିନିଂ ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟ ଭିତିକ ମାନସିକ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ଼ କରିବା । ପିତାମାତାଙ୍କ ଭୂମିକାକୁ ଉତ୍ସାହିତ କରିବା । ଯୁବ କୈନ୍ଦ୍ରିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା, ନିଶା ପ୍ରବଣ ଢ଼ାଂଚା ଏବଂ ଆଲଗୋରିଦମ ସ୍ୱଚ୍ଛତାକୁ ସମାଧାନ କରିବା । ଯତ୍ନର ନିରନ୍ତରତା ପାଇଁ ଟେଲି ମାନସ ଏବଂ ଯୁବ ହେଲପଲାଇନ ଭଳି ଜାତୀୟ ମାନସିକ ସ୍ୱାସ୍ଥ୍ୟ ପଦକ୍ଷେପ ସହିତ ଶିକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବା । ଏହି ପରିବର୍ତନ ଭାରତର ଯୁବକମାନଙ୍କୁ ସଶକ୍ତ କରିବ ଓ ଶିକ୍ଷା ନିୟନ୍ତ୍ରଣ, ନୈତିକତା ଏବଂ ଯତ୍ନ ସହିତ ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ପ୍ରୋତ୍ସାହନ ଦେବ, ଯେଉଁଠି ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଚିନ୍ତା ବା ସମସ୍ୟାର କାରଣ ନ ହୋଇ, ସମାଧାନ ଓ ନୂତନ ଚିନ୍ତନର ମାଧ୍ୟମ ହୋଇପାରିବ ।

*ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା*

# ଅନ୍ଧାରୀ ବିଜେ

### ।। ଉତ୍କଳାନନ୍ଦ ଅଜୟ କୁମାର ବେହେରା ।।

ଅନ୍ଧାର ଅର୍ଥ ଆଲୋକ ଅଭାବ ଆଲୋକ ନାହିଁ । ରାମାୟଣ କାହାଣୀ, ଲକ୍ଷ୍ମଣଙ୍କୁ ରାବଣଙ୍କ ସେ ଦିନ ସେନାପତି ମେଘନାଦ ଇନ୍ଦ୍ରଜିତ ସହ ଲଢ଼େଇ ମୁକାବିଲା କରିବାକୁ ହେବ । ଲକ୍ଷ୍ମଣ ନିର୍ଭୀକ ଯୋଦ୍ଧା ପୂର୍ଣ୍ଣ ଲକ୍ଷ୍ୟ ଭେଦି ଅବ୍ୟର୍ଥ ତୀରନ୍ଦାଜ ମାତ୍ର ଆକାଶରୁ ଆକ୍ରମଣର ମୁକାବିଲା କେବେ କରିନାହାନ୍ତି, ଆକାଶରୁ ଆକ୍ରମଣ ପାଇଁ ଆକ୍ରମଣକାରୀକୁ ବଡ଼ ସହାୟକ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପୁଣି ମାଟିରେ ବିହ୍ୱ ରଚନା କରି ଆକ୍ରମଣକାରୀକୁ କୌଶଳରେ ଆୟତ କରିଦେବା ବା ଅନ୍ତ କରିଦେବା ପଦ୍ଧତିକୁ ହେୟ ଜ୍ଞାନ କରନ୍ତି । ତାକୁ ଉପରକୁ ଆକ୍ରମଣ କଲେ ମାନବୀୟ ବଳକୁ ମାଧ୍ୟାକର୍ଷଣ ଶକ୍ତି ପ୍ରତିବନ୍ଧକ ହୁଏ । ତାସହ ଲକ୍ଷ୍ୟ ଭେଦର ଦୂରତ୍ୱ ଆହୁରି ସମସ୍ୟା । ଯୁଦ୍ଧରେ ଛକା ପଞ୍ଝା ରହିଥାଏ, ହାରି ପଳାୟନ କରିବା ଶତ୍ରୁ ବି ପୁନଃ ଆକ୍ରମଣ କରିପାରେ ଏହା ବି ଲଢ଼େଇକୁ ଯାଇଥିବା ଯୋଦ୍ଧା ଜାଣିବା ଜରୁରୀ, ମାୟାବୀ, ଛଳଣାକାରୀ ବି ଶତ୍ରୁ ହୋଇପାରେ, ସର୍ପ ଦୃଷ୍ଟିରେ ଯେପରି ଶତ୍ରୁର ମର୍ମସ୍ଥାନ ଥାଏ ସେପରି ଠିକ ସେପରି ଲଢ଼ିରତ ଦୁଇ ଯୋଦ୍ଧା ମଧ୍ୟରେ ଦୃଷ୍ଟି ସମ୍ବନ୍ଧ ଏକ ସ୍ଥାନ ଓ ଆଘାତ ସ୍ଥାନ ଭିନ୍ନ ସ୍ଥାନ ଲଢ଼ାଇ ଅନେକ ବଳରେ ହୁଏ । ବାହୁବଳ ସହ ଅନେକ ଉପସ୍ଥିତ ବୁଦ୍ଧିରେ ଶତ୍ରୁର ପ୍ରୟୋଗକୁ ଅକାମି ଓ ଶତ୍ରୁକୁ ପ୍ରତି ଆକ୍ରମଣ, ହତିଆର ବଳରେ ଆକ୍ରମଣକାରୀର ପ୍ରୟୋଗ ହତିଆରକୁ ମୁକାବିଲା ପୁଣି ପ୍ରତିଆକ୍ରମଣ ।

ଏକକୁ ଅନେକ ସାହାଯ୍ୟକାରୀ ଯୋଦ୍ଧା, ଶତ୍ରୁକୁ ଘେରି ଷଣ୍ଢୁଆସି ଆକ୍ରମଣ, ଆତ୍ମସମର୍ପଣ ପାଇଁ ଇଙ୍ଗିତ ନପାଇଲେ ଶତ୍ରୁକୁ ବନ୍ଦୀ ବା ନିପାତ ସମସ୍ତ ବଳ ସହ କରିଦେବା । ଯୁଦ୍ଧଭୂମି ବାସ୍ତୁ, ଯୁଦ୍ଧର ସମୟକୁ ପ୍ରକୃତିର ପାଗ ସ୍ଥିତି, ପବନର ଗତି, ଯୁଦ୍ଧ କରିବା ଯୋଦ୍ଧାଙ୍କ ଦରକାରୀ ଦ୍ରବ୍ୟ, ଠିକ ସମୟରେ ଠିକ ସ୍ଥାନରେ ନପହଂଚିଲେ, ଖାଦ୍ୟ, ପେୟ, ଆହତଙ୍କ ଚିକିତ୍ସା ଶୁଶ୍ରୁଷା ଯୋଗାନଗଲେ, ଯୋଗାଯୋଗ ଯୁଦ୍ଧ କ୍ଷେତ୍ରରୁ ମୂଳ ଆଦେଶ ଦାତା ବା ନିୟନ୍ତ୍ରଣକାରୀଙ୍କ ସହ ନହେଲେ ଯେ କୌଣସି ଯୁଦ୍ଧ ହାର ହୋଇପାରେ । ଏକପାଖରେ ଏକ ଏହା ଯୁଦ୍ଧରେ ଯୋଦ୍ଧାକୁ ଘୋଡ଼ା ସରିନୁହଁ ବୋଲି କୁହାଯାଇଛି, ଇନ୍ଦ୍ରଜିତ ସହ ଲକ୍ଷ୍ମଣଙ୍କ ଯୁଦ୍ଧ ଲକ୍ଷ୍ମଣ ପଦାତିକକୁ, ଇନ୍ଦ୍ରଜିତ ଆକାଶରୁ ଆକ୍ରମଣକାରୀ, ଆକାଶ ଆକ୍ରମଣକାରୀକୁ ପଦାତିକ ଯୋଦ୍ଧା କୋଣିଆଁ ପ୍ରୟୋଗ ଉତକ୍ଷେପଣ ଅସ୍ତ୍ରରେ କରନ୍ତି ମାତ୍ର ଆକାଶ ଯୁଦ୍ଧ ଯାନଟି ଉତକ୍ଷେପିତ ଅସ୍ତ୍ର ମାଡ଼ ପରିସୀମାରେ ଆସିବା ଦରକାର । ରାମ ସବୁଥିରେ ଦୂରଦ୍ରଷ୍ଟା ସେ ଲକ୍ଷ୍ମଣଙ୍କ ସହ ବିଭୀଷଣଙ୍କୁ ପଠାଇଥିଲେ । ଯେତେବେଳେ ଯୁଦ୍ଧ ଆଖଡ଼ାରେ ଲଙ୍କାରେ ଇନ୍ଦ୍ରଜିତ ଆଦି ଆକାଶ ଯୁଦ୍ଧ କୌଶଳ ଶିକ୍ଷା କରୁଥିଲେ ବା ପରୀକ୍ଷା ନିରୀକ୍ଷାରେ ରହୁଥିବେ ତତ୍କାଳୀନ ସମୟରେ ବିଭୀଷଣଙ୍କ ତାହା ଗୋଚର ଥିବ, କେଉଁ ଅସ୍ତ୍ରକୁ କିପରି ବାରଣ ବା ଖଣ୍ଡନ କରାଯାଇପାରିବ ଏହାକୁ ବିଭୀଷଣ ନିଶ୍ଚୟ ଜାଣିଛନ୍ତି, ଯେହେତୁ ସେ ଅନେକ ପ୍ରତ୍ୟକ୍ଷ କରିଛନ୍ତି । ଯୁଦ୍ଧରେ ଇନ୍ଦ୍ରଜିତ ଲକ୍ଷ୍ମଣ ମଜ୍ଜିଗଲେ ଯେଉଁ ବାଣ ପରସ୍ପର ଦିଗରୁ ଯାଉଛି କଟାକଟିରେ ବ୍ୟର୍ଥ ହେଉଛି, ହଠାତ୍ ଇନ୍ଦ୍ରଜିତ ଦର୍ପଣାସ୍ତ୍ର ଏକାଧିକ ଛାଡ଼ିଲେ ଯାହା ଆକାଶରେ ସୃଷ୍ଟି ହେଲା ଅସଂଖ୍ୟ ଇନ୍ଦ୍ରଜିତ ଯାନ ସହ ଦୃଶ୍ୟ, ଏହାକୁ କାଟିବାକୁ ଲକ୍ଷ୍ମଣ ଉଦ୍ୟତ ସେ ବଜ୍ରାସ୍ତ୍ର ପ୍ରୟୋଗ କରି ଶରାସନରେ ବସାଇ ସାରିଲେଣି, ତାଙ୍କୁ ତତ୍କାଳ ବିଭୀଷଣ କହିଲେ, ଟିକେ ଭାବନ୍ତୁ ଆଇନାକୁ ଆଇନା ପରସ୍ପର ସମ୍ମୁଖୀନ ରହି ଏକକୁ ଅନେକ କରୁଛି ଯଦି ବଜ୍ରାସ୍ତ୍ର ପ୍ରୟୋଗ ହେବ ତେବେ ଯେତିକି ଆଇନା ଅଛି ତାହା ଭଙ୍ଗ ହୋଇ ଆହୁରି ଟୁକୁଡା ହୋଇଯିବ ଯେତିକି ମାୟାଦୃଶ୍ୟ ତାହା ଆହୁରି ବଢ଼ିଯିବ ଯାହାର ଦମନ ବୃଥା ହେବ ।

ଏ କ୍ଷେତ୍ରରେ ଦର୍ପଣକୁ ଅଚଳ କରିଦେଲେ ସତ୍ୟ ଦୃଶ୍ୟ ହିଁ ଧରା ପଡ଼ିଯିବ । ଦର୍ପଣ ଆଲୋକ ଅଛି ବୋଲି କାମ କରୁଛି, ଆଲୋକ ନଥିଲେ ଦର୍ପଣ ନିଷ୍କ୍ରିୟ । ଅତଏବ ଆପଣ ଆକାଶରେ ସୂର୍ଯ୍ୟଙ୍କୁ ମେଘ ଦ୍ୱାରା ଢ଼ାଙ୍କିବା ଅସ୍ତ୍ର ପ୍ରୟୋଗ କରନ୍ତୁ । ଲକ୍ଷ୍ମଣ ତାହାକାଳେ ସେ ଦର୍ପଣାସ୍ତ୍ର ଅଚଳହେଲା, ଇନ୍ଦ୍ରଜିତ ବିଫଳ ହୋଇଗଲେ । ସମସ୍ତେ ନିଜକୁ ଶେଷ ଜ୍ଞାନୀ କେବେ ଭାବନ୍ତୁ ନାହିଁ । ଖୋଦ ବେଦବ୍ୟାସଙ୍କ ପରି ବ୍ୟକ୍ତି ବି ଜଣେ ଚମାରକୁ ଗୁରୁକରି ଗଛ ନୁଆଁଇବା ବିଦ୍ୟା ଶିଖିଥିଲେ । ରାଜକୁମାର ଗୋବିନ୍ଦ ଚନ୍ଦ୍ର ଜଣେ ହାଡ଼ିଙ୍କୁ (ହାଡ଼ିପା) ଗୁରୁ କରିଥିଲେ ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

# ଯୁବ ଚେତନା, ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବ

### ।। ସତ୍ୟ ମହାପାତ୍ର ।।

ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ସାରା ବିଶ୍ୱରେ ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବରେ ପୃଥିବୀର ଅନ୍ୟ ଦେଶର ଶାସନ ମୁଖ୍ୟଙ୍କ ସ୍ତରକୁ ଦେଖିଲେ ସର୍ବାଧିକ ଅନୁଗାମୀ ମୋଦିଜୀଙ୍କର ରହିଛନ୍ତି । ଭାରତକୁ ବିଶ୍ୱଗୁରୁ କୁହାଯାଏ ଏବଂ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଅନ୍ୟତମ ଶକ୍ତିଶାଳୀ ନେତା ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ସମସ୍ତେ ଜାଣନ୍ତି । ଯଦିଓ ପୃଥିବୀରେ ଏହି ଶ୍ରେଣୀରେ ସବୁଠୁ ଶୀର୍ଷରେ ରହିଛନ୍ତି ପର୍ତୁଗାଲର ତାରକା ଖଚିତ ଫୁଟବଲ ଖେଳାଳୀ ରୋନାଲ୍ଡୋ । ଖେଳ କ୍ଷେତ୍ରକୁ ଦେଖିଲେ ଭାରତରେ ବିରାଟ କୋହିଲିଙ୍କର ସତୁରୀ କୋଟିରୁ ଅଧିକ ଫଲୋରର୍ସ ସୋସିଆଲ ମିଡ଼ିଆରେ ରହିଛନ୍ତି । ସୋସିଆଲ ମିଡ଼ିଆ ବର୍ତମାନ ସମୟରେ ଆମ ଜୀବନ ସହିତ ଏପରି ମିଶିଗଲାଣି ଯେ ଏହା ଉଭୟ ଭଲ ଓ ଭେଲ ଦିଗ ପରି କାର୍ଯ୍ୟ କରୁଛି । ଏହା ଅସ୍ୱୀକାର କରି ହେବନାହିଁ ଯେ ସୋସିଆଲ ମିଡ଼ିଆ ଆମକୁ ଅନେକ କିଛି ଦେଇଛି । ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟ ଠାରୁ ଯୋଗାଯୋଗ, କୃଷି ଠାରୁ ଆଇନ, ମହାକାଶ ବିଜ୍ଞାନ ଠାରୁ କ୍ରୀଡ଼ା, ସବୁକ୍ଷେତ୍ରରେ ଏହି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଆମର ସାମାଜିକ, ବ୍ୟକ୍ତିଗତ ଓ ବୃତିଗତ ଜୀବନ ସହିତ ଏକ ପ୍ରକାର ମିଶିଗଲାଣି । ସେହିପରି ୟୁଟ୍ୟୁବ ବର୍ତମାନ ସମୟରେ ଏପରି ଏକ ଅତ୍ୟାଚାର୍ଯ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯାହା ସମ୍ବାଦ, ଶିକ୍ଷା, ମନୋରଞ୍ଜନ, ସଂଗୀତ ସବୁକିଛି ଆମକୁ ଦେଇପାରୁଛି । ସେହିପରି ହ୍ୱାଟସ ଆପ୍ ଏକ ମେସେଜିଂ ପ୍ଲାଟଫର୍ମ ଯାହାଦ୍ୱାରା ଭିଡ଼ିଓ କଲ, ଗ୍ରୁପ ସଂଯୋଗ, ଚାର୍ଟ ଓ ଭଏସ କଲ ଦ୍ୱାରା ଯୁବପିଢ଼ି ନୂତନ ନେଟୱାର୍କିଂ ଦୁନିଆରେ ପାଦ ଦେବା ସହ ବିଶ୍ୱର ଏକ ଅଖ୍ୟାତ ଗ୍ରାମର ଅଜଣା ଯେ କେହି ବି ଜଣେ ଏହି ୟୁଟ୍ୟୁବ ଦ୍ୱାରା କେବଳ ନିଜର ଅନୁଗାମୀ ବଢ଼ାଉ ନାହାଁନ୍ତି ବରଂ ଲକ୍ଷ ଲକ୍ଷ ଟଙ୍କା ହାତପାହାନ୍ତାରେ ଘରେ ବସି ରୋଜଗାର କରୁଛନ୍ତି ।

କିଛି ଦିନ ତଳେ ବର୍ଷିଆନ ସାମ୍ବାଦିକ ରବିସ୍ କୁମାର 'ଏନଡିଟିଭି' ଛାଡ଼ିବା ପରେ ନିଜ ୟୁଟ୍ୟୁବ ଚ୍ୟାନେଲ ଖୋଲି ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ସାମାଜିକ ଗଣମାଧ୍ୟମ କ୍ଷେତ୍ର ବିଶେଷକରି ସୋସିଆଲ ମିଡ଼ିଆର ନାଁ କମାଇଥିବା ଇନଫ୍ଲୁଏନସର ମାନଙ୍କ ଆଲୋଚନା କଲେ ଭାରତର ମିଷ୍ଟର ବିଷ୍ଟ ହେଉଛନ୍ତି ସବୁଠାରୁ ପ୍ରଭାବଶାଳୀ ଇନଫ୍ଲୁଏନସର । ତାଙ୍କ ୟୁଟ୍ୟୁବର ସବସ୍କ୍ରାଇବର ସଂଖ୍ୟା ୪୧୫ ନିୟୁତ ହୋଇଥିବାବେଳେ ସେ ବର୍ତମାନ ୮୩୫୦ କୋଟି ସମ୍ପତିର ମାଲିକ । ତାଙ୍କ ପଛରେ ହରିୟାନାର ରୋଷ୍ଟିଂ ଭିଡ଼ିଓ କରୁଥିବା କ୍ୟାରି ମିନାଟି ମଧ୍ୟ ବେଶ ଲୋକପ୍ରିୟ । ସେହିପରି ଗୁଜୁରାଟର ଭୁବନ ବାମ, ଦିଲ୍ଲୀ ନିବାସୀ ତ୍ରିଗର୍ଡ଼ ଇନସାନ୍, ଦିଲ୍ଲୀର କଂଟେଂଟ କ୍ରିଏଟର ଆଶିଷ ଚଂଚଲାନୀ, କନ୍ନଡ ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ଜନ୍ନତ ଜୁବୈର, ବ୍ଲଗର ଭାବେ ହରିୟାନାର ଜନ୍ମିତ ଜର୍ମାନରେ ରହୁଥିବା ଧ୍ରୁବ ରାଠି, ଟେକ୍ନିକାଲ ଗୁରୁଜୀ ନାଁରେ ଲୋକପ୍ରିୟ ଗୌରବ ଚୌଧୁରୀ, ଭାରତୀୟ ଫେସନ ଇନଫ୍ଲୁଏନସର ନାନ୍ସି ତ୍ୟାଗୀ, ମଜାଳିଆ ଭିଡ଼ିଓ କରୁଥିବା କୁଶା କପିଳା, ଲୋକପ୍ରିୟ ୟୁଟ୍ୟୁବର ପ୍ରାଜକ୍ତା କୋଲି ପ୍ରମୁଖ । ତେବେ ବଡ଼କଥା ହେଉଛି ଏହି ୟୁଟ୍ୟୁବ ଘରେ ବସି ଅନେକ ରୋଜଗାର ଦେଉଛି ଅନେକଙ୍କୁ । କରୋନା ସମୟରେ ଆମ ଓଡ଼ିଶାର ସମ୍ବଲପୁରର ଜନୈକ ଦାଦନ ଫେରନ୍ତା ଇଷାକ୍ ମୁଣ୍ଡାଙ୍କ ପଖାଳ କଂସା ଓ ଘରୋଇ ବ୍ୟଞ୍ଜନ ୟୁଟ୍ୟୁବରେ ଢ଼େର ଚର୍ଚ୍ଚା ସୃଷ୍ଟି କରିବା ସହ ସେ କେବଳ ଲକ୍ଷାଧିକ ଟଙ୍କା ପାଇନଥିଲେ ବରଂ ଖୋଦ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲେ । ଓଡ଼ିଆ ସମତେ ଅନେକ ଆଂଚଳିକ ଭାଷାରେ ୟୁଟ୍ୟୁବ ଚ୍ୟାନେଲ ବର୍ତମାନ ସମୟରେ ଭର୍ତି ହୋଇଛି ।

ସୋସିଆଲ ମିଡ଼ିଆ ଯେତିକି ଭଲ ସେତିକ ଖରାପ ମଧ୍ୟ । ଅନେକ କୁହନ୍ତି ବିଦ୍ୟାର୍ଥୀମାନେ ସୋସିଆଲ ମିଡ଼ିଆ ଉପରେ ମାତ୍ରାଧିକ ନିର୍ଭରଶୀଳତା ରଖୁଥିବାରୁ ସେମାନଙ୍କର ବୌଦ୍ଧିକତା, ମୌଳିକତା ହ୍ରାସ ପାଉଛି । ଏହା ନିଃସଙ୍ଗତା ସୃଷ୍ଟି କରିବା ସହ କେତେକ କ୍ଷେତ୍ରରେ ଟ୍ରୋଲିଂ ଭୟରେ କୌଣସି ଦଙ୍ଗା ହଙ୍ଗାମା ପରିସ୍ଥିତି ସହ ଅନେକ ଜୀବନ ହାରି ଥାଆନ୍ତି । ପିଲାମାନଙ୍କ କ୍ଷେତ୍ରରେ ଅତ୍ୟଧିକ ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ମେଳର ସମ୍ପର୍କକୁ ନଷ୍ଟ କରିଦେଇଥାଏ । କେତେକ କ୍ଷେତ୍ରରେ ଅଜଣା ଲିଙ୍କର ବ୍ଲାକମେଲିଂ ଶିକାର ହୋଇ କେବଳ ପିଲାମାନେ ନୁହଁନ୍ତି ବୟସ୍କ ମାନେ ମଧ୍ୟ କୁପଥଗାମୀ ହେବାର ନଜିର ରହିଛି । ଭିଡ଼ିଓ ଗେମିଂ ଦ୍ୱାରା ଅନେକ ଛାତ୍ର ଆତ୍ମହତ୍ୟା କରିବା ସହ ବେଳେ ବେଳେ ନିଜ ବାପା-ମାଆଙ୍କ କଥାକୁ ସେମାନେ ବୁଝିବାକୁ ଉଚିତ ମନେ କରିନଥାନ୍ତି । ନିଜକୁ ବିଜ୍ଞାପିତ କରିବାର ଉପଯୁକ୍ତ ସାଧନ ଏହି ସୋସିଆଲ ମିଡ଼ିଆ ହୋଇଥିବାରୁ ଆତ୍ମ ବିଜ୍ଞପିତ କରିବାର ପ୍ରବଳ ଉତ୍ସାହ ଜଣଙ୍କର ସୃଜନ ମୌଳିକତାକୁ ଧ୍ୱଂସ କରିଥାଏ । ସରକାରଙ୍କ ତରଫରୁ କିଛି ନୀତି ନିୟମ ରହୁଛି ତେବେ ଏସବୁ ଭିତରେ ସୋସିଆଲ ମିଡ଼ିଆ ଜଣଙ୍କର ଜ୍ଞାନ ଉନ୍ନତିର ମହାନ ଅସ୍ତ୍ର ତ ନିଶ୍ଚୟ ତେବେ ଭାରତର ବୃହତ୍ କ୍ରୀୟାଶୀଳ ମାନବ ସମ୍ବଳ ଏହି ଡିଜିଟାଲ ନଦୀର ସ୍ରୋତରେ ନ ଭାସି ଏହାର ସୁଯୋଗକୁ ଉପଯୋଗ କଲେ ଏହା ଯୁବ ବର୍ଗଙ୍କ ପାଇଁ ନିର୍ଭରଯୋଗ୍ୟ ବନ୍ଧୁ ପାଲଟି ପାରିବ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, 'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ଦୂରଭାଷ : ୯୬୫୮୧୦୫୫୩୨*



ସେଇଠୁ ଆରମ୍ଭ
SEITHO ARAMBHA





# କେରଳମର ଏର୍ଣ୍ଣାକୁଲମ୍‌ରେ ୧୧,୦୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ, ୧୧/୦୩ (ପି.ଆଇ.ବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳମ୍‌ର ଚଳଚଂଚଳ ଉପକୂଳ ସହର କୋଚି ଗସ୍ତ କରିଥିଲେ ଓ ରାଜ୍ୟର ପ୍ରଗତି ତ୍ୱରାନ୍ୱିତ କରିବାକୁ ବିଭିନ୍ନ ପ୍ରଭାବଶାଳୀ ପ୍ରକଳ୍ପର ଉଦଘାଟନ କରିଥିଲେ । ନିବେଶର ବ୍ୟାପକତା ଉପରେ ଗୁରୁତ୍ୱାରୋପ କରି, ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦ କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଏକ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ କୋଚି ଆସିବା ସର୍ବଦା ଏକ ମହାନ ଅଭିଜ୍ଞତା ରହିଆସିଛି ଓ ଏହି ପ୍ରକଳ୍ପଗୁଡ଼ିକ ପାଇଁ କେରଳବାସୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।' ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି କୋଚି ରିଫାଇନାରୀରେ ପଲିପ୍ରୋପିଲିନ୍ ୟୁନିଟର ଶିଳାନ୍ୟାସ ପେଟ୍ରୋଲିୟମ୍ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ୟାକେଜିଂ, ବୟନ ଏବଂ ଚିକିତ୍ସା ଉପକରଣ ଶିଳ୍ପକୁ ସମର୍ଥନ କରିବା ପାଇଁ ଏହି ୟୁନିଟ୍ ବାର୍ଷିକ ଚାରି ଲକ୍ଷ ଟନ୍ ଉତ୍ପାଦନ କରିବ ବୋଲି ଆଶା କରାଯାଉଛି । ଏହି ୟୁନିଟର ରଣନୈତିକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ ''ମେକ୍ ଇନ୍ ଇଣ୍ଡିଆ' ନିମନ୍ତେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପେଟ୍ରୋଲିୟମ୍ କ୍ଷେତ୍ରର ବିସ୍ତାର ଅତ୍ୟନ୍ତ ଜରୁରୀ ।' ସମଗ୍ର ବିଶ୍ୱରେ ଏକ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା ପାଇଁ, ପ୍ରଧାନମନ୍ତ୍ରୀ ଏଆଇ ଏବଂ ସେମିକଣ୍ଡକ୍ଟରରେ ଦେଶର ପ୍ରଗତିକୁ ସ୍ଥାୟୀ ଶକ୍ତିର ବର୍ଦ୍ଧିତ ଚାହିଦା ସହିତ ଯୋଡ଼ିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ କେରଳମକୁ ଏକ ଅଗ୍ରଣୀ କରିବା ଲକ୍ଷ୍ୟରେ, ଆଜି ପଶ୍ଚିମ କଲ୍ଲଡାରେ ୫୦ ମେଗାୱାଟ ଭାସମାନ ସୌର ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ସେ ଉଲ୍ଲେଖ କରିଥିଲେ ଯେ କେରଳମରେ ବହୁ ସଂଖ୍ୟକ ଜଳାଶୟ ଥିବାରୁ, ଭାସମାନ ସୌରଶକ୍ତି କ୍ଷେତ୍ରରେ ରାଜ୍ୟରେ ପ୍ରଚୁର ସମ୍ଭାବନା ରହିଛି । ଏକ ସବୁଜ ଭବିଷ୍ୟତ ଆଡକୁ ପରିବର୍ତ୍ତନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ, 'ଏହା ଆମର ପ୍ରୟାସ ଯେ କେରଳମ୍ ସୌରଶକ୍ତି ଉତ୍ପାଦନରେ ଆହୁରି ଆଗକୁ ବଢ଼ିବ ।' ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ପ୍ରକଳ୍ପ ଏବଂ ରେଳ ବିଦ୍ୟୁତୀକରଣ ମାଧ୍ୟମରେ ଆଂଚଳିକ ସଂଯୋଗୀକରଣରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବିଷୟରେ ମଧ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଶୋରାନୁର ଜଙ୍କସନ, କୁଟ୍ଟିପୁରମ ଏବଂ ଚାଙ୍ଗନାସେରିରେ ଆଧୁନିକୀକରଣ ପ୍ରୟାସ ଏବଂ ନୂତନ ପାଲକ୍କଡ-ପୋଲାଚି ଟ୍ରେନ ସେବା କେରଳମ୍ ଏବଂ ତାମିଲନାଡୁ ଉଭୟର ବାସିନ୍ଦାଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବ । ସ୍ଥାନୀୟ ବିକାଶ ଉପରେ କେନ୍ଦ୍ର ବଜେଟର ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ, 'ଆଜି ବିଶ୍ୱ ଆଧୁନିକ ଭିତିଭୂମିରେ ନିବେଶ ପାଇଁ ଭାରତକୁ ପ୍ରଶଂସା କରୁଛି ।' ସଡ଼କ ଭିତିଭୂମି ବିଷୟରେ, ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ କୋଝିକୋଡ ବାଇପାସ ଏବଂ ଆଜିକ୍କାଲ ବନ୍ଦରକୁ ଉନ୍ନତ ସଂଯୋଗୀକରଣ ସମେତ ନୂତନ ଛଅ ଲେନ ବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଯାତ୍ରା ସମୟ ଏବଂ ଭିଡ଼କୁ ଯଥେଷ୍ଟ ହ୍ରାସ କରିବ । ଶ୍ରୀ ସେ କହିଥିଲେ, 'ଏହି ସମସ୍ତ ପ୍ରକଳ୍ପ କେରଳମର ଚାଷୀମାନଙ୍କୁ ଲାଭ ଦେବ ଏବଂ ଏଠାରେ ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ ଶିଳ୍ପକୁ ପ୍ରୋତ୍ସାହିତ କରିବ ।' ତାଙ୍କ ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭିତିଭୂମିରେ ନିବେଶିତ ପ୍ରତ୍ୟେକ ଟଙ୍କା ଯୁବକମାନଙ୍କ ନିମନ୍ତେ ବ୍ୟାପକ ନିଯୁକ୍ତି ସୃଷ୍ଟି ପାଇଁ ଏକ ଉତପ୍ରେରକ ଭାବରେ କାର୍ଯ୍ୟ କରେ ।

# ତିବ୍ବତ ସ୍ୱାଧୀନତା ପାଇଁ ଚନ୍ଦ୍ରଗିରିରେ ବିରାଟ ଶୋଭାଯାତ୍ରା



ପାରଳାଖେମୁଣ୍ଡି, ୧୧/୦୩ (ଆ.ପ୍ର) : ତିବ୍ବତ ଦେଶର ସ୍ୱାଧୀନତା ପାଇଁ ଏକ ବିରାଟ ଶୋଭାଯାତ୍ରା ଚନ୍ଦ୍ରଗିରି ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଫୁଂଟ ସାକଲିଂ କାର୍ଯ୍ୟାଳୟ ଠାରୁ ଶହଶହ ଯୁବକ, ଯୁବତୀ, ଛାତ୍ରଛାତ୍ରୀ ତଥା ତିବ୍ବତୀୟମାନେ ବାହାରି ଚୀନର ଏକଛତ୍ରବାଦ ବିରୋଧରେ ଶ୍ଳୋଗାନ ଦେବା ସହ ତିବ୍ବତ ଦେଶକୁ ପୂର୍ଣ୍ଣ ସ୍ୱାଧୀନତା ଦେବାପାଇଁ ଆହ୍ୱାନ କରିଥିଲେ । ତତ୍ ସଂଗେସଂଗେ ଅପହରଣ କରିଥିବା ପେଚେନ ଲାମାଙ୍କୁ ମୁକ୍ତ କରିବାକୁ ଦାବୀ କରିଥିଲେ । ୧୯୯୫ ମସିହାରେ ତାଙ୍କୁ ୬ ବର୍ଷ ହୋଇଥିବା ବେଳେ ଚୀନ ଅପହରଣ କରି ନେଇଛି । ଆଜକୁ ୩୧ ବର୍ଷ ହୋଇ ଯାଇଥିଲେ ସୁଦ୍ଧା ତାଙ୍କର ଖୋଜଖବର ମିଳୁନାହିଁ । ତେଣୁ ଚୀନକୁ ବାସନ୍ଦ କରିବା ସହ ତିବ୍ବତକୁ ମୁକ୍ତି ଦେବା ସହ ଲାମାଂକ ମୁକ୍ତି ପାଇଁ ସମଗ୍ର ବିଶ୍ୱକୁ ଅନୁରୋଧ କରିଛନ୍ତି । ଏହି ଶୋଭାଯାତ୍ରାରେ ତିବ୍ବତୀୟ ସେଟେଲମେଂଟ କର୍ମୀ, ମହିଳା ସଭାନେତ୍ରୀ ସେରିଂଗ ୟାଂଗକୁମ୍ ଓ ଯୁବ କଗ୍ରେସ ସଭାପତି ତେଂଜିଂ ଫଙ୍ଗବେ ନେତୃତ୍ୱ ନେଇଥିଲେ ।

# ଟ୍ରାଫିକ ନିୟମକୁ କବାଡ଼ିଆଙ୍କ ବେଖାତିର, ଟ୍ରଲିରେ ସଂଯୋଗ ହୋଇଛି ୧୫ ବର୍ଷର ପୁରୁଣା ଗାଡ଼ି



ଯାଜପୁର, ୧୧/୦୩ (ଆ.ପ୍ର) : ଦେଶକୁ ପ୍ରଦୂଷଣମୁକ୍ତ ରଖିବା ଉଦ୍ଦେଶ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଗାଡ଼ିଗୁଡ଼ିକ ରାସ୍ତାରେ ଆଉ ଚଳାଚଳ କରିପାରିବନି ବୋଲି କେନ୍ଦ୍ର ସରକାର ନୀତି ଜାରି କରିଛନ୍ତି । ବିଶେଷକରି ପୁରୁଣା ଗାଡ଼ି ମାନଙ୍କରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅନେକ ସମୟରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ତେବେ କେନ୍ଦ୍ର ସରକାରଙ୍କ ଏହି ନିୟମ ପରେ ଦୁଇ ଚକିଆ ଯାନର ମାଲିକ ମାନେ କବାଡ଼ିଆମାନଙ୍କୁ ଶାଗମାଛ ଦରରେ ପୁରୁଣା ୨ ଚକିଆ ଗାଡ଼ି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । କିନ୍ତୁ କବାଡ଼ିଆ ଏହି ଗାଡ଼ିକୁ କିଣି ମନଇଚ୍ଛା ଟ୍ରଲିରେ ବାନ୍ଧି ନିଜ ବ୍ୟବସାୟିକ କାର୍ଯ୍ୟରେ ନିୟୋଜିତ କରିବା ସହିତ ବିଭିନ୍ନ ପ୍ରକାରର ସାମଗ୍ରୀ ବହୁଥିବା ସହିତ ବଜାରଘାଟରେ ବୁଲୁଥିବା ଦେଖିବାକୁ ମିଳୁଛି । ଏଭଳି ଗାଡ଼ି ଯାଜପୁର ସହର ସହିତ ଗ୍ରାମ ଅଂଚଳରେ ବହୁ ସଂଖ୍ୟାରେ ଦିନତମାମ ଯାଆସ କରୁଥିବା ଦେଖାଯାଏ । ଏଥିପାଇଁ କବାଡ଼ିଆଙ୍କୁ ନା ଅଛି ହେଲ୍ମେଟ୍ ଭୟ ନା ରହିଛି ଡିଏଲ ଚିନ୍ତା । ମୋଟାମୋଟି ଟ୍ରାଫିକ ବ୍ୟବସ୍ଥାର କେଉଁ ନିୟମରେ ରହିଛି ତାହା ଏବେ ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଏପରିକି ରାସ୍ତାରେ ୨ ଚକିଆ ଗାଡ଼ି ଯିବାବେଳେ ଟ୍ରାଫିକର ବିଭିନ୍ନ ନିୟମ କରାଯାଉଥିବାବେ ବଳେ କବାଡ଼ିଆଙ୍କ ତିନି ଚକିଆ ଗାଡ଼ି କ୍ଷେତ୍ରରେ ତାହା ଦେଖାଯାଉନାହିଁ । ତେବେ ଟ୍ରଲିରେ ବନ୍ଧାହୋଇ ରାସ୍ତାରେ ଚାଲୁଥିବା ଏହି ବାଇକଗୁଡ଼ିକୁ କବାଡ଼ିଆମାନେ କାଗଜପତ୍ର ଯାଂଚ କରି କିଣୁଛନ୍ତି ନା ଚୋରାରେ କିଣୁଛନ୍ତି, ତାହାକୁ ପୋଲିସ ତଦନ୍ତ କଲେ ସହର ଏବଂ ଗ୍ରାମ ଅଂଚଳରୁ ଚୋରି ହେଉଥିବା ଅନେକ ଗାଡ଼ି ଏହି କବାଡ଼ିଆ ଗୋଦାମରୁ ମିଳି ପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ପୁରୁଣା ଗାଡ଼ିକୁ କିଣିବା ଆଳରେ ଚୋରା ବାଇକଗୁଡ଼ିକୁ ମଧ୍ୟ କାଟି ହଜମ କରିବା ସହ କବାଡ଼ିଆମାନେ ଅଧିକ ମୁନାଫା କମାଉଛନ୍ତି ବୋଲି ସହର ମଧ୍ୟରେ ଆଲୋଚନା ହେଉଛି । ଚୋରି ବାଇକକୁ ଧରିବା ପାଇଁ ପୋଲିସ ଦିନରାତି ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି । କିନ୍ତୁ କବାଡ଼ିଆ ଗୋଦାମରେ କାହିଁକି ପଦକ୍ଷେପ ନେଉନାହିଁ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ବିଶେଷକରି ଯାଜପୁର ସହର ଓ ଗାଁ ଅଂଚଳରେ ଅନେକ କବାଡ଼ିଆ ନୂଆ ଗୋଦାମମାନଙ୍କରେ ଶହଶହ ପୁରୁଣା ବାଇକ ଗଦା ହୋଇଥିବା ଦୃଷ୍ଟିକୁ ଆସିଛି । କିଛି କବାଡିଆ ରାତି ଅଧରେ ନିଜର ଛାତ ଉପରେ ଚୋରା ବାଇକ୍ କାଟୁଛନ୍ତି ବୋଲି ଶୁଣିବାକୁ ମିଳୁଛି । ଯଦି ପୋଲିସ ଏଠାରେ ଯାଂଚ କରନ୍ତା, ସେଠାରୁ କେତେକ ଚୋରି ବାଇକ ଉଦ୍ଧାର ହେବାର ମଧ୍ୟ ସମ୍ଭାବନା ରହିଛି । ପୋଲିସ ଆଗାମୀ ଦିନରେ ଏହି କବାଡିଆ ଗୋଦାମ ଘର ଭିତରେ ଯାଂଚ କରିବା ପାଇଁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବ ମାନେ ଦାବି କରିଛନ୍ତି ।

# ମାହାଙ୍ଗା ତହସିଲଦାରଙ୍କ ଅତର୍କିତ ଚଢ଼ାଉ ବାଲି ବୋଝେଇ ଟ୍ରାକ୍ଟର୍ ଜବତ

ମାହାଙ୍ଗା, **ସେଇଠୁ ଆରମ୍ଭର ପ୍ରଭାବ** ମାହାଙ୍ଗା ବ୍ଲକ ଅଧିନ ବିରୂପା, ଗେଙ୍ଗୁଟି ନଦୀରୁ ବେଆଇନ୍ ଭାବେ ଟ୍ରାକ୍ଟର ସାହାଯ୍ୟ ରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ମାହାଙ୍ଗା ଜନପ୍ରିୟ ତହସିଲଦାର ସୁବାଶିଷ ପାଲଟାଙ୍କ ସହ ଏକ ଟିମ୍ ବିରୂପା ନଦୀର ବିଭିନ୍ନ ଘାଟ ଉପରେ ଚଢ଼ାଉ କରି ନୃତାଙ୍ଗରୁ ଏକ ବାଲି ବୋଝେଇ ଟ୍ରାକ୍ଟର୍‌କୁ ଜବତ କରିଥିଲେ । ପରେ ଏହି ଟ୍ରାକ୍ଟରକୁ ମାହାଙ୍ଗା ଥାନାକୁ ହସ୍ତାନ୍ତର କରିବା ସହ ଓଡ଼ିଶା ଖଣି ବିଭାଗକୁ ଅବଗତ କରାଇଥିବା ତହସିଲଦାର ଶ୍ରୀ ପାଲଟା ସୂଚନା ଦେଇଛନ୍ତି । ଏହି ଚଢାଉ ରେ ସୀତାକାନ୍ତ ପ୍ରଧାନ, ସଞ୍ଜୟ ନାୟକ, ଲଳିତ କର ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆପଡ଼ାରେ କୃଷି ଯୋଜନାର ସମୀକ୍ଷା ବୈଠକ: ପାଂଚ ଜଣ ପ୍ରଗତିଶୀଳ ଚାଷୀ ସମ୍ମାନିତ



ନୂଆପଡ଼ା, ୧୧/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୈଠକରେ ଜଣାଯାଇଥିଲା ଯେ ରବି ଋତୁ ଫସଲ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୨,୨୩୦ ହେକ୍ଟର ଧାନ ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୬,୬୫୩ ହେକ୍ଟରରେ ଚାଷ କରାଯାଇ ଲକ୍ଷ୍ୟକୁ ଅତିକ୍ରମ କରାଯାଇଛି । ସେହିପରି ଡିଜିଟାଲ କ୍ରପ ସର୍ଭେରେ ୭୨ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିବା ସୂଚନା ମିଳିଛି । ବିଭିନ୍ନ କୃଷି ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ପାଂଚଜଣ ପ୍ରଗତିଶୀଳ ଓ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଚାଷୀମାନେ ହେଲେ ମୋହନପଦର ଗ୍ରାମର ଟିକେସୁନ୍ଦର ମାଝୀ, କଇନ୍ତପଦରର ଉଗ୍ରସେନ ହେରଣା, ଡୁମେରଝରର ନିରଞ୍ଜନ ନିଆଲ, ବିଶ୍ୱନାଥପୁରର ମାୟାଧର ପ୍ରଧାନ ଓ କୋଦୋମେରିର ମଣ୍ଡଲାଲ ରାଉତ । ବୈଠକରେ ଜିଲ୍ଲା କୃଷି ଅଧିକାରୀ ସୋମନାଥ ମହାପାତ୍ର, ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ସହକାରୀ କୃଷି ଅଧିକାରୀ ବର୍ଷା ଆଜାଦ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଚେପଟିଆମ୍ବାରେ ପୋଲିସର ଜନସମ୍ପର୍କ କାର୍ଯ୍ୟକ୍ରମ





ଝରିଗାଁ, ୧୧/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ତେଲନଦୀ ପଂଚାୟତର ଦୁର୍ଗମ ଗ୍ରାମ ଚେପଟିଆମ୍ବାରେ ବୁଧବାର ଦିନ ଝରିଗାଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଝରିଗାଁ ଥାନା ଅଧିକାରୀ ରଚିତା ମାଡ଼କାମୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଯୋଗଦେଇଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ନବରଙ୍ଗପୁର ଏସପି ସନ୍ଦୀପ ସମ୍ପତ ମଡ଼କଡ଼, ଉମରକୋଟ ଏସଡିପିଓ ଶୁଭେନ୍ଦୁ କୁମାର ଶବର, ଚନ୍ଦାହାଣ୍ଡି ଆଇଆଇସି ବିମଳ ଲାକ୍ରା ଓ ରିଜର୍ଭ ଇନ୍ସପେକ୍ଟର ଅଜୟ କୁମାର ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଡ଼. ସ୍ୱାଇଁ କହିଥିଲେ ଯେ, ପୂର୍ବରୁ ଏହି ଅଂଚଳ ମାଓବାଦୀ ପ୍ରଭାବିତ ଥିବାରୁ ବିକାଶ କାର୍ଯ୍ୟ ସମ୍ଭବ ହୋଇପାରୁନଥିଲା । ବର୍ତମାନ ଜିଲ୍ଲା ମାଓମୁକ୍ତ ହୋଇଥିବାରୁ ଅଂଚଳର ବିକାଶ ଓ ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଏଭଳି ଜନସମ୍ପର୍କ ଶିବିର ଆୟୋଜନ କରାଯାଉଛି ବୋଲି ସେ କହିଥିଲେ । ଶିବିରରେ ଚେପଟିଆମ୍ବା, ଟେକରପାଣି, ବାଲଦେଇ, ବିରାଲାଟି, ଚାଉଁରୀ ଓ କର୍ଲାପଡା ଆଦି ଗ୍ରାମର ଲୋକମାନେ ଯୋଗଦେଇ ପାନୀୟଜଳ, ରାସ୍ତା, ବିଦ୍ୟୁତ, ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ସମସ୍ୟା ନେଇ ଅଭିଯୋଗ କରିଥିଲେ । ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ଆଶ୍ୱାସନ ଦେଇଥିଲେ । ଏହି ଶିବିରରେ ପ୍ରାୟ ୧୫୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଝରିଗାଁ ପୋଲିସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଖାତା, ପେନ ଓ ପେନସିଲ ବଂଟନ କରାଯାଇଥିଲା । ସେହିପରି ବୃଦ୍ଧ ଓ ମହିଳାମାନଙ୍କୁ କମ୍ବଳ, ଧୋତି, ଶାଢ଼ୀ ଓ ଗାମୁଛା ବଂଟନ କରାଯାଇଥିଲା । ଯୁବବର୍ଗଙ୍କୁ କ୍ରିକେଟ ବ୍ୟାଟ, ବଲ ଓ ଷ୍ଟମ୍ପ ମଧ୍ୟ ପ୍ରଦାନ କରାଯାଇଥିଲା । ଝରିଗାଁ ଥାନାର ଏସଆଇ ଲକ୍ଷ୍ମୀ ନାରାୟଣ ଦୋରା, ଏଏସଆଇ ମମତା ସେଠି ଓ ମହେଶ ପଟ୍ଟନାୟକ ସହିତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିଥିଲେ ।

# ବୃଷଭଙ୍କ ଜନ୍ମ ବାର୍ଷିକୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ



ଅସ୍ତରଙ୍ଗ, ୧୧/୦୩ (ଆ.ପ୍ର) : ପୁରୀ ଜିଲ୍ଲାର କାକଟପୁର ବ୍ଲକ ଲତାହରଣ ପଂଚାୟତ ଅଧିନ ଓଳଙ୍ଗର ଗ୍ରାମରେ ବୃଷଭଙ୍କ ଜନ୍ମବାର୍ଷିକୀ ଅବସରରେ ଭକ୍ତିମୟ ପରିବେଶ ମଧ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଭକ୍ତମଣ୍ଡଳୀ ଓ ଯୁବକ ସଂଘଙ୍କ ଉଦ୍ୟମରେ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅଂଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସକାଳୁ ମଙ୍ଗଳା ଆରତି ଓ ପୂଜାର୍ଚ୍ଚନା ସହିତ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହାପରେ ହରିନାମ ସଂକୀର୍ତନ ଓ ଭଜନ କୀର୍ତନ ଦ୍ୱାରା ସମଗ୍ର ଗ୍ରାମ ଭକ୍ତିମୟ ପରିବେଶରେ ମୁଗ୍ଧ ହୋଇଯାଇଥିଲା । ୨୪ ଘଂଟା ଧରି ଚାଲିଥିବା ଏହି ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ କୀର୍ତନ ଦଳ ଯୋଗଦେଇ ହରିନାମ ଗାନ କରିଥିଲେ । ଗ୍ରାମବାସୀଙ୍କ ମତାନୁସାରେ, ଏପରି ଧାର୍ମିକ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମରେ ଶାନ୍ତି, ସମ୍ମିଳନ ଓ ଭକ୍ତିଭାବ ବୃଦ୍ଧି ପାଉଥାଏ । କାର୍ଯ୍ୟକ୍ରମର ଶେଷରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଗ୍ରାମର ବୃଦ୍ଧ, ଯୁବକ ଓ ମହିଳାମାନେ ବଡ଼ ସଂଖ୍ୟାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଉଦ୍‌ଯାପିତ ହେଲା ଖଣ୍ଡାଧାର ମହୋତ୍ସବ: କଳା ଓ ସଂସ୍କୃତିର ଝଲକରେ ଝଲସିଲା ମଂଚ




ବଣାଇଁ, ୧୧/୦୩ (ଆ.ପ୍ର) : ଅବଲୋପ୍ତ କଳା ଓ ବିଲୁପ୍ତ ପ୍ରାୟ ସଂସ୍କୃତିର ପୁନରୁତ୍‌ଥାନ ପାଇଁ ପ୍ରଚେଷ୍ଟାର ମଂଚ 'ଖଣ୍ଡାଧାର ମହୋତ୍ସବ' ଏକ ବର୍ଣ୍ଣାଢ୍ୟ ପରିବେଶ ରେ ଉଦଯାପିତ ହୋଇ ଯାଇଛି । ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବର ପ୍ରଥମ ଦିନରେ ବଣାଇଁର ପ୍ରଶିଦ୍ଧ ଶୈବପୀଠ ବାବା ବାଣେଶ୍ୱରଙ୍କ ନିକଟରେ ବଣାଇଁ ରାଜା ସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବ ଓ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲ୍ଲେଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତା ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ପରେ ଏକ ଶୋଭାଯାତ୍ରାରେ କଳାହାଣ୍ଡି କଟାପ୍ପାଙ୍କ ସହିତ ଅନେକ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ । ସେହିଭଳି ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଡି ଏଫ ଓ ଲଳିତ କୁମାର ପାତ୍ର ଓ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିଥିଲେ । ଅନ୍ତିମ ଦିବସ ରେ ସୁରେନ୍ଦ୍ର ମାଇନିଂ ଆଣ୍ଡ୍ ଇଣ୍ଡଷ୍ଟ୍ରିଜର ଅଧକ୍ଷ ଇଂ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ରହି କଳାକାର ମାନଙ୍କୁ ଉଚ୍ଚ ପ୍ରସଂଶା କରିଥିଲେ । ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ଆୟୋଜନ କରାଯାଇ ଉତ୍କୃଷ୍ଟ କଳା ପ୍ରଦର୍ଶନ ଚୟନ କ୍ରମେ ପ୍ରଥମ ଭାବେ ବରଘାଟ ଆଦିବାସୀ ଓରାମ ନୃତ୍ୟ ଓ ଦ୍ୱିତୀୟ ଭାବେ ଠାକୁରପାଲୀ ଆଦିବାସୀ କିଷାନ ନୃତ୍ୟ ଶ୍ରେଷ୍ଠ ବିବେଚିତ ହୋଇ ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ । ମଂଚରେ ତିନିଦିନ ଧରି ଉତ୍କୃଷ୍ଟ କଳା ପ୍ରଦର୍ଶିତ ହୋଇଥିଲା । ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ର ରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥା ସ୍ୱର୍ଗତଃ ଦିଲ୍ଲୀପ ତ୍ରିପାଠୀ ସ୍ମୃତି ସମ୍ମାନ – ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ, କର୍ତବ୍ୟନିଷ୍ଠ ସମ୍ମାନ – କୋଇଡ଼ା ବନପାଳ ପ୍ରତାପ କୁମାର ସାହୁ, ସେବା ଧର୍ମ ସମ୍ମାନ – ବାଦଲ ବାରିକ, ଗଣୁଆଁ କୋଇଡ଼ା, ସ୍ୱର୍ଗତଃ କୁମାର ଗୌତମ ବାରିକ ସ୍ମୃତି ସମ୍ମାନ – ଅଧାପିକା ପ୍ରଣତି ବେହେରା, ସ୍ୱର୍ଗତଃ ରମେଶ ଚନ୍ଦ୍ର ବେହେରା ସ୍ମୃତି ସମ୍ମାନ – ବାଣୀପୁତ୍ର ସୁବେଦାର ଦେବରାଜ କିଷାନ ସୁଆରପାଲୀ, ମହିଳା ଦିବସରେ ଅନନ୍ୟା ପ୍ରତିଭା – ଭିନ୍ନକ୍ଷମ ବର୍ଗରେ ଜାତୀୟ ପାରା ଆଥଲେଟ ଆଶା ସିଂହ, ସିହିଡିଆଙ୍କୁ ମଂଚ ପକ୍ଷରୁ ସମ୍ମାନିତ କରାଯାଇଥିଲା । ମହୋତ୍ସବରେ ଉଦଘୋଷିକା ଭାବେ ଆକାଶବାଣୀ ରାଉରକେଲାର ଜଣାଶୁଣା ଉଦଘୋଷିକା ଶୁଭଶ୍ରୀ ଦାସ ମଂଚ ପରିଚାଳନା କରିଥିଲେ । ମହୋତ୍ସବରେ ସଭାପତି ପ୍ରଦୀପ ତ୍ରିପାଠୀ, ସମ୍ପାଦକ ଧିରୋଜ ସାହୁ, କୋଷାଧକ୍ଷ ଚିନ୍ମୟ ତ୍ରିପାଠୀଙ୍କ ସମେତ ଖଗେଶ୍ୱର ବାରିକ, ବିକ୍ରମ ବାରିକ, ଶ୍ୱେତ ବସନ୍ତ ବିଶ୍ୱାଳ, ଉମେଶ ସାହୁ, ବିରଜା ପ୍ରସାଦ ମହାନ୍ତି, ସିରାଜ ଖାନ, ସୂରଜ ପ୍ରତାପ ମହାନ୍ତି, ହବିବ ଖାନ, ପ୍ରଭାତ ବେହେରା, ଶୁଭ ସଂକେତ ବାରିକ, ଲିଙ୍ଗରାଜ ପ୍ରଧାନ, ରଞ୍ଜିତ ମୁଣ୍ଡା, ଫିରୋଜ ଖାନ, ପ୍ରଭାତ ସ୍ୱାଇଁ, ହରି ଶଙ୍କର ସାହୁ, ଟୁନା ପାତ୍ର ପ୍ରମୂଖ ମହୋତ୍ସବର ସଫଳତା ରେ ପ୍ରମୁଖ ଭାବେ ଅଂଶଗ୍ରହଣ କରିଥିଲେ ।

# ଖଳିସାହି ଦଶଦୋଳ ମହୋତ୍ସବ ୧୩ରୁ

ଖଣ୍ଡପଡା, ୧୧/୦୩ (ଆ.ପ୍ର) : ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡିଆରେ ଆସନ୍ତା ୧୩ ରୁ ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପଂଚମ ଦଶଦୋଳ ମହୋତ୍ସବ ଅନୁଷ୍ଠିତ ହେବ । ଏ ନେଇ ଦଶଦୋଳ ମହୋତ୍ସବ କମିଟି ପକ୍ଷରୁ ଦଶଦୋଳ ଯାତ୍ରା ପଡିଆରେ ବ୍ୟାପକ ପ୍ରସ୍ତୁତିପର୍ବ ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ଏ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦଶଦୋଳ ମହୋତ୍ସବ କମିଟିର ସଭାପତି ବାପିନା ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତି ନେଇଥିଲେ । ମହୋତ୍ସବର ପ୍ରତ୍ୟେହ ସଂନ୍ଧ୍ୟାରେ ମୟୂରଭଞ୍ଜର ଛଉନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ପାଇକ ଆଖଡା, ମାଲଖମ୍ବ ସହ ଓଡ଼ିଶାର ନାମିଦାମୀ ସିନେ କଳାକାର ଓ ତାରକାମାନଙ୍କୁ ନେଇ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଥିଲା । ପ୍ରସ୍ତୁତି ବୈଠକରେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ମହୋତ୍ସବ କମିଟିର ସଭାପତି ଶ୍ରୀ ସାହୁ, ସଦସ୍ୟ ଶରତ କୁମାର ସାହୁ, ଧୀରେନ୍ଦ୍ର କୁମାର ଗଣ୍ଡିଆ, ସୁଦର୍ଶନ ସାହୁ, ସୁକାନ୍ତ ଗଣ୍ଡିଆ, ଚରଣ ସାହୁ, ଦୀପକ ରଞ୍ଜନ ସାହୁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ । ମହୋତ୍ସବର ସଫଳତା ନେଇ ଖଳିସାହି ପଂଚାୟତବାସୀଙ୍କ ସକ୍ରୀୟ ସହଯୋଗ କାମନା କରାଯାଇଥିଲା ।



# ରାସ୍ତା ପାଇଁ ଅଧିକାରୀଙ୍କୁ ଅଟକ ରଖିଲେ ୫ଟି ଗ୍ରାମର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ଏନକେ ପ୍ରତିଶ୍ରୁତି ପରେ ଅଧିକାରୀ ମୁକୁଳିଲେ



ବାଲିଗୁଡ଼ା, ୧୧/୦୩ (ଆ.ପ୍ର) : ଗ୍ରାମାଂଚଳରେ ଖଣ୍ଡିଏ ପକ୍କା ରାସ୍ତା ପାଇଁ କିଭଳି ବାରମ୍ବାର ଅଧିକାରୀଙ୍କ ନିକଟରେ ନେହୁରା ହେଉଥିଲେ ମଧ୍ୟ ପକ୍କା ରାସ୍ତାଟିଏ ହୋଇ ପାରୁନଥିବାରୁ ଲୋକେ କିଭଳି ମୌଳିକ ସୁବିଧା ନପାଇ ହନ୍ତାସନ୍ତ ହେଉଛନ୍ତି । ତାହାକୁ ନେଇ ଆଜି ୫ ଟି ଗାଁର ଶତାଧିକ ଲୋକ ଉତ୍ୟକ୍ତ ହୋଇ ତାଙ୍କ ଅଂଚଳକୁ ଆସୁଥିବା ଜିଲ୍ଲାପାଳ ଏନକେଠୁ ଆରମ୍ଭକରି ଅଧିକାରୀ ମାନଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିବା ଘଟଣା ଆଜି ସରକାର ଯୋଜନାକୁ ପ୍ରଶ୍ନ ଉଠିଛି । କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ଗୁମା ପଂଚାୟତର ତିଡିପଦର ଛକରେ ତିଡିପଦର, ଗମ୍ଭାରୀ, ସାପେରୀ, ସୁଶାଭଟା, ପାଗେରୀପାଡି, କମଲପଡା, ସଲାପାଟା, ମହାବାଲି, ରାଣ୍ଡାଙ୍ଗ ଗାଁକୁ ସଂଯୋଗ କରି ଏକ ପକ୍କା ପ୍ରଧାନମନ୍ତ୍ରୀ ସଡକ ଯୋଜନା କରିବା ପାଇଁ ଦାବି କରିଥିଲେ । ଏହି ସବୁ ଗାଁ ରେ ୨୫ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପକ୍କା ରାସ୍ତାଟିଏ ଗାଁକୁ ହୋଇ ପାରୁ ନାହିଁ । ଯାହା ଫଳରେ ଗାଁକୁ ମୁଖ୍ୟମନ୍ତ୍ରୀ ବସ ସେବା ସହ ୧୦୮ ଓ ୧୦୨ ଭଳି ଜରୁରୀ ଆମ୍ବୁଲାନ୍ସ ସେବା ପହଂଚି ପାରୁନାହି । ବର୍ଷା ଦିନ ହେଲେ ରାସ୍ତାର ଆଁଠୁ ଆଁଠୁ ଏ ଗାତରେ ପାଣି କାଦୁଅରେ ଚାଲିବ ମଧ୍ୟ କଷ୍ଟ ହେଉଛି ରୋଗୀ ଓ ଗର୍ଭବତୀ ମହିଳା ମନକୁ ଦୋଳା କରି ୩ରୁ ୪ କିଲୋମିଟର ରାସ୍ତାରେ ଆଣି ମୁଖ୍ୟ ରାସ୍ତାରେ ପହଂଚିବାକୁ ପଡୁଛି । ଏଭଳି ସମସ୍ୟା ବଖାଣି ଥିଲେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାନେ । ତୁମୁଡିବନ୍ଧ - ବେଲଘର ରାସ୍ତାରେ ଯାଉଥିବା କନ୍ଧମାଳ ଜିଲ୍ଲାପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରଣିତା ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା ଅଟକ ରଖିବା ପରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ପହଂଚିବା ପରେ ଲୋକଙ୍କୁ ବୁଝାଶୁଝା କରି ଖୁବ୍‌ଶୀଘ୍ର ଡପିଆର ପ୍ରସ୍ତୁତ କରାଯାଇ ଗ୍ରାମ୍ୟ ଉନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ପକ୍କା ସଡକ ଯୋଜନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ମାନେ ଅଟକ ରଖିଥିବା ଅଧିକାରୀ ମାନକୁ ଛାଡି ଥିଲେ । ଏହା ପରେ ଜିଲ୍ଲାପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ମାନଙ୍କୁ ଧରି ସେହି ଗାଁକୁ ଯାଇ ସେଠାକାର ରାସ୍ତା ଅବସ୍ତାକୁ ବୁଲି ଦେଖିବା ସହ ଲୋକଙ୍କ ଉଦବେଗକୁ ଉପଲବଧ କରିଥିଲେ । ସ୍ଥାନୀୟ ସରପଂଚ ସାଞ୍ଜୁ ମଲ୍ଲିକ, ବେଲସନ ନାୟକ, ସୁକଦେବ ମାଝି, ଭୀମ ସେନ ମାଝି, ବିରେନ୍ଦ୍ର ଯାନୀ ପ୍ରମୁଖ ଉପସ୍ଥିତ ଥିଲେ ।



ସେଇଠୁ ଆରମ୍ଭ
SEITHO ARAMBHA





# ଡେରି ମିଲ୍କ ଚକୋଲେଟ୍ ଭିତରୁ ବାହାରିଲା ପୋକ, ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ




ଦଶପଲ୍ଲା, ୧୧/୦୩ (ଆ.ପ୍ର) : ବଜାରରେ ବିକ୍ରି ହେଉଥିବା ନାମୀଦାମୀ କମ୍ପାନୀର ଖାଦ୍ୟ ପଦାର୍ଥ ଏବେ କେତେ ଦୂର ସୁରକ୍ଷିତ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଗଣେଶ ବଜାର ସ୍ଥିତ ଏକ ଦୋକାନରୁ ବିଘ୍ନରାଜ ମହାନ୍ତି ନାମକ ଜଣେ ଗ୍ରାହକ ଏକ 'ଡେରି ମିଲ୍କ' ଚକୋଲେଟ୍ କିଣିଥିଲେ । କିନ୍ତୁ ଚକୋଲେଟ୍‌ଟିକୁ ଖାଇବା ପାଇଁ ଖୋଲିବା ମାତ୍ରେ ସେଥି ମଧ୍ୟରୁ ତିନୋଟି ଜୀବନ୍ତ ପୋକ ବାହାରିଥିବା ଦେଖିବାକୁ ମିଳିଥିଲା । ବିଘ୍ନରାଜ ଏ ସମ୍ପର୍କରେ ତୁରନ୍ତ ଦୋକାନୀଙ୍କୁ ଅବଗତ କରାଇଥିଲେ । ଖାଦ୍ୟ ସାମଗ୍ରୀରେ ଏଭଳି ଦୟନୀୟ ସ୍ଥିତିକୁ ଦେଖି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାକୁ ନେଇ ଦୋକାନୀର ମାଲିକ ମଧ୍ୟ ଗଭୀର କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବଡ କଥା ହେଲା ଚକୋଲେଟ୍‌ଟି ଏକ୍ସପାୟାରୀ ହୋଇନଥିଲେ ମଧ୍ୟ ସେଥିରେ ପୋକ ବାହାରିବା କମ୍ପାନୀର ମାନ ଏବଂ ଷ୍ଟୋରେଜ୍ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

# ଜେସିବି ତରଫରୁ କଷ୍ଟମର ମିଟ ଅନୁଷ୍ଠିତ



ଖଣ୍ଡପଡ଼ା, ୧୧/୦୩ (ଆ.ପ୍ର) : ଆମେ ସମସ୍ତେ ଜୀବନରେ ଅତି କମରେ ଥରେ ଜେସିବି ସହିତ କାମ କରିଛୁ । ଅତି କମ୍ ସମୟରେ ଅଧିକ ମାଟି ଉଠାଇବା, ଘର ନିର୍ମାଣରେ ଉପର ମହଲାକୁ ଭାରୀ ସାମଗ୍ରୀ ଉଠାଇବା, କିମ୍ବା କୋଠା ଭାଙ୍ଗିବା ଭଳି ଅନେକ କାମ ପାଇଁ ଜେସିବି ବ୍ୟବହାର କରାଯାଇଥାଏ । ସେଥିପାଇଁ ଆଜି ଜେସ୍ବି ଏକ ସ୍ୱତନ୍ତ୍ର ବ୍ରାଣ୍ଡ ସୃଷ୍ଟି କରିପାରିଛି । ପ୍ରାୟତଃ ଏହି ସବୁ ଜେସିବି ହଳଦିଆ ରଙ୍ଗର । ପ୍ରକୃତରେ ଜେସିବି ଏବଂ ବୁଲଡୋଜର ପୂର୍ବରୁ ଲାଲ ଓ ଧଳା ରଙ୍ଗର ଥିଲା । ଆଜି ପୂର୍ବାହ୍ନ ୧୨ ଘଂଟା ସମୟରେ ଖଣ୍ଡପଡ଼ା ସହରର ଘରୋଇ ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଜେସିବି ତରଫରୁ କଷ୍ଟମର ମିଟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଖଣ୍ଡପଡ଼ା ମା' ଉମାଦେବୀ ଘରୋଇ ମୋଟର ମାଲିକ ସଂଘର ସଭାପତି ଚିତରଞ୍ଜନ ମିଶ୍ର, ସ୍ଥାନୀୟ ଅଂଚଳର ଜେସିବି ମାଲିକ, ଜନସାଧାରଣ ଏବଂ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ନୟାଗଡ଼ ଜିଲ୍ଲା ଜେସିବିର ମୁଖ୍ୟ ଶାନ୍ତାନୁ କୁମାର ମହାପାତ୍ର ଜେସିବି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ମୈନାକ ସାହିତ୍ୟ ସଂସଦ ତରଫରୁ ଚଇତି କବିତା ଆସର




ପାରାଦୀପ, ୧୧/୦୩ (ଆ.ପ୍ର) : ପାରାଦୀପର ପୁରାତନ ସାହିତ୍ୟ ଅନୁଷ୍ଠାନ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଚଇତି ସାରସ୍ୱତ କବିତା ଆସର ସଭାପତି ଡ. ସନ୍ତୋଷ ସାମଲଙ୍କ ସଭାପତିତ୍ୱ ଅନୁଷ୍ଠିତ ହାରିଯାଇଛି । ପାରାଦୀପ ପୌରପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଚଇତ୍ର ମାସର ପ୍ରଥମ ମଙ୍ଗଳବାର ଦିନ ଅନୁଷ୍ଠିତ ଚଇତି କବିତା ଆସରକୁ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପାରାଦୀପ ନଗର ପାଳ ବସନ୍ତ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲା ବେଳେ ବରେଣ୍ୟ ଅତିଥି ଭାବେ କମ୍ରେଡ ବାବୁରାମ ଚୌଧୁରୀ, କବି ତଥା ଶ୍ରମିକ ନେତା ଅନନ୍ତ କୁମାର ଦାସ ଯୋଗ ଦେଇଥିଲେ । କବି ଟୁନିଲତା ବିଶ୍ୱାଳଙ୍କ କବିତା ସଂଯୋଜନାରେ କବି ଧ୍ରୁବ ଚରଣ ମହାପାତ୍ର, ରମେଶ ତ୍ରିପାଠୀ, ଗୋଲାପ ରାଣୀ ସାହୁ, ନଳିନୀ ପ୍ରଭା ସାହୁ, ନବୀନ ପ୍ରଧାନ ମୀରାଙ୍ଗିନୀ ଦେଇ, ନିମାଇଁ ମହାପାତ୍ର, ଆରତୀ ଦାଶ, ନିହାରିବାଳା ବାରିକ, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ, ଧରିତ୍ରୀ ସାମଲ, କୁନି କବି ଲଗ୍ନଜିତ ରାଉତ, ଶୁଭେନ୍ଦୁ ତ୍ରୀପାଠୀଙ୍କ ସମେତ ତିରିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମି ଦଲାଲଙ୍କ ସହ ପ୍ରଶାସନିକ ମଧୁଚନ୍ଦ୍ରିକା; ଅବାଧରେ ଚାଲିଛି ଜମି କିସମ ପରିବ ର୍ନ



ନିଶ୍ଚିନ୍ତକୋଇଲି, ୧୧/୦୩ (ଆ.ପ୍ର) :ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ବିଭିନ୍ନ ମୌଜାର ଚାଷ ଜମିଗୁଡ଼ିକୁ ତହସିଲ ପ୍ରଶାସନ ପକ୍ଷରୁ ଚାଷଜମିର କିସମ ପରିବ ର୍ନ କରାଯାଇ ସେଗୁଡ଼ିକୁ ଘରବାଡ଼ି କିସମ କରାଯାଉଥିବାରୁ ଚାଷ ଜମି ସଙ୍କୁଚିତ ହେବାରେ ଲାଗିଛି । ଆବଶ୍ୟକ ଠାରୁ ବହୁଗୁଣରେ ଲୋକମାନେ ଚାଷଜମିକୁ ଘରବାଡ଼ିରେ ପରିବ ର୍ନ କରିବାରୁ ଦିନକୁ ଦିନ ଚାଷ ଜମି କମି କମି ଯାଉଛି । ଯଦି ଏହିଭଳି କାର୍ଯ୍ୟ ଲାଗି ରହେ ସମୟ ଆସିବ ଚାଷ କରିବା ପାଇଁ ଜମି ନଥିବ । ଫଳରେ ଖାଦ୍ୟ ଶସ୍ୟର ଘୋର ଅଭାବ ଦେଖା ହେବ ଏବଂ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଜମି ବ୍ୟବସାୟ କରୁଥିବା ବେପାରୀ ମାନେ ମାଣ ମାଣ ଚାଷ ଜମି ଗୁଡ଼ିକୁ ଖରିଦ କରି ତହସିଲ କାର୍ଯ୍ୟାଳୟର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କୁ ହାତବାରିସ କରି ସେଗୁଡ଼ିକୁ ଘରବାଡ଼ିରେ ପରିଣତ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି । ତହସିଲ ପ୍ରଶାସନ ଯେତେବେଳେ ଚାଷଜମିକୁ ଘରବାଡ଼ିରେ ପରିଣତ କରୁଛି ସେତେବେଳେ ତହସିଲ ପ୍ରଶାସନ ଗୁରୁତ୍ୱ ଦେଇ ଚାଷ ଜମିକୁ ଘରବାଡ଼ି କରୁଥିବା ବ୍ୟକ୍ତିଙ୍କ ନାମେ ବା ତାଙ୍କ ପରିବାରର ଅନ୍ୟ ସଦସ୍ୟ ନାମେ କେତେ ଘରବାଡ଼ି ଜମି ଅଛି ତାହାକୁ ତର୍ଜମା କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ସ୍ଥଳେ ଚାଷଜମିକୁ ଘରବାଡ଼ିରେ ପରିଣତ କରିବା ଏବଂ ଅନାବଶ୍ୟକ ସ୍ଥଳେ ଚାଷଜମିଗୁଡ଼ିକୁ ଘରବାଡ଼ିରେ କିସମ ପରିବ ର୍ନ ନକରିବାରେ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଚାଷ ଜମି ସୁରକ୍ଷିତ ରହିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# କାର୍ ଭିତରେ ଗୋରୁ ଚାଲାଣ ହେଉଥିବା ବେଳେ ୫ଗୋରୁ ଉଦ୍ଧାର



ଧାମନଗର, ୧୧/୦୩ (ଆ.ପ୍ର) : ଧାମନଗର ଭଦ୍ରକ-ଆରଡ଼ି ରାସ୍ତାର ଡିଲୋ ନିକଟରେ ଏକ କାରରେ ଗୋରୁ ଚାଲାଣ ହେଉଥିବା ବେଳେ ୫ଟି ଗୋରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇଛି । ଉଦ୍ଧାର ଗୋରୁଙ୍କ ମଧ୍ୟରୁ ଗୋଟିଏ ମୃତ୍ୟୁବରଣ କରିଥିବା ବେଳେ ଘଟଣାକୁ ନେଇ ଉତେଜନା ପ୍ରକାଶ ପାଇଛି । ଜବତ କାର ଡ୍ରାଇଭର ଫେରାର ହୋଇଯାଇଛି । ବୁଧବାର ସକାଳ ସମୟରେ ଏକ କାର(ନଂ-ଡ଼ବ୍ଲୁବି ୪୦ ଆର-୬୬୩୫) ଭଦ୍ରକ ଆଡ଼କୁ ଆସୁଥିବା ବେଳେ ଏହାର ଚକ ଲିକ ହୋଇଯାଇଥିଲା । ଡ୍ରାଇଭର ଚକ ବଦଳାଇବା ସମୟରେ ସ୍ଥାନୀୟ ଲୋକେ ଗାଡ଼ି ପାଖକୁ ଆସିଥିଲେ ଏବଂ ଏହି ସମୟରେ ଡ୍ରାଇଭର କୌଶଳ କ୍ରମେ ଖସି ପଳାଇ ଯାଇଥିଲା । ଲୋକେ ଗାଡ଼ି ପଛ ସିଟ ଏବଂ ଡ଼ିକିରୁ ୫ ଗୋରୁ ଉଦ୍ଧାର କରିବା ପରେ ଏହା ଭିତରୁ ଗୋଟିଏ ଗାଈ ମୃତ୍ୟୁବରଣ କରିଥିବା ଜଣାପଡିଥିଲା । ସଙ୍ଗେ ସଙ୍ଗେ ଧୁଷୁରୀ ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଜୀବିତ ୪ ଗୋରୁଙ୍କୁ ନେଇ ଅସୁରାଳିସ୍ଥିତ ଗୋଶାଳାରେ ଛାଡିଛନ୍ତି । ଏନେଇ ଧୁଷୁରୀ ଥାନା କେସ ନଂ-୧୨୧/୨୬ରେ ଏକ ମାମଲା ରୁଜୁ କରିବା ସହିତ ଗୋରୁ ଚାଲାଣ କରୁଥିବା କାରକୁ ଜବତ କରି ଥାନାରେ ଅଟକ ରଖାଯାଇଛି ।

# କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ



ପୁରୀ, ୧୧/୦୩ (ଆ.ପ୍ର) : କେନ୍ଦ୍ରୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରର ହିନ୍ଦୁ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାରେ ହିନ୍ଦୁ ଧର୍ମର ପ୍ରାସଙ୍ଗିକତା' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ବୁଧବାର ଦିନ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ସତ୍ରରେ ପରିସରର ନିର୍ଦ୍ଦେଶକଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ୍ ଓ ଅତିଥିମାନେ ଯୋଗଦେଇ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ମିଳନୀର ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ, ରାଷ୍ଟ୍ରଗୀତ ଓ କୁଳଗୀତ ଗାନ କରାଯାଇଥିଲା । ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହିନ୍ଦୁ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡ. ସନ୍ଦୀପ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଡ. ଦୁର୍ଗାପ୍ରସାଦ ଦାଶଶର୍ମା, ପ୍ରଫେସର ଖଗେଶ୍ୱର ମିଶ୍ର (କୁଳିକା ଭାଷଣ), ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦେଶ କୁମାର ଶର୍ମା ଏବଂ ସାରସ୍ୱତ ଅତିଥି ଭାବେ ଡ. ଚକ୍ରଧର ମେହେର ଯୋଗଦେଇଥିଲେ । ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଡ. ସିଦ୍ଧାର୍ଥ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଚାଲିବାକୁ ଥିବା ଏହି ସମ୍ମିଳନୀରେ ହିନ୍ଦୁ ଦର୍ଶନରେ ବିଶ୍ୱ ମାନବବାଦ, ଧର୍ମ ଓ ସାମାଜିକ ସଦଭାବନା ଏବଂ ଆନ୍ତଃ-ଧର୍ମୀୟ ସଂଳାପ ଭଳି ବିଭିନ୍ନ ଉପ-ବିଷୟ ବସ୍ତୁ ଉପରେ ଦେଶ ବିଦେଶର ଗବେଷକ ଓ ବିଦ୍ୱାନମାନେ ନିଜର ପ୍ରବନ୍ଧ ଉପସ୍ଥାପନ କରିବେ । ଉଭୟ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଶତାଧିକ ପ୍ରତିଯୋଗୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଛନ୍ତି ।

# ବଢୁଛି ତାତି ବସୁଧା ପାନୀୟଜଳ ଯୋଗାଣ ମାହାଙ୍ଗାରେ ଦିଗହରା

ମାହାଙ୍ଗା, ୧୧/୦୩ (ଆ.ପ୍ର) : ବିଗତ ସରକାର ଅମଳରେ ମାହାଙ୍ଗାର ବିଭିନ୍ନ ପଂଚାୟତରେ ବସୁଧା ଯୋଜନାରେ ଭୂତଳ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏପରିକି ଲକ୍ଷ ଲକ୍ଷ ଟଙ୍କା ବ୍ୟୟକରି ଉଚ୍ଚ ଜଳମଂଚ ନିର୍ମାଣ କରିଥିଲେ । ନିମ୍ନମାନର ଭୂତଳ ପାଇପ ଯୋଗୁ ଅନେକ ସ୍ଥାନରେ ଭୂତଳ ପାଇପ ଫାଟି ପାଣି ବାହାରୁଛି । ଏପରିକି ଉଚ୍ଚଜଳମଂଚ ଗୁଡିକ ନିର୍ମାଣ ଦିନଠାରୁ କାର୍ଯ୍ୟରେ ଆସୁନାହିଁ । ଗୋଟିଏ ଗୋଟିଏ ପଂଚାୟତରେ ଏକାଧିକ ଉଚ୍ଚଜଳମଂଚ ନିର୍ମାଣ କରାଯାଇଛି । ଅପରପକ୍ଷରେ କେନାଲ ଭିତରେ ଗାର୍ଡ ୱାଲ ନିର୍ମାଣ ଯୋଗୁ ଭୂତଳ ପାଇପକୁ ଜେସିବି ଦ୍ୱାରା ତାଡିଦିଆଯାଇଛି । ଯାହା ଫଳରେ ଗୋପାଳପୁର ପଂଚାୟତର ବିଭିନ୍ନ ଅଂଚଳରେ ଭୂତଳ ପାଇପରେ ଜଳଯୋଗାଣ ବିଚ୍ଛିନ୍ନ ହୋଇଛି । ଏହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତ । ଏହି ପଂଚାୟତର ନଇଗୁଆଁ ଠାରେ କେନାଲ ଭିତରେ ଗାର୍ଡୱାଲ ଯୋଗୁ ଭୂତଳ ପାଇପକୁ ତାଡି ଦିଆଯାଇଥିଲା । ଯାହା ଫଳରେ ଭୂତଳ ପାଣିଯୋଗଣ ବିଚ୍ଛିନ୍ନ ହୋଇଯାଇଛି । ସେହିପରି ମାହାଙ୍ଗା ଅଚଂଳର ବିଭିନ୍ନ ସ୍ଥାନରେ ରାସ୍ତାର ସଂପ୍ରସାରଣ ଯୋଗୁ ଭୂତଳ ପାଇପ ତାଡି ଦିଆଯାଇଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବସୁଧା ଯୋଜନା ଦିଗହରା ହୋଇପଡିଛି ।

# ବାଦପୁରରେ ଭାଗବତ ସପ୍ତାହ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ



ପାତ୍ରପୁର, ୧୧/୦୩ (ଆ.ପ୍ର) : ପାତ୍ରପୁର ବ୍ଲକ ବାଦପୁର ଠାରେ ସାତଦିନ ବ୍ୟାପି ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ହେବାକୁ ଯାଉଥିବା ବେଳେ ବୁଧବାର ଅପରାହ୍ନରେ କର୍ତା ମୂରଲୀ ପଣ୍ଡା ସାଜିଥିବା ବେଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ସଙ୍କୀର୍ତନ ମଣ୍ଡଳୀ ସହିତ ଆବାଳ ବୃଦ୍ଧ ବନିତା କଳସ ଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଏକବସ୍ତ୍ର ପରିଧାନ କରି ପ୍ରାୟ ୩୦୦ ମହିଳା ଗ୍ରାମ୍ୟ ପୋଖରୀରୁ କଳସରେ ଜଳ ଆଣିଥିଲେ । ସ୍ୱାମୀ ଶର୍ମିଷ୍ଠା ନନ୍ଦ ସରସ୍ୱତୀ (ଋଷିକେଶ)ଙ୍କ ଦ୍ୱାରା ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଭାଗବତ ପ୍ରବଚନ ଅନୁଷ୍ଠିତ ହୋଲଇଥିଲା । ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବାକୁ ଥିବାବେଳେ ପ୍ରତ୍ୟେକ ଦିନ ଭାଗବତ ପାରାୟଣ ହୋଇ ସଂଧ୍ୟା ୭ ଘଂଟ ଠାରୁ ରାତ୍ର ୧୦ ଘଂଟ ପର୍ଯ୍ୟନ୍ତ ପ୍ରସିଦ୍ଧ ପ୍ରବଚକ ମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ପ୍ରଶିକ୍ଷଣ ମହା ଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଦଶପଲ୍ଲା, ୧୧/୦୩ (ଆ.ପ୍ର) : ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନାମରେ ଆୟୋଜିତ ପ୍ରଶିକ୍ଷଣ ମହାଅଭିଯାନକୁ ସଫଳ ଭାବେ କାର୍ଯ୍ୟକରୀ କରିବା ଉଦ୍ଦେଶ୍ୟରେ ମଣ୍ଡଳ ସ୍ତରର ଏକ ବିସ୍ତୃତ ଯୋଜନା ବୈଠକ ଦଶପଲ୍ଲାରେ ଥିବା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ଯୋଜନା ଓ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । ମଣ୍ଡଳ ସ୍ତରରେ ଦଳୀୟ କାର୍ଯ୍ୟକର୍ତାମାନଙ୍କୁ ସଂଗଠନ ଶକ୍ତିଶାଳୀ କରିବା, ଦଳର ନୀତି ଓ ଆଦର୍ଶ ସମ୍ପର୍କରେ ସଚେତନ କରିବା ସହ ଆଗାମୀ କାର୍ଯ୍ୟସୂଚୀକୁ କିପରି ସୁଚାରୁ ଭାବେ ଅନୁଷ୍ଠାନ କରାଯିବ ସେନେଇ ଗୁରୁତ୍ୱପୂର୍ଣ୍ଣ ମତାମତ ରଖାଯାଇଥିଲା । ବୈଠକରେ ଉପସ୍ଥିତ ନେତୃତ୍ୱମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ମହାଅଭିଯାନ ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତାମାନେ ସଂଗଠନର ମୂଳ ଆଦର୍ଶ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ଅଧିକ ଜ୍ଞାନ ଅଧିଗତ କରିପାରିବେ । ଏହା ସହ ଗ୍ରାସରୁଟ୍ ସ୍ତରରେ ଦଳକୁ ଆହୁରି ସୁଦୃଢ଼ କରିବାରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମତ ପ୍ରକାଶ ପାଇଥିଲା । ଏନଏସି ମଣ୍ଡଳ ସଭାପତି ମନୋଜ ସାହୁଙ୍କ ତତ୍ୱାବଧାନରେ ହୋଇଥିବା ଉକ୍ତ ବୈଠକରେ ବିଜେପି ନେତା ରାଘବ ମଲ୍ଲିକଙ୍କ ସହିତ ମଣ୍ଡଳର ବିଭିନ୍ନ ପଦାଧିକାରୀ ଓ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ଅଭିଯାନକୁ ସଫଳ କରିବା ପାଇଁ ନିଜ ମତାମତ ଓ ପ୍ରସ୍ତାବ ରଖିଥିଲେ । ବୈଠକ ଶେଷରେ ସମସ୍ତେ ଏକତାବଦ୍ଧ ହୋଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ ।

# ଧାନ ମଣ୍ଡି ପରି ମହୁଲ ମଣ୍ଡି ଖୋଲିବାକୁ ମହୁଲ ସଂଗ୍ରହକାରୀ ସରକାରଙ୍କୁ ଦାବି



ବଣାଇଁ, ୧୧/୦୩ (ଆ.ପ୍ର) : ମହୁଲ ଫୁଲର ବାସ୍ନାରେ ମହକୁଛି ଆଦିବାସୀ ଅଧ୍ୟୁଷିତ ଅଂଚଳ । ଟାଣ ଖରା ବଢିବା ସାଙ୍ଗକୁ ମହୁଲ ଗଛରୁ ଠପ୍‌ଠପ୍ ଝରି ପଡୁଛି ଧଳାଧଳା ଫୁଲ । ପାହାନ୍ତିଆରୁ ମହୁଲ ଫୁଲ ଗୋଟାଇବାକୁ ଭିଡ ଜମାଉନ୍ତି ଆଦିବାସୀ ପରିବାରର ମହିଳା ଓ ପିଲାଛୁଆ । ଆଦିବାସୀଙ୍କ ଢ଼ଂଗରେ କହନ୍ତି ଅମୁଲ ମୂଲ ମହୁଲ ଫୁଲ । ବସନ୍ତ ଋତୁ ଆସିବା କ୍ଷଣି ଫଗୁଣରେ ପ୍ରକୃତି ରାଣି ସଜାଇ ହୁଏ ନାନା ଫୁଲକୁ ନେଇ । ସେଥିପାଇଁ ବୋଧେ ଏ ବସନ୍ତ ଋତୁ ସମଗ୍ର ଜୀବ ଜଗତ ପାଇଁ ଏକ ଉଲ୍ଲାସ ଉଦ୍ଦୀପନାର ସମୟ । ଏହି ସମୟରେ ଆସେ ମହୁଲ ଗଛରେ ଫୁଲ । ଏହି ଫୁଲ ଦେଇଥାଏ ପେଟପାଟଣାର ସାହାରା । ଦେଖିବାକୁ ଗଲେ ମୁଖ୍ୟତଃ ଆଦିବାସୀ ଅଂଚଳରେ ମୁଖ୍ୟ ବେଉସା ମହୁଲ ଫୁଲ, ଖରାଦିନେ ଏହି ମହୁଲ ଗୋଟାଇ ଭଲ ରୋଜଗାର କରିଥାନ୍ତି, କିନ୍ତୁ ସେମାନଙ୍କର ପରିଶ୍ରମ ଅନୁସାରେ ଫଳ ଅର୍ଥ ମିଳେନି, ମହୁଲର ଦାମ ବଢ଼ାଇବା ସହିତ ମହୁଲ ପାଇଁ ଅଂଚଳରେ ଧାନ ପରି ମଣ୍ଡି ଖୋଲାଯାଉ ଏବଂ ଉଚିତ୍ ଦର ନିର୍ଦ୍ଧାରଣ କରିବାକୁ ସରପଂଚଙ୍କ ପାଖରେ ଦାବି କରିଛନ୍ତି ନିରିହ ଆଦିବାସୀ । ଗୁରୁଣ୍ଡିଆ ବ୍ଲକର ଜରଡା ପଂଚାୟତ ଅଂଚଳରୁ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି । ଗଛ ତଳେ ବିଛେଇ ହୋଇ ପଡିଛି ଧଳା ଫରଫର ମହୁଲ ଫୁଲ, ସତେ ଯେପରି ଧରତୀ ମା ହୀରା ବିଛାଇ ଦେଇଛି, ଜଙ୍ଗଲ ଅଂଚଳରେ ରହୁଥିବା ତାଙ୍କର ସନ୍ତାନ ମାନଙ୍କଲାଗି । କାହାର ହାତରେ ବାଲ୍ଟି ତ କାହା ହାତରେ ଟୋକେଇ । ଏହିପରି ଟପ ଟପ କରି ଫୁଲକୁ ସଂଗ୍ରହ କରିଚାଲିଛନ୍ତି ଏ ଅଂଚଳର ଆଦିବାସୀ ଲୋକ ମାନେ । ସକାଳ ନଂ ପାହୁଁଣୁ ପରିବାର ସହିତ ଘରୁ ବାହାରି ଆସନ୍ତି, ସନ୍ଧ୍ୟା ପର୍ଯ୍ୟନ୍ତ ରହିବାକୁ ପଡୁଥିବାରୁ ସାଙ୍ଗରେ ଭାତ ଧରିଥାନ୍ତି, ଆରମ୍ଭ କରି ଦିଅନ୍ତି ମହୁଲ ଫୁଲ ଗୋଟେଇବା କାର୍ଯ୍ୟ । ଗୋଟିଏ ଗୋଟିଏ କରି ଗୋଟେଇ ତାକୁ ସଂଗ୍ରହ କରି କିଏ ସାଇକେଲରେ ତ କିଏ ମୁଣ୍ଡରେ ମୁଣ୍ଡେଇ ଘରକୁ ନେଇଥାନ୍ତି । ତାଙ୍କ ଅଭିଯୋଗ ଅନୁସାରେ ଯେତିକି ପ୍ରରିଶ୍ରମ କରୁଛୁ ସେତିକି ମିଳୁନି ପାରିଶ୍ରମିକ । ଧାନ ମଣ୍ଡି ପରି ମହୁଲ ମଣ୍ଡି ଖୋଲା ଯାଉ ଏବଂ ଉଚିତ୍ ପ୍ରାପ୍ୟ ଦିଆଯାଉ ବୋଲି ଦାବି ରଖିଛନ୍ତି କିଛି ଆଦିବାସୀ ବ୍ୟକ୍ତି । ମିନା ନାମକ ମହିଳାଙ୍କ କହିବା ଅନୁସାରେ ମହୁଲ ଗୋଟାଳି କଂଚା ମହୁଲ ସଂଗ୍ରହ କଲା ପରେ ତାକୁ ଆଣି ତିନି ଚାରି ଦିନ ଶୁଖାଇଲା ପରେ ବିକ୍ରି ଲାଗି ସମ୍ପୂର୍ଣ ପ୍ରସ୍ତୁତ ହୋଇ ଯାଏ, ଆଉ ବେପାରୀ ମାନେ ଗାଁକୁ ଆସି କେଜି ପିଛା କିଏ ଦଶ ଟଙ୍କା ତ କିଏ ୧୨ଟଙ୍କାରେ ଶାଗ ମାଛ ପରି ଦଲାଲ, ବେପାରୀ ନେଇଯାନ୍ତି, ଗୋଟେ ପରିବାର ଏହି ମାସ କେତେଦିନରେ କିଏ ୪୦ହଜାର ତ କିଏ ୬୦ରୁ ୭୦ ହଜାର ରୋଜଗାର କରି ଥାନ୍ତି । କିନ୍ତୁ ଆମେ ଜାଣିଛୁ ଏହି ମହୁଲ ଫୁଲକୁ ନେଇ ଅନେକ ଦାମିଦାମି ଜିନିଷ ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଉଦ୍ୟୋଗପତି ମାନେ ରୋଜଗାର କରିଥାନ୍ତି । କିନ୍ତୁ ଆମକୁ କିଛି ମିଳେ ନାହିଁ । ଏଣୁ ସରକାରଙ୍କୁ ଅନୁରୋଧ ଧାନ ମଣ୍ଡି ପରି ମହୁଲ ମଣ୍ଡି କଲେ ସାଧାରଣ ଆଦିବାସୀ ମାନେ ନିଜର ଉଚିତ୍ ପ୍ରାପ୍ୟ ପାଇପାରନ୍ତେ । ଅଭିଯୋଗ ଅନୁସାରେ ଦେଖିବାକୁ ବାକି ରହିଲା ତାଙ୍କର ଦାବିକୁ ସରକାର କିମ୍ବା ପ୍ରଶାସନ କେତେ ଦୂରେ ଗ୍ରହଣ କରୁଛନ୍ତି ।


# ଇମ୍ଫା ଚୌଦ୍ୱାର ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନୀ ସମାରୋହ ଅନୁଷ୍ଠିତ

ଟାଙ୍ଗୀ ଚୌଦ୍ୱାର, ୧୧/୦୩ (ଆ.ପ୍ର) : ଚୌଦ୍ୱାରସ୍ଥିତ ଇମ୍ଫା ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନୀ ସମାରୋହ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ଜୋନ୍-୧ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଇଂ ସୁଧାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଇମ୍ଫାର ପାୱାର ପ୍ଲାଂଟ ପରିଚାଳନା




ମୁଖ୍ୟ ଲଲାଟ କିଶୋର ମହାପାତ୍ର ବାର୍ଷିକ ସୁରକ୍ଷା ବିବରଣୀ ଉପସ୍ଥାପନ କରିବା ସହ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ଦିଗରେ କାରଖାନାର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସୁରକ୍ଷା ସଚେତନତା ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀ, ଶ୍ରମିକ, ସ୍କୁଲ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଏହା ସହିତ ଦୈନନ୍ଦିନ ଜୀବନରେ ସୁରକ୍ଷାର ଗୁରୁତ୍ୱକୁ ବୁଝାଇବା ପାଇଁ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ଶେଷରେ, ଇମ୍ଫାର ମାନବସମ୍ବଳ ପ୍ରବନ୍ଧକ ତଥା ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ର ମୁଖ୍ୟ ସମନ୍ୱୟକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ କରିବା ସହ ଏକ ସୁଦୃଢ଼ ସୁରକ୍ଷା ସଂସ୍କୃତି ଗଠନରେ ସମସ୍ତଙ୍କ ସହଯୋଗ ଓ ନିଷ୍ଠାକୁ ସେ ପ୍ରଶଂସା କରିଥିଲେ ।


# ବରୀରେ ଓଁକାରର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ



ବରୀ, ୧୧/୦୩ (ଆ.ପ୍ର) : ଓଁକାର ସୋସିଆଲ ଅରଗାନାଇଜେସନ୍, ଧାରପୁରର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ଗୀତିକାର ଦିଲ୍ଲୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରୀ ବ୍ଲକ୍ ଅର୍ନ୍ତଗତ ଧାରପୁର ପଂଚାୟତର ନାଥପୁର କେନ୍ଦୁଆ ସ୍ଥିତ ଓଁକାର ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ଜେନା ସୂଚନା ଦେଇ କହିଥିଲେ ଯେ ଓଁକାର ସୋସିଆଲ ଅର୍ଗାନାଇଜେସନ ସମଗ୍ର ଜିଲ୍ଲାରେ ଏକ ପ୍ରତିଷ୍ଠିତ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭାବେ ପ୍ରତିଷ୍ଠାଲାଭ କରିଛି । ଏହାର ବାର୍ଷିକ ଉତ୍ସବରେ ସାମିଲ ହେବା ପାଇଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କଳାକାରମାନେ ଆସିଥାନ୍ତି । ରଂଗାରଂଗ କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଉପସ୍ଥିତି କଳାକାରମାନଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ଆସନ୍ତା ଏପ୍ରିଲ ୪ ଓ ୫ ତାରିଖରେ ଏହାର ବାର୍ଷିକ ଉତ୍ସବ ସହ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅନୁଷ୍ଠାନକୁ ଭଲ ପାଉଥିବା ସମସ୍ତ ଶୁଭେଚ୍ଛୁ, ହିତାକାଂକ୍ଷୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶ୍ରୀ ଜେନା ଅନୁରୋଧ କରିଛନ୍ତି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପ ସଭାପତି ଅଜୟ କୁମାର ଜେନା, ସମ୍ପାଦକ ମନୋଜ ମହାପାତ୍ର, ସହ ସମ୍ପାଦକ ବସନ୍ତ କୁମାର ଭୂୟାଁ, ସଂଗଠନ ସମ୍ପାଦକ ତୁଷାର ଶ୍ୟାନ୍ତି, କିଶୋର ଚନ୍ଦ୍ର ଦାସ, କୋଷାଧକ୍ଷ ଗୁରୁଚରଣ ଦାସ, ତୁଷାର କାନ୍ତ ଷ୍ୟାନ୍ତି (ଖ), ପୂର୍ବତନ ସରପଂଚ ବିଜୟାନନ୍ଦ ଜେନା, ସମିତିସଭ୍ୟ ଶ୍ରୀଧର ସେଠୀ, ସରପଂଚ କୁନା ମଲିକ, ପୂର୍ବତନ ସମିତି ସଭ୍ୟ ସୁରେଶ ମଲିକ, ନବଘନ ଭୂୟାଁ ଓ ଲାଇଫ୍ କ୍ଲବ୍‌ର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ ।







# ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ଜ୍ଞାତ ସାରରେ ଅବାଧରେ ଚାଲିଛି ବେଆଇନ ଇଟାଭାଟି

ନିଶ୍ଚିନ୍ତକୋଇଲି, ୧୧/୦୩ (ଆ.ପ୍ର) : ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ କଳମିଶ୍ରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ସାନ୍ତପୁର ପ ାୟତ ଜଳଦିଆ ଠାରେ ବେଆଇନ ଭାବେ ମାଟି ତିଆରି ଇଟା ପକାଯାଇ ସେଗୁଡ଼ିକୁ ପୋଡ଼ି ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି । ପରିବେଶ ସୁରକ୍ଷା ପାଇଁ ମାଟି ତିଆରି ଇଟା ବ୍ୟବହାର ଉପରେ ୨୦୧୯ ମସିହାରୁ ସରକାରୀ ସ୍ତରରେ ପ୍ରତିବନ୍ଧକ ଲାଗୁ ହୋଇଥିଲେ ହେଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟଙ୍କ ଦାୟିତ୍ୱହୀନତା ଯୋଗୁଁ ଗ୍ରାମା ଳର ଅନେକ ସ୍ଥାନରେ ମାଟି ତିଆରି ଇଟା ପକାଇ ସେଗୁଡ଼ିକୁ ପୋଡ଼ି ବେଧଡ଼କ ଭାବେ କିଛି ମୁନାଫାଖୋର ବ୍ୟବସାୟୀ ମାନେ ବ୍ୟବସାୟ କରୁଛନ୍ତି । ଇଟା ପୋଡ଼ିବା ଦ୍ୱାରା ପରିବେଶ ମଧ୍ୟ ବିଗିଡ଼ିବାରେ ଲାଗିଛି । ବାୟୁ ପ୍ରଦୂଷଣ ହେଉଥିବା ବେଳେ ଇଟାଭାଟି ମାଲିକ ମାନେ ମାଲାମାଲ ହେଉଛନ୍ତି । କେତେକ ସ୍ଥାନରେ ବେଆଇନ ଇଟା ବ୍ୟବସାୟୀ ମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ନିଜର ଛାତ ଘର ନିର୍ମାଣ ପାଇଁ ଆବଶ୍ୟକୀୟ ସଂଖ୍ୟାର ମାଟି ଇଟା ପକାଇ ପୋଡ଼ିବାକୁ ଅନୁମତି ଆଣି ତାହାଠାରୁ ବହୁଗୁଣାରେ ମାଟି ଇଟା ପକାଇ ସେଗୁଡ଼ିକୁ ପୋଡ଼ି ବ୍ୟବସାୟ କରୁଛନ୍ତି । ଫଳରେ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଘଟୁଛି । ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କେଉଁମାନେ କାର୍ଯ୍ୟାଳୟରୁ ମାଟି ତିଆରି ଇଟା ପକାଇ ସେଗୁଡ଼ିକୁ ପୋଡ଼ି ବ୍ୟବହାର କରିବା ପାଇଁ ଅନୁମତି ନେଇଛନ୍ତି ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ତାହାର ତଥ୍ୟ ସାର୍ବଜନୀନ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟ ପକ୍ଷରେ ଚଳିତ ବର୍ଷ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅର୍ନ୍ତଭୁକ୍ତ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମାଟି ଇଟା ତିଆରି କରି ପୋଡୁଥିବା ବ୍ୟବସାୟୀ ମାନଙ୍କ ଠାରୁ ତହସିଲ ପ୍ରଶାସନ ପକ୍ଷରୁ କେତେ ଅର୍ଥ ରାଶି ଜୋରିମାନା ଆକାରରେ ଆଦାୟ କରାଯାଇଛି ତାହା ମଧ୍ୟ ସାର୍ବଜନୀନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନଙ୍କ ମହଲରେ ଦାବି ହୋଇଛି ।

# ନୂଆପଡ଼ାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ



ନୂଆପଡା, ୧୧/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମାସିକ ସମୀକ୍ଷା ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମୀକ୍ଷା ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିରୁ ଜଣାଗଲା ଯେ, ବର୍ତମାନ ଜିଲ୍ଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା ତଥା ଭିନ୍ନକ୍ଷମ ଭତା ପାଉଛନ୍ତି । ଚଳିତ ଆର୍ଥିକ ବର୍ଷରେ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣଙ୍କୁ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନାରେ ୬୮ ଜଣଙ୍କୁ, ଭିନ୍ନକ୍ଷମ ଛାତ୍ର ବୃତି ଯୋଜନାରେ ୪୧ ଜଣଙ୍କୁ ଓ ବାଣୀଶ୍ରୀ ଛାତ୍ର ବୃତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ "ସ୍ୱୀକୃତି" ଯୋଜନାର ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ 'ବିଧବା ସହାୟତା ଅଭିଯାନ'ରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ବିଧବାମାନଙ୍କ ଡାଟାବେସ ଶୀଘ୍ର ସମ୍ପନ୍ନ କରି ସେମାନଙ୍କୁ ଆବଶ୍ୟକ ସହାୟତା ସହିତ ଜୀବନ ଜୀବିକାର ସୁଯୋଗ ଯୋଗାଇଦେବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଜାତୀୟ ପରିବାର କଲ୍ୟାଣ ଯୋଜନା ସହିତ ଅନ୍ୟାନ୍ୟ ସମାଜିକ ସୁରକ୍ଷା ଯୋଜନାରେ ଥିବା ଅନ୍ତରାଳକୁ ମଧ୍ୟ ସମାଧାନ କରିବାକୁ ସେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ, ଜିଲ୍ଲାପାଳ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର ଚିତରଞ୍ଜନ ଦାଶଙ୍କୁ ଫେବୃଆରି ମାସ ପାଇଁ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ଦାଶ ନିଜେ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଅନେକ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରେ ସହାୟତା ଯୋଗାଇ ଦେଉଛନ୍ତି । ପୁରସ୍କାର ସ୍ୱରୁପ ଆଜି ତାହାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ମୃତି ରେଖା ନନ୍ଦ ଏବଂ ବିଭାଗର ବ୍ଲକ ସ୍ତରୀୟ, ବିଜ୍ଞାପିତ ଅଂଚଳ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଆଦିମ ଜନଜାତି କୁଟିଆ କନ୍ଧଙ୍କ ଅଭିଯୋଗ ଶୁଣିବା ପାଇଁ ପହଂଚିଲେ ଜିଲ୍ଲାପାଳ



ବାଲିଗୁଡ଼ା, ୧୧/୦୩ (ଆ.ପ୍ର) : ସ୍ୱାଧିନତା ର ୭୮ ବର୍ଷ ପରେ ଆଜି ଜଣେ ଯୁବ ଜିଲ୍ଲାପାଳ ବେଲଘର ରେ ପହଂଚି ଆଦିମ ଜନଜାତି କୁଟିଆ କନ୍ଧ (ପି ଭି ଟି ଜି ) ମାନଙ୍କ ଅଭିଯୋଗ ଶୁଣିଛନ୍ତି । ବିଗତ ଦିନରେ ବାଇକ ରେ ଯାଇ କୁଟିଆ ଗାଁ ରେ ପହଂଚି ସମସ୍ୟା ଦେଖିବା ସହ ସରକାରଙ୍କ ଯୋଜନା ଦେଖି ଚର୍ଚ୍ଚା ରେ ଥିବା କନ୍ଧମାଳ ଜିଲ୍ଲାପାଳଙ୍କ ଏହି ଜନଶୁଣାଣିକୁ ବିଭିନ୍ନ ମହଲ ରେ ସ୍ୱାଗତ କରାଯିବ ସହ ଜିଲ୍ଲାପାଳଙ୍କ ପ୍ରୟାଶକୁ ପ୍ରସଂଶା କରାଯାଇଛି । ଏହି ଜନଶୁଣାଣି ବେଲଘର ଠାରେ ଥିବା କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଥିବା ବେଳେ ବେଲଘର, ଗୁମା, ଝିରିପାଣି ଓ ବିଲାମାଳ ପଂଚାୟତରେ ବସବାସ କରୁ ଥିବା ଆଦିମ ଜନଜାତି କୁଟିଆ କନ୍ଧ (ପି ଭି ଟି ଜି ) ମାନେ ସେମାନଙ୍କ ବ୍ୟକ୍ତି ଗତ ସାମୁହିକ ସମସ୍ୟା ନେଇ ଜିଲ୍ଲାପାଳ ଙ୍କ ନିକଟରେ ପହଂଚି ଥିଲେ । କିଭଳି ସରକାରଙ୍କ ଯୋଜନା ଠିକରେ ମିଳିପାରୁ ନହିଁ ଓ ଲୋକେ ବିଭିନ୍ନ ଯୋଜନାରୁ ବଂଚିତ ହେଉଛନ୍ତି ଏଭଳି ମାଳମାଳ ସମସ୍ୟା ଜିଲ୍ଲାପାଳଙ୍କ ହସ୍ତ ଗତ ହୋଇଥିଲା । ବ୍ୟକ୍ତି ଗତ ଓ ସାମୁହିକ ୧୨୫ ଟି ମାମଲାକୁ ଗୋଟି ଗୋଟି କଇରୀ ଜିଲ୍ଲାପାଳ ଶୁଣିଥିଲେ । କେଉଁ ଗାଁରେ ଶୁଦ୍ଧ ପାନୀୟ ଜଳର ସମସ୍ୟା ରହିଛିତ କେଉଁ ଠି ଲୋକଙ୍କୁ ଆବାସ ଯୋଜନରୁ ବଂଚିତ ହୋଇଛନ୍ତି । ସବୁଠାରୁ ବିଡମ୍ବନା ରହିଥିଲା ୬୦ରୁ ୭୦ ବର୍ଷର ବୃଦ୍ଧ ବୃଦ୍ଧା ମାନେ ଏବେବି ଭତା ପାଇବାରୁ ବଂଚିତ ହୋଇ ରହିଛନ୍ତି । ବେଲଘର ପଂଚାୟତର ମାଦଲାକୁନାର ରଘୁ ବାରତୁ ମାଝି ଭତା ପାଉଥିବା ବେଳେ ୧୧ ମାସ ହେଲା ବୟସ ତ୍ରୁଟି ଥିବାରୁ ଭତା ପାଉ ନାହାନ୍ତି ସେହି ଭଳି ଲଲକୁଟାଡୁ ମାଝି ମଧ୍ୟ ବୟସ ୭୦ ପହଂଚି ଥିଲେ ମଧ୍ୟ ଭତାରୁ ବଂଚିତ ଅଛନ୍ତି କେବଳ ଏହି ଦୁଇ ଜଣ ନୁହନ୍ତି ଏଭଳି ବହୁ ବୃଦ୍ଧ ବୃଦ୍ଧା ଭତାରୁ ବଂଚିତ ରହିଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଟର କାର୍ଡ ଓ ଆଧାର କାର୍ଡରେ ବୟସ ଠିକ ନଥିବାରୁ ଏଭଳି ବଂଚିତ ହେଉଥିବା ଜଣାପଡିଥିଲା । ଏହା ପରେ ଜିଲ୍ଲାପାଳ ବେଦ ଭୂଷଣ ଏକ ଏହାକୁ ଗୁରୁତର ସହ ନେଇ ଡାକ୍ତର ଟିମ ଏହାର ଅନୁଧାନ କରି ଭୋଟର କାର୍ଡ ଓ ଆଧାର କାର୍ଡ ରେ ଖୁବ ଶୀଘ୍ର ବୟସ ସଂଶୋଧନ କରାଯିବା ସହ ଭତା ଦେବା ପାଇଁ କହିଥିଲେ । ଜିଲ୍ଲାପାଳଙ୍କ ସହ କନ୍ଧମାଳ ଜିଲ୍ଲାପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରଣିତା ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ସାମିଲ ହୋଇଥିଲେ । ବେଲଘର ଠାରେ ଏଭଳି କିଛି ମାସ ବ୍ୟବଧାନରେ ଜନଶୁଣାଣି କରାଗଲେ ଲୋକଙ୍କ ସମସ୍ୟା ଦୂର ହୋଇ ପାରିବ ବୋଲି ବ୍ଲକ ଅଧକ୍ଷ ବାସନ୍ତୀ ମାଝି, ସରପଂଚ ଗୋବିନ୍ଦ ମାଝି, ଗୁମା ସରପଂଚ ସାଞ୍ଜୁ ମଲ୍ଲିକ ଓ ବିଲାମାଳ ସରପଂଚ ବାବିତା ମାଝି କହିଛନ୍ତି ।

# ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ସମ୍ବର୍ଦ୍ଧିତ

ମାହାଙ୍ଗା, ୧୧/୦୩ (ଆ.ପ୍ର) : କଟକ ଲେଖକ ସହଯୋଗ ସମିତି ଲିଃର ୪୭ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଡାକ୍ତର ରବିରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନ୍ୟାୟମୂର୍ତ୍ତି ପମଥ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଖାରବେଳ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଡଃ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇଥିଲେ । ସୁଶ୍ରୀ ପ୍ରତିମା ଶତପଥୀ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ । ସଂପାଦକ ରଘୁନାଥ ମହାପାତ୍ରଙ୍କ ପକ୍ଷରୁ ସଂପାଦକୀୟ ବିବରଣୀ ପାଠ କରାଯାଇଥିଲା ବେଳେ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଗୀତାଞ୍ଜଳୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରୀ ସାହୁ ସମ୍ବର୍ଦ୍ଧିତ ହୋଇଥିବାରୁ ମାହାଙ୍ଗା ଅଂଚଳର ଗୀତିକାର ବିଶେଶ୍ୱର ମହାନ୍ତି, ନାଟ୍ୟକାର ଅଭୟ ଦାସ, ଉତ୍କଳସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡଃ ସୁନାମଣି ରାଉତ, କବି ଭକ୍ତ ଚରଣ ସାହୁ, ଡଃ ବସନ୍ତ କିଶୋରସାହୁ, ମହିମା ଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ, ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, କବି ରାଜକିଶୋର ମିଶ୍ର, ସ୍ତମ୍ଭକାର ବିବେକାନନ୍ଦ ଦାସ, ପରିବେଶ ବିତ୍ ପ୍ରମୋଦ କୁମାର ଦାଶ, ସାମ୍ବାଦିକ ରବିନାରାୟଣ ଦାସ, କବି ପ୍ରଫୁଲ୍ଲ କୁମାର ସିଂ, ସାମ୍ବାଦିକ ବିଜୟ କୁଅଁର, ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ପ୍ରବାଚକ ସୁଶାନ୍ତ କୁମାର ନାୟକ, ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ, ଶିକ୍ଷାବିତ୍ ଶାରଦା ପ୍ରସାଦ ମିଶ୍ର, ନାଟ୍ୟକାର ଭାବଗ୍ରାହୀ ଦାଶ, ମନୋଜ କୁମାର ମହାପାତ୍ର, ଇଂ. ପ୍ରେମାନନ୍ଦ ନାୟକ, ଶିଶୁସାହିତ୍ୟିକ ନଗେନ୍ଦ୍ରନାଥ ପଟ୍ଟନାୟକ, ଡଃ ଶରତ କୁମାର ବିଶ୍ୱାଳ, ସାରସ୍ୱତ ବନ୍ଧୁ ମହେନ୍ଦ୍ର କୁମାର ଘଡେଇ, ଶରତ କୁମାର ନାୟକ, ଶିଶୁପ୍ରତିଭାର ସଂପାଦକ ପ୍ରକାଶ କୁମାର ମଙ୍ଗରାଜ, ଶିକ୍ଷକ ରମାକାନ୍ତ ଦାସ, ପ୍ରଦିପ୍ତ ମହାପାତ୍ର ପ୍ରମୁଖ ଏହି ଅବସରରେ ଶିଶୁସାହିତ୍ୟିକ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ଧାମନଗର, ୧୧/୦୩ (ଆ.ପ୍ର) : ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର +୩ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅଧାପକ ପ୍ରଦୀପ କୁମାର ରାୟ, ମୁଖ୍ୟ ଅତିଥି ଭାବେ ଅଧାପିକା ବାସ୍ତବିକା ଦାସ, ସମ୍ମାନିତ ଅତିଥି ଭାବରେ ଅଧାପକ ସନ୍ଦୀପ କୁମାର ଘୋଷ ଯୋଗ ଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଛାତ୍ରଛାତ୍ରୀ ମାନେ ନିଜ ଜୀବନର ଲକ୍ଷକୁ ନେଇ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟା ଅଧାପିକା ସ୍ୱାଗତିକା ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଭାଗର ଅନ୍ୟତମ ଅଧାପିକା ଅମିତା ଦାସ ଛାତ୍ରଛାତ୍ରୀମା ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଭାଗୀୟ ଛାତ୍ରୀ ଲିସାରାଣୀ ସାମଲ ଅତିଥିଙ୍କୁ ମଂଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀ ଅର୍ଚ୍ଚିତା ବସନ୍ତିଆ ଏବଂ ପ୍ରିୟଙ୍କା ବାରିକ ତାଙ୍କର ଅନୁଭୂତି ପ୍ରଦାନ କରିଥିଲେ । ସର୍ବଶେଷରେ ଛାତ୍ରୀ ଅର୍ଚ୍ଚିତା ବସ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଲ୍ ହେଲା ଗୋଦାମ ଗୃହ



ଦଶପଲ୍ଲା, ୧୧/୦୩ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ଦଶପଲ୍ଲା -ଭଞ୍ଜନଗର ରାସ୍ତାର ଅଗ୍ନିଶମ କେନ୍ଦ୍ର ନିକଟରେ ଥିବା ଏକ ଗୋଦାମ ଗୃହକୁ ମଙ୍ଗଳବାର ଦିନ ସିଲ୍ କରି ଦିଆଯାଇଛି । ଯୋଗାଣ ବିଭାଗ ଅଧିକାରୀ, ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ଓ ପୋଲିସ ଉପସ୍ଥିତିରେ ଗୋଦାମ ଗୃହ ସିଲ୍ ହୋଇଥିଲା । ପିଡିଏସ୍ ଚାଉଳ ମହଜୁଦ ଥିବା ଅଭିଯୋଗରେ ଏଭଳି ସିଲ୍ କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିବା ବେଳେ ସିଲ୍ ସମୟରେ ଗୋଦାମ କରିଥିବା ମାଲିକଙ୍କୁ ଖବର ଦିଆଯାଇଥିବା ବେଳେ ସେ ନଆସିବାରୁ ଘର ମାଲିକଙ୍କ ଉପସ୍ଥିତିରେ ଗୋଦାମ ଗୃହକୁ ସିଲ୍ କରାଯାଇଥିଲା । ବୁଧବାର ଦିନ ଗୋଦାମର ମାଲିକଙ୍କୁ ହାଜର ପାଇଁ ନୋଟିସ ହୋଇଥିଲେ ମଧ୍ୟ ସେ ହାଜର ହୋଇନଥିବା ଜଣାପଡିଛି ।

# ୨୦୭ ମହିନ୍ଦ୍ରା ବୁଲେରୋ ପିକପ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ତୁମୁଡିବନ୍ଧ, ୧୧/୦୩ (ଆ.ପ୍ର) : ମ. ରାମପୁର -କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ କରୁକୁତୁପା ପଂଚାୟତର ଜରାଗୁ ଉନ୍ନତି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ମାଙ୍ଗାପାଙ୍ଗ ଗ୍ରାମର ପୁରୋଚନ ଦିଗାଳଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଘଟଣା ଆଜି ବୁଧବାର ଜଣା ପଡ଼ିଛି । ଏତଲା ପ୍ରକାରେ ଗତ ମଙ୍ଗଳବାର ଅପରାହ୍ନରେ ନିଜ ଘରୁ ନିଜ OD-୦୭-ଇଣ -୭୫୩୪ ହିରୋମୋଟର ସାଇକେଲରେ କଳାହାଣ୍ଡି ଜିଲ୍ଲା ଉର୍ଲାଦାନୀର ସମ୍ପର୍କୀୟଙ୍କ ବାହାଘର କାର୍ଯ୍ୟକ୍ରମକୁ ଯାଇ ଫେରୁଥିବା ସମୟରେ ୫୯ନମ୍ବର ଜାତୀୟ ରାଜପଥ ର ଉର୍ଲାଦାନୀ ନିକଟ ରିଣ୍ଡୋମାଝି ଛକ ଠାରେ ପଛ ପଟରୁ ଟଚ- ୬୭-BT.୬୦୩୧ନମ୍ବର ଏକ ମହିନ୍ଦ୍ରା ପିକପ ଧକ୍କା ଦେବାରୁ ସେଠାରେ କଚାଡି ହୋଇପଡ଼ିଯାଇଥିଲେ । ଯାହା ଫଳରେ ମୁଣ୍ଡରେ ଶକ୍ତଆଘାତ ହୋଇଥିବାରୁ ନାକ କାନ ପଟୁ ରକ୍ତ ବାହାରୁ ଥିଲା । ଘଟଣା ସମ୍ପର୍କରେ ସମ୍ପର୍କୀୟ ଲୋକ କବର ପାଇ ଘଟଣା ସ୍ଥଳକୁ ପହଂଚି ତାଙ୍କୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ତୁମୁଡିବନ୍ଧ ଗୋଷ୍ଠି ଚିକିତ୍ସାଳୟରେ ପହଂଚାଇ ଚିକିତ୍ସା କରି ଅବସ୍ଥା ଗୁରୁତର ହେବାରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପୁଣି ଅତିଗୁରୁତର ହେବାରୁ ଏମ କେ ସି ଜି ବ୍ରହ୍ମ ପୁର ମେଡିକାଲକୁ ସ୍ଥାନାନ୍ତର କରିବା ବାଟରେ ପୁରୋଚନଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ କଳାହାଣ୍ଡି ଜିଲ୍ଲା ଏମ. ରାମପୁର ଥାନାରେ ୬୩/୨୬ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ତଦନ୍ତ କରାଯିବ ବୋଲି ପୋଲିସ କହିଛି । ତେବେ ମହିନ୍ଦ୍ରା ପିକପ ଗାଡ଼ିର ଚାଳକ ବେପରୁଆ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଛି ବୋଲି ପରିବାର ପକ୍ଷରୁ ଦାବୀ କରିବା ସହିତ ତଦନ୍ତ କରାଯାଉ ବୋଲି କହିଛନ୍ତି ।

# ଦିନ ପରେ ଦିନ ଗଡୁଛି, ହସ୍ତାନ୍ତର ହେଉନି ପ୍ରଧାନଶିକ୍ଷକ ଦାୟିତ୍ୱ

ଦଶପଲ୍ଲା, ୧୧/୦୩ (ଆ.ପ୍ର) : ଦଶପଲ୍ଲା ବ୍ଲକ ଗଉଡ ପଙ୍କାଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର ନହେବା ଘଟଣା ଏବେ ଅନେକ ଅସମାହିତ ପ୍ରଶ୍ନକୁ ଠିଆ କରିଛି । ସୁଚନା ଯୋଗ୍ୟ ଯେ, ନଛିପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କାଳନ୍ଦୀ ଚରଣ ସାହୁଙ୍କୁ ଶିକ୍ଷକ ଅଭାବ କାରଣରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ (ଆଦେଶ ସଂଖ୍ୟା ୧୧୪୨, ତା ୧୮/୦୬/୨୦୨୪) ଗଉଡ ପଙ୍କାଳସାହି ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିଲା । ନିୟମ ଅନୁସାରେ ସେ ମୂଳ ବିଦ୍ୟାଳୟରୁ ଦରମା ପାଇବା ସହ କେବଳ ଶିକ୍ଷକ ଅଭାବ ଦୂର କରିବା ପାଇଁ ସେଠାକୁ ଯାଇଥିଲେ । ଇତିମଧ୍ୟରେ ଉକ୍ତ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତ ହୋଇସାରିଛନ୍ତି । ନିୟମ ଅନୁଯାୟୀ, ସ୍ଥାୟୀ ଶିକ୍ଷକ ଯୋଗଦେବା ପରେ ଡେପୁଟେସନରେ ଥିବା ଶିକ୍ଷକ ନିଜ ମୂଳ ବିଦ୍ୟାଳୟକୁ ଫେରିବା କଥା । ମାତ୍ର ଶ୍ରୀ ସାହୁ ଏବେ ବି ସେଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟ ପକ୍ଷରେ ସ୍ଥାୟୀ ଶିକ୍ଷକ ଗଙ୍ଗାଧର ପ୍ରଧାନ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇବା କଥା, ମାତ୍ର ୦୮/୧୦/୨୦୨୫ ରେ ପାରିବାରିକ ସମସ୍ୟା ଦର୍ଶାଇ ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରି ଲିଖିତ ଭାବେ ବିଇଓଙ୍କୁ ଜଣାଇଥିବା ଜଣା ପଡିଥିଲା । ପ୍ରଧାନ ପାରିବାରିକ ସମସ୍ୟା ଦର୍ଶାଇ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରିଥିବାର ଜଣାଇଥିବା ବେଳେ ତାଙ୍କର ନିୟମିତ ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି । ଯଦି ନିୟମିତ ଶିକ୍ଷାଦାନ କରିପାରୁଛନ୍ତି, ତେବେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାରେ ସମସ୍ୟା କେଉଁଠି ? ଇତି ମଧ୍ୟରେ ଘଟଣାକୁ ୪ ମାସ ବିତି ଗଲାଣି, ହେଲେ ଦାୟିତ୍ୱ ହସ୍ତାନ୍ତର ହୋଇ ପାରିନାହିଁ । ପାରିବାରିକ ସମସ୍ୟା ନା ଅଦୃଶ୍ୟ ଶକ୍ତିର ଚାପରେ ଶ୍ରୀ ପ୍ରଧାନ ଦାୟିତ୍ୱ ନେବାକୁ ମନା କରୁଛନ୍ତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଘଟଣା ନେଇ ବିଇଓଙ୍କ ସହ ଟେଲିଫୋନ୍ ଯୋଗେଁ ଯୋଗାଯୋଗ କରାଯାଇ ଥିଲେହେଁ, ସେ ଫୋନ୍ ଉଠାଇ ନଥିବାରୁ ପ୍ରତିକ୍ରିୟା ମିଳି ପାରି ନଥିବା ବେଳେ ଶିକ୍ଷକ ଶ୍ରୀ ପ୍ରଧାନ ସେତେବେଳେ ପାରିବାରିକ ସମସ୍ୟା ଦର୍ଶାଇ ଥିଲି, ଏବେ ସେଭଳି ଆଉ କିଛି ନାହିଁ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରିବା ଅନିବାର୍ଯ୍ୟ ହୋଇ ପଡିଛି ।

# ବଣାଇଁ କେନ୍ଦୁଲିପ ରେଞ୍ଜରଙ୍କ ବଦଳି କେବେ ?




ବଣାଇଁ, ୧୧/୦୩ (ଆ.ପ୍ର) : ବଣାଇଁ ବ୍ଲକରେ ଥିବା କେନ୍ଦୁପତ୍ର କେନ୍ଦୁଲିପରେ କାର୍ଯ୍ୟାରତ ରହିଥିବା କେନ୍ଦୁଲିପ ରେଞ୍ଜରଙ୍କ ଦୀର୍ଘ ୪ ବର୍ଷ ହେବାକୁ ବସିଲାଣି ଏଯାଏଁ ବଦଳି ହୋଇ ନଥିବା ନେଇ ଅଭିଯୋଗ ହେଉଛି । ଉକ୍ତ କାର୍ଯ୍ୟାଳୟଟି ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗ ଅଧିନରେ ଥିବା ଜଣାଯାଏ । କେନ୍ଦୁଲିପ ରେଞ୍ଜର ଆଗରୁ ସୁନ୍ଦରଗଡ଼ ଜିଲ୍ଲାର କେଂଚିରକେଲା କେନ୍ଦୁଲିପ କେନ୍ଦୁପତ୍ର କାର୍ଯ୍ୟାଳୟ ରେଞ୍ଜର ଭାବେ ଦାୟିତ୍ୱ ତୁଲାଇ ଥିଲେ । ସେଠାରୁ ସେ ବଦଳି ହୋଇ ୦୧-୦୨-୨୦୨୨ ମସିହାରେ ବଣାଇଁ କେନ୍ଦୁଲିପ ରେଞ୍ଜରେ ବର୍ତମାନ ଦାୟିତ୍ୱରେ ରହିଛନ୍ତି । ତେବେ ସରକାରଙ୍କ ନିୟମ ଅନୁସାରେ ଯେ କୌଣସି ବ୍ୟକ୍ତି ସରକାରୀ ଚାକିରୀ କ୍ଷେତ୍ରରେ ତିନି ବର୍ଷ ପରେ ଅନ୍ୟତ୍ର ବଦଳି ହେବା କଥା । କିନ୍ତୁ ଉକ୍ତ ରେଞ୍ଜର ଦାୟିତ୍ୱରେ ଥିବା ରେଞ୍ଜର ଏଯାଏଁ ଗୋଟିଏ ଗାଦିରେ ମାଡି ବସି ରହିଥିବାରୁ କେମିତି ଏଯାଏଁ ସରକାରୀ ସ୍ତରରେ ବଣାଇଁ କେନ୍ଦୁଲିପ ରେଞ୍ଜରଙ୍କ ବଦଳି ହେଉନାହିଁ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଆକର୍ଷଣ ହେଉ ନାହିଁ କିମ୍ବା ଜୋରଜବରଦସ୍ତ ଅଧିକାରୀ ଗୋଟିଏ ଜାଗାରେ ମାଡିବସିଛି ତାକୁ ଆଲୋଚନା ଚାଲିଛି । ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ଅଧିକାରୀ ଜଣଙ୍କ ବିଭାଗର ବଡ ଅଧିକାରୀଙ୍କ ସହିତ ଭଲ ସଂପର୍କ ଥିବାରୁ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି । କିଛି ଦିନ ଆଗରୁ ଅଧିକାରୀଙ୍କ ବିରୋଧରେ ଥାନାରେ ଏକ ସାଙ୍ଘାଘାତିକ କେଶ୍ ହୋଇଥିବା ବେଳେ ପୋଲିସ ତାଙ୍କ ପ୍ରତି କିଛି ବି ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ନେଇ ନଥିବାରୁ ଅଧିକାରଙ୍କ ଦବଦବା ନିଶ୍ଚିତ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଗତ ବର୍ଷ କେନ୍ଦୁପତ୍ର ପଡି ମରାମତି ନାଁ ନିଜ କର୍ମଚାରୀଙ୍କୁ ନିଯୋକ୍ତ କରି ଶ୍ରମିକ ଦେଖାଇ ଟଙ୍କା ଆତ୍ମସାତ କରିଥିବା ଖବର ମଧ ଅଧିକାରୀଙ୍କ ବିରୋଧରେ ଆସିଥିଲା । ଅନ୍ୟପଟେ ଅନେକ ସମୟରେ ତାଙ୍କର କର୍ମଚାରୀମାନଙ୍କ ପ୍ରତି ଭଲ ଭାବରେ ସମ୍ମାନ ଦେଉ ନଥିବାର ମଧ୍ୟ ଅଭିଯୋଗ କରୁଛନ୍ତି ବିଭାଗର କର୍ମଚାରୀମାନେ । କିନ୍ତୁ ବଡ ପଦବୀରେ ଥିବାରୁ କର୍ମଚାରୀ ମାନେ ସିଧାସଳଖ ଅଭିଯୋଗ କରିବାକୁ ଭୟ କରୁଥିବା କଥା କହିଛନ୍ତି । ଏହି ଭଳି ବ୍ୟକ୍ତିଙ୍କୁ କାହିଁକି ଅନ୍ୟତ୍ର ବଦଳି କରାଯାଉ ନାହିଁ ତାହା ସାଧାରଣରେ ଆଲୋଚନା ହେଉଛି । ଏଣୁ ସରକାରଙ୍କ ନିୟମ ଅନୁସାରେ ତିନି ବର୍ଷ ପୁରିବା ପରେ ତୁରନ୍ତ ଅନ୍ୟତ୍ର ବଦଳି କରାଯାଉ ବୋଲି ଦାବି ହେଉଛି ।

# ଶିକାରୀ ଟେଲି ଫିଲ୍ମର ମୁ ଦିୱାନି ଦିୱାନି ହେଲି ତ ପ୍ରେମରେ ଭିଡ଼ିଓ ଗୀତ ରିଲିଜ ରାଜ ଓ ସ୍ୱାଗତିକାଙ୍କ ଚମତ୍କୃତ ଅଭିନୟ




ବ୍ରହ୍ମପୁର, ୧୧/୦୩ (ଆ.ପ୍ର) : ଗଞ୍ଜାମ ଜିଲ୍ଲା କଳା ସଂସ୍କୃତି ଓ କଳାକାରଙ୍କ ଅର୍ପୁର୍ବ ଭଣ୍ଡାର, ରଣପା, ଦାସ କାଠିଆ, ଭାରତ ଲୀଳା, ପ୍ରହ୍ଲାଦ ନାଟକ, ରାଧା ପ୍ରେମ ଲୀଳା, କୃଷ୍ଣ ଲୀଳା, ବାଘ୍ ନାଚ ଓ ଦଣ୍ଡ ନାଚ ବିଶ୍ୱ ଦରବାରରେ ସୁପ୍ରସିଦ୍ଧ । ତତ୍ ସଙ୍ଗେ ଓଡ଼ିଶୀ, ଭାରତ ନାଟ୍ୟମ୍ ସହ ବିଭିନ୍ନ ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟରେ ମଧ୍ୟ ଆମ କଳାକାର ମାନେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି । କଳାକାର ମାନଙ୍କୁ ଅଧିକ ପ୍ରୋତ୍ସାହନ ସରକାରୀ ଓ ବେସରକାରୀ ସ୍ତରରେ ଯୋଗାଇ ପାରିଲେ ଆହୁରି ବହୁ ଉଚ୍ଚ କଳାକାର ସୃଷ୍ଟି ହୋଇ, ଜିଲ୍ଲା ନିମନ୍ତେ ସୁନାମ ଆଣିପାରିବେ । ଏଲ ବି ମ୍ୟୁଜିକ ପ୍ରୋଡକ୍ସନ ସହୋଜୋଗରେ ଶିକାରୀ ଟେଲି ଫିଲ୍ମର ମୁ ଦିୱାନି ଦିୱାନି ହେଲି ତ ପ୍ରେମରେ ଭିଡ଼ିଓ ଗୀତ ରିଲିଜ ହୋଇଯାଇଛି । ପ୍ରଡକ୍ସନ ତରଫରୁ କେବଳ ଗଞ୍ଜାମ କଳାକାର, ନିର୍ଦ୍ଦେଶକ କେମେରା ମେନଙ୍କୁ ନେଇ ପ୍ରଥମ୍ ସୁନ୍ଦର୍ ଶିକାରୀ ଟେଲି ଫିଲ୍ମକୁ ଅତିଥି ମାନଙ୍କ କର କମଳ ରେ ରିଲିଜ କରାଯାଇଥିଲା । ଏଥିରେ ମୁଖ୍ୟ ନାୟକ ରାଜ ସାହୁ ଏବଂ ନାୟିକା ସ୍ୱାଗତିକାଙ୍କ ନୃତ୍ୟ ଓ ଅଭିନୟ ବେଶ ପ୍ରଶଂସନୀୟ ହୋଇଥିବା ସହ ନାୟକ ରାଜ ସାହୁ ଓ ଅନ୍ୟ କଳାକାରଙ୍କ ନୃତ୍ୟ ଓ ଅଭିନୟ ମଧ୍ୟ ଆହୁରି ଆକର୍ଷଣ କରିପାରିଛି । ନିର୍ଦ୍ଦେଶକ ବସନ୍ତ ରାଉଳଙ୍କ ନିର୍ଦ୍ଦେଶନାରେ ଗୀତିକାର ଦେବାଶିଷ ପାଢ଼ୀ ଓ ଅର୍ପିତା ଚୌଧୁରୀ, କୋରିଓ ଗ୍ରାଫର ରାଜ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ କୁମାର, ଲିରିକ ଆଶୁତୋଷ ବାରିକ, ଶ୍ରୁତି ଡାନ୍ସ ଏକାଡେମୀ, ମିଲନ ଡାନ୍ସ ଗ୍ରୁପ, କ୍ୟାମେରା ପରିଚାଳନା ଶ୍ରୀକାନ୍ତ, ଏଡିଟିଂ ରାଜ ଷ୍ଟୁଡ଼ିଓଙ୍କ ସହିତ ରାଜା ପି ଏବଂ ମିଡ଼ିଆ ପାର୍ଟନର ରୂପେ ସ୍ୱତନ୍ତ୍ର ନିଉଜ୍ ସମ୍ପୂର୍ଣ୍ଣ ଦ ାଇତ୍ୱ ନେଇଛନ୍ତି । ଏଲ ବି ମ୍ୟୁ ଜ୍ୱୀକ ପ୍ରୋଡକ୍ସନ ସଂଯୋଜନାରେ ଟେଲି ଫିଲ୍ମ ଶିକାରୀ ଅତି ସୁନ୍ଦର ହୋଇ ପାରିଛି । ଏଲ ବି ମ୍ୟୁ ଜ୍ୱୀକର ପ୍ରଥମ୍ ଅବଦାନ ପରେ ପରେ ଅନେକ ଆଲବମ୍ ଓ ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ ବୋଲି ପ୍ରଜଯୋକ ଏଲବି ପ୍ରୋଡକ୍ସନ ତରଫରୁ ସୂଚନା ଦେଇଛନ୍ତି । ମଂଟୁ ପାତ୍ର co- producer ଦାୟିତ୍ୱ ନେଇଥିବା ବେଳେ ସ୍ୱାଧୀନ କୁମାର ପାତ୍ର କାଯ୍ୟକାରୀ ମୁଖ୍ୟ ଦାୟିତ୍ୱ ତୁଲାଇଛନ୍ତି । କାର୍ଯ୍ୟକ୍ରମରେ ବହୁ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧି, ଗଣମାଧମ ବ୍ୟକ୍ତିତ୍ୱ ଓ ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅବସର

ମାହାଙ୍ଗା, ୧୧/୦୩ (ଆ.ପ୍ର) : ମାହାଙ୍ଗା ବ୍ଲକର କୁସୁପୁର ସ୍ଥିତ ନନ୍ଦକିଶୋର ବିଦ୍ୟାମନ୍ଦିରର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ତଥା ନାହାଙ୍ଗ ଗ୍ରାମର ସ୍ୱର୍ଗତ ନାରାୟଣ ସାହୁଙ୍କ ସୁପୁତ୍ର କୃଷ୍ଣଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ସଂଯୁକ୍ତା ସାହୁ ସମ୍ବଲପୁର ଜିଲ୍ଲା ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ ଭାବେ ଦୀର୍ଘଦିନଧରି ସେବାକାର୍ଯ୍ୟ ସମାପନ କରି ଗତ ଫେବୃୟାରୀ ୨୮ତାରିଖ ଦିନ ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ସାହୁ ଢ଼େଙ୍କାନାଳ ଜିଲ୍ଲାର ଉପ ସମାଜମଙ୍ଗଳ ଅଧିକାରୀ ଭାବରେ ଏବଂ ବାଙ୍କୀ ବ୍ଲକର ସିଡିପିଓ ଭାବରେ କାର୍ଯ୍ୟକରି ବହୁ ସଫଳତା ଅର୍ଜନ କରିଛନ୍ତି । ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଠାରୁ ବିଭିନ୍ନ ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି । ଏହାଛଡା ସରକାରୀ ଚାକିରୀରେ ନିଯୁକ୍ତି ଦିନ ଠାରୁ ସେ ଅତ୍ୟନ୍ତ ନିଷ୍ଠାପର ସରଳ ଓ ସଚ୍ଚୋଟ ଭାବରେ ନିଜର କାର୍ଯ୍ୟ ସୂଚାରୁ ରୂପେ ନିର୍ବାହ କରିଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

# ଆଇସିସିରାଙ୍କିଂ : ଖସିଲେ ବରୁଣ ଚକ୍ରବର୍ତ୍ତୀ, ଉପରକୁ ଉଠିଲେ ଇଶାନ



ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ସଦ୍ୟ ପ୍ରକାଶିତ ଆଇସିସି ରାଙ୍କିଂରେ ପଛରେ ପଡ଼ିଲେ ଟିମ୍ ଇଣ୍ଡିଆର ମିଷ୍ଟ୍ରିଂ ସ୍ପିନର ବରୁଣ ଚକ୍ରବର୍ତ୍ତୀ । ଟି-୨୦ କ୍ରିକେଟରେ ସେ ଏକ ନମ୍ବର ସ୍ଥାନରେ ରହିଥିଲେ ମାତ୍ର ଏବେ ଗୋଟିଏ ସ୍ଥାନ ତଳକୁ ଖସିଛନ୍ତି । ଟି-୨୦ ବିଶ୍ୱକପର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଗୁଡ଼ିକରେ ଦମଦାର ପ୍ରଦର୍ଶନ ଦେଖାଇ ପାରିନଥିଲେ ବରୁଣ ଚକ୍ରବର୍ତ୍ତୀ । ଯେଉଁ କାରଣରୁ ଏବେ ସେ ଦୁଇ ନମ୍ବର ସ୍ଥାନକୁ ଖସିଛନ୍ତି । ଟି-୨୦ରେ ଏକ ନମ୍ବର ବୋଲର ହୋଇଛନ୍ତି ଆଫଗାନିସ୍ତାନର ରସିଦ୍ ଖାନ । ସେ ୭୫୩ ପଏଂଟ ସହ ୧ ନମ୍ବରକୁ ଉଠିଥିବାବେଳେ ବରୁଣ ଚକ୍ରବର୍ତ୍ତୀ ୭୪୦ ପଏଂଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।ସେପଟେ ବ୍ୟାଟିଂରେ ଯଦି ଦେଖିବା ତାହେଲେ ଫାଇନାଲରେ ବିସ୍ଫୋରକ ବ୍ୟାଟିଂ କରିଥିବା ଅଭିଶେକ ଶର୍ମା ଏବେ ଟି-୨୦ରେ ପୁଣିଥରେ ନମ୍ବର ୱାନ୍ ବ୍ୟାଟ୍ସମ୍ୟାନ ରହିଛନ୍ତି । ସେ ୮୭୫ ପଏଂଟ ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ତାଙ୍କ ପଛକୁ ରହିଛନ୍ତି ଭାରତୀୟ ବ୍ୟାଟ୍ସମ୍ୟାନ କିଶାନ କିଷନ । ସେ ୮୭୧ ପଏଂଟ ପାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ଟପ୍ ୧୦ ମଧ୍ୟରେ ରହିଛନ୍ତି କେବଳ ୪ ଜଣ ଭାରତୀୟ ବ୍ୟାଟ୍ସମ୍ୟାନ । ଟି-୨୦ ବିଶ୍ୱକପରେ ଚାମ୍ପିୟନ ହୋଇଥିବା ଭାରତୀୟ ବ୍ୟାଟ୍ସମ୍ୟାନମାନେ ଆଇସିସିର ରାଙ୍କିଂରେ ନିଜର ସ୍ଥାନ ବଜାୟ ରଖିଛନ୍ତି । ତିଲକ ବର୍ମା ସପ୍ତମ ସ୍ଥାନରେ ରହିଥିବାବେଳେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ନବମ ସ୍ଥାନରେ ରହିଛନ୍ତି । ଏହାସହ ସଞ୍ଜୁ ସାମସନ ନିଜର ବଳିଷ୍ଠ ପ୍ରଦର୍ଶନ ପାଇଁ ଏକ ଲମ୍ବା ଲମ୍ଫ ମାରିଛନ୍ତି । ପୂର୍ବରୁ ସାମସନ ୬୫ ନମ୍ବର ସ୍ଥାନରେ ରହିଥିଲେ । ମାତ୍ର ଏବେ ୬୩୭ ପଏଂଟ ସହ ୨୨ ନମ୍ବର ସ୍ଥାନକୁ ଆସିଛନ୍ତି । ୪୩ ଜଣ ବ୍ରାଟ୍ସମ୍ୟାନଙ୍କୁ ସେ ପଛରେ ପକାଇ ଉପରକୁ ଉଠିଛନ୍ତି । ଯଦି ଆମେ ସାମସନଙ୍କ ସମ୍ପର୍କରେ କହିବା ତାହେଲେ ସେ ଟି-୨୦ ବିଶ୍ୱକପର ପ୍ରାରମ୍ଭରୁ ଖେଳିବାର ସୁଯୋଗ ପାଇନଥିଲେ । ବିଶ୍ୱକପ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ନେ ?ରାଶ୍ୟଜନକ ପ୍ରଦର୍ଶନ ପାଇଁ ପ୍ଲେଇଂ ୧୧ରେ ସୁଯୋଗ ମିଳିନଥିଲା । ଆଉ ଯେତେବେଳେ ଖେଳିବାକୁ ପାଇଲେ ସେ ଭାରତ ବିଜୟର ହିରୋ ପାଲଟିଗଲେ ।

# ଟ୍ରେନରେ ଲୁଚି ଛପି ଘରକୁ ଆସିଲେ ଶିବମ୍ ଦୁବେ




ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ରବିବାର ଭାରତ ୨୦୨୬ ଟି-୨୦ ବିଶ୍ୱକପ ଜିତି ଇତିହାସ ରଚିଛି । ବିଶ୍ୱର ପ୍ରଥମ ଦଳ ଭାବେ ଭାରତ କ୍ରମାଗତ ଦ୍ୱିତୀୟ ଓ ମୋଟ ଉପରେ ତୃତୀୟ ଥର ପାଇଁ ଟି-୨୦ ବିଶ୍ୱକପ କବଜା କରିଛି । ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଣେ ଖେଳାଳି ହେଲେ ଶିବମ ଦୁବେ । ବିଶ୍ୱକପ ଜିତିବା ପରେ ଭାରତୀୟ ଟିମର ଅଲରାଉଣ୍ଡର ଶିବମ ଦୁବେ ଅହମଦାବାଦରୁ ନିଜ ଘରକୁ ଆସିବା ବେଳେ ସାମ୍ନା କରିଥିବା ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇଛି । ଭାରତୀୟ ଖେଳାଳିମାନେ ସାଧାଣତଃ କୌଣସି ସିରିଜ ବା ମ୍ୟାଚ୍ ପରେ ଚାର୍ଟର ବିମାନ କିମ୍ବା ସ୍ୱତନ୍ତ୍ର ଭାବେ ବୁକିଂ ହୋଇଥିବା ବିମାନରେ ଯାତ୍ରା କରନ୍ତି । ହେଲେ ବିଶ୍ୱ ବିଜେତା ଦଳର ପ୍ରମୁଖ ଖେଳାଳି ଦୁବେ ଅହମଦାବାଦରୁ ମୁମ୍ବାଇ ସ୍ଥିତ ଘରକୁ ବିମାନରେ ଆସି ପାରି ନାହାନ୍ତି । ବିଶ୍ୱକପ ଜିତିବା ପରେ ସେ ବିମାନ ଯୋଗେ ନିଜ ପତ୍ନୀଙ୍କ ସହ ମୁମ୍ବାଇ ଆସିବାକୁ ଚାହିଁଥିଲେ ଦୁବେ । କିନ୍ତୁ ଅହମଦାବାଦରୁ ମୁମ୍ବାଇ ଉଡ଼ାଣ ଭରୁଥିବା ସମସ୍ତ ବିମାନର ବୁକିଂ ଶେଷ ହୋଇ ଯାଇଥିଲା । ବିସିସିଆଇ ମଧ୍ୟ ଦୁବେଙ୍କ ମୁମ୍ବାଇ ଫେରିବା କଥା ବୁଝି ନଥିଲା । ଶେଷରେ ଗୋଟିଏ ଅପ୍ରତ୍ୟାଶିତ ଘଟଣାକ୍ରମେ ଦୁବେଙ୍କ ଭଳି ଜଣେ ଷ୍ଟାର ଖେଳାଳି ଟ୍ରେନର ତୃତୀୟ ଏସିରେ ଟିକେଟ ବୁକିଂ କରିଥିଲେ । ଟ୍ରେନରେ ଭିଡ଼ ହେବାର ଆଶଙ୍କା ଥିବା ବେଳେ ଫ୍ୟାନ୍ସମାନେ ମଧ୍ୟ ତାଙ୍କୁ ଘେରିଯିବାର ସମ୍ଭାବନା ରହିଥିଲା । କିନ୍ତୁ ବିମାନ ସୁବିଧା ଉପଲବ୍ଧ ନ ହେବାରୁ ସେ ବାଧ୍ୟ ହୋଇ ତାଙ୍କ ପତ୍ନୀ ଓ ଜଣେ ବନ୍ଧୁଙ୍କ ସହ ଟ୍ରେନରେ ଅହମଦାବାଦରୁ ମୁମ୍ବାଇ ଆସିଥିଲେ । ଏହି ସମୟରେ ତାଙ୍କୁ ନିଜ ପରିଚୟ ମଧ୍ୟ ଲୁଚାଇ ରଖିବାକୁ ପଡ଼ିଥିଲା । ଦୁବେଙ୍କ କହିବା କଥା ଯେ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବିମାନରେ ଟିକେଟ ବୁକିଂ କରିବାକୁ ଚେଷ୍ଟା କରିଥିଲେ । ହେଲେ କୌଣସି ବିମାନରେ ଯାତ୍ରା ପାଇଁ ଟିକେଟ ମିଳି ନଥିଲା । ତାଙ୍କ ପାଖରେ ସଡ଼କ ପଥରେ ଯାତ୍ରା କରିବାର ବିକଳ୍ପ ମଧ୍ୟ ରହିଥିଲା । କିନ୍ତୁ ସେ ଶୀଘ୍ର ଘରେ ପହଂଚିବା ପାଇଁ ଟ୍ରେନକୁ ଶେଷ ବିକଳ୍ପ ଭାବେ ବାଛିଥିଲେ । ଶେଷରେ ସୋମବାର ଭୋରରୁ ସେ ଅହମଦବାଦରୁ ଟ୍ରେନରେ ମୁମ୍ବାଇ ଅଭିମୁଖେ ପତ୍ନୀ ଓ ଜଣେ ବନ୍ଧୁଙ୍କ ସହ ଯାତ୍ରା ଆରମ୍ଭ କରିଥିଲେ । ପତ୍ନୀ ଓ ଜଣେ ବନ୍ଧୁଙ୍କ ସହ ଦୁବେ ତୃତୀୟ ଏସିରେ ଟିକେଟ କରିବା ପରେ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ବେଶ ଚିନ୍ତିତ ହୋଇ ଯାଇଥିଲେ । ଯଦି କେହି ଷ୍ଟେସନ କିମ୍ବା ଟ୍ରେନରେ ଦୁବେଙ୍କୁ ଚିହ୍ନି ଯିବେ, ତା'ହେଲେ ପ୍ରବଳ ଭିଡ଼ ହେବା ସହ ଅଯଥା ସେ ହଇରାଣ ହେବେ । ଏପରି ସ୍ଥିତିରେ ଫ୍ୟାନ୍ସଙ୍କ ନଜରରୁ ବର୍ତିବା ପାଇଁ ଦୁବେ ଗୋଟିଏ କ୍ୟାପ ଓ ମାସ୍କ ପିନ୍ଧିଥିଲେ । ଏହାପରେ ଗୋଟିଏ ଲମ୍ବା ଟି-ଶର୍ଟ ପିନ୍ଧି ନିଜ ପରିଚୟକୁ ଗୋପନ ରଖିଥିଲେ । ସେହିପରି ସେ ଜାଣିଶୁଣି ଭୋର ୫.୧୦ରେ ଛାଡ଼ିବାକୁ ଥିବା ଟ୍ରେନରେ ହିଁ ଟିକେଟ ବୁକିଂ କରିଥିଲେ । ଦୁବେ କହିଛନ୍ତି, "ମୁଁ ମୋ ପତ୍ନୀଙ୍କୁ କହିଥିଲି ଯେ ଟ୍ରେନ ଛାଡ଼ିବାର ୫ ମିନିଟ ପୂର୍ବ ଯାଏ ମୁଁ ମୋ କାରରେ ରହିବି । ତୁମେମାନେ ଆଗୁଆ ଯାଇ ଟ୍ରେନରେ ଥିବ । ଟ୍ରେନ ଛାଡ଼ିବାକୁ ୫ ମିନିଟ ସମୟ ଥିବା ବେଳେ ମୁଁ ଭିତରକୁ ଯାଇଥିଲି ।" ୩୨ ବର୍ଷୀୟ ଦୁବେଙ୍କ ସହ ଜଣେ ପୁଲିସ୍ ? ଅଧିକାରୀ ମଧ୍ୟ ରହିଥିଲେ । ସମ୍ଭାବ୍ୟ ଭିଡ଼କୁ ନିୟନ୍ତ୍ରଣ କରିବାକୁ ସେ ଉପସ୍ଥିତ ରହିଥିଲେ । ସୌଭାଗ୍ୟବଶତଃ ଟ୍ରେନ ଯାତ୍ରାରେ ଦୁବେ କୌଣସି ସମସ୍ୟାର ସାମ୍ନା କରି ନାହାନ୍ତି । ଦୁବେ କହିଛନ୍ତି ଯେ "ମୁଁ ସିଧା ଉପର ସିଟରେ ବସି ରହିଥିଲି । ୱାଶରୁମ ପାଇଁ ଓହ୍ଲାଇଥିଲେ ହେଁ କେହି ମୋତେ ଚିହ୍ନି ପାରି ନଥିଲେ । କିନ୍ତୁ ସ୍ପଷ୍ଟ ଦିବାଲୋକରେ ବୋରିଭାଲିରେ ଓହ୍ଲାଇବାକୁ ନେଇ ମୁଁ ଚିନ୍ତାରେ ରହିଥିଲି । କାରଣ ସେଠାରୁ ବର୍ତିବା ମୋ ପାଇଁ ସହଜ ହେବନି ବୋଲି ଆଶଙ୍କା ଥିଲା ।" ଯାତ୍ରା ସମୟରେ ସାମାନ୍ୟ ଡ୍ରାମା ମଧ୍ୟ ଦେଖିବାକୁ ମିଳିଥିବା ଖବର ପ୍ରକାଶ ପାଇଛି । ଟିକେଟ ଯାଂଚ କରିବାକୁ ଅଧିକାରୀ ଆସିବା ସମୟରେ ଶିବମ ଦୁବେ କିଏ ବୋଲି ପ୍ରଶ୍ନ କରିଥିଲେ । କ'ଣ ସେ କ୍ରିକେଟର କି ବଡ଼ ପାଟିରେ କହିଥିଲେ । ଏହି ସମୟରେ ଦୁବେଙ୍କ ପତ୍ନୀ ଅଞ୍ଜୁମ ତୁରନ୍ତ ହସ୍ତକ୍ଷେପ କରି ସବୁ କିଛିର ସମାଧାନ କରିଥିଲେ । ସେ କହିଥିଲେ ଯେ କ୍ରିକେଟର ଶିବମ ଦୁବେ କୁଆଡୁ ଆସିବେ ? ଏକଥା ଶୁଣି ଟିସି ପରବର୍ତ୍ତୀ ଯାତ୍ରୀଙ୍କ ପାଖକୁ ଯାଇଥିଲେ ।

# ଆଇପିଏଲ ୨୦୨୬: ଆରସିବି-ହାଇଦ୍ରାବାଦ ଲଢ଼େଇରୁ ଆରମ୍ଭ ହେବ ସଂସ୍କରଣ




ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ଆଇପିଏଲ ୨୦୨୬ ପାଇଁ ଆଜି ବିସିସିଆଇ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍ ସୂଚୀ ଜାରି କରିଛି । ଆସନ୍ତା ମାର୍ଚ୍ଚ ୨୮ରୁ ଆଇପିଏଲର ୧୯ତମ ସଂସ୍କରଣ ଆରମ୍ଭ ହେଉଥିବା ବେଳେ ଆଜି ପ୍ରଥମ ୨୦ଟି ମ୍ୟାଚ୍ ପାଇଁ ସୂଚୀ ସାର୍ବଜନୀନ କରାଯାଇଛି । ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ଗୁଡ଼ିକର ସୂଚୀ ଆଜି ସାମ୍ନାକୁ ଆସିଛି । ୩ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ଜାରି ସୂଚୀ ଅନୁସାରେ, ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ ରାଇଜର୍ସ ହାଇଦ୍ରାବାଦର ଲଢ଼େଇରୁ ଆଇପିଏଲର ୧୯ତମ ସଂସ୍କରଣର ଶୁଭାରମ୍ଭ ହେବ । ଏହି ମ୍ୟାଚ୍‌ଟି ବେଙ୍ଗାଲୁରୁର ପ୍ରସିଦ୍ଧ ଚିନାସ୍ୱାମୀ ଷ୍ଟାଡ଼ିୟମରେ ମାର୍ଚ୍ଚ ୨୮ରେ ଖେଳାଯିବ । ପ୍ରଥମ ପର୍ଯ୍ୟାୟରେ ୧୦ଟି ଭେନ୍ୟୁରେ ମୋଟ ୨୦ଟି ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁ, ମୁମ୍ବାଇ, ଗୁହାଟୀ, ନ୍ୟୁ ଚଣ୍ଡିଗଡ଼, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ, ଦିଲ୍ଲୀର, ଅହମଦାବାଦ ଓ ହାଇଦ୍ରାବାଦରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ । ୨୦ଟି ମ୍ୟାଚ୍‌ରୁ ୪ଟି ଡବଲ ଡେଡର୍ସ ବା ୪ ଦିନ ଦୁଇଟି ଲେଖାଏ ମ୍ୟାଚ୍ ରହିଛି । ଅପରାହ୍ନ ସମୟର ମ୍ୟାଚ୍‌ଗୁଡ଼ିକ ଦିନ ୩.୩୦ରେ ଓ ସନ୍ଧ୍ୟା ମ୍ୟାଚ୍‌ଗୁଡ଼ିକ ୭.୩୦ରେ ଆରମ୍ଭ ହେବ । ଶନିବାର ପ୍ରଥମ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ରବିବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ ରାଇଡର୍ସ । ସୋମବାର ଠାରୁ ଚେନ୍ନାଇ ତା'ର ଅଭିଯାନ ଆରମ୍ଭ କରିବ । ପ୍ରଥମ ମ୍ୟାଚ୍‌ରେ ଦଳ ଗୁହାଟୀରେ ରାଜସ୍ଥାନ ରୟାଲ୍ସକୁ ଭେଟିବ । ଏପ୍ରିଲ ୪ରେ ପ୍ରଥମ ଡବଲ ହେଡର୍ସ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଅର୍ଥାତ ଦିନ ୩.୩୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଅରୁଣ ଜେଟଲୀ ଷ୍ଟାଡିୟମରେ ମୁମ୍ବାଇକୁ ଭେଟିବ । ସନ୍ଧ୍ୟା ୭.୩୦ରେ ଅହମଦାବାଦରେ ଗୁଜରାଟ ଟାଇଟନ୍ସର ମୁକାବିଲା ରାଜସ୍ଥାନ ରୟାଲ୍ସ ସହ ହେବ । ରାଜସ୍ଥାନ ରୟାଲ୍ସର ହୋମଗ୍ରାଉଣ୍ଡ ଗୁହାଟୀ ରହିବ । ଏଠାରେ ଦଳ ଚେନ୍ନାଇ ଓ ମୁମ୍ବାଇ ସହ ଖେଳିବ । ପଞ୍ଜାବ କିଙ୍ଗସ ପ୍ରଥମ ପର୍ଯ୍ୟାୟରେ ତା'ର ହୋମ ମ୍ୟାଚଗୁଡ଼ିକ ନ୍ୟୁ ଚଣ୍ଡିଗଡ଼ରେ ଖେଳିବ ବୋଲି ବିସିସିଆଇ କହିଛି । ଚଳିତ ସଂସ୍କରଣରେ ବେଙ୍ଗାଲୁରୁ ୭ଟି ଘରୋଇ ମ୍ୟାଚ୍‌ରୁ ୫ଟି ଚିନ୍ନାସ୍ୱାମୀରେ ଓ ୨ଟି ରାୟପୁରରେ ଖେଳିବ । ପଞ୍ଜାବ କିଙ୍ଗସ ୪ଟି ନ୍ୟୁ ଚଣ୍ଡିଗଡ଼ରେ ଓ ୩ଟି ଧର୍ମଶାଳାରେ ଓ ରାଜସ୍ଥାନ ତା'ର ୩ଟି ହୋମ ମ୍ୟାଚ ଗୁହାଟୀରେ ଓ ୪ଟି ଜୟପୁରରେ ଖେଳିବ ।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୨ ଭାରତୀୟ ମୃତ, ଜଣେ ନିଖୋଜ



ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ଇରାନ ଓ ଇସ୍ରାଏଲ-ଆମେରିକା ଲଢ଼େଇ ଯୋଗୁ ମଧ୍ୟପ୍ରାଚ୍ୟରେ ଫେବୃଆରୀ ୨୮ରୁ ମହାଯୁଦ୍ଧ ଜାରି ରହିଛି । ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨ ଜଣ ଭାରତୀୟ ପ୍ରାଣ ହରାଇଥିବା ବେଳେ ଜଣେ ନିଖୋଜ ରହିଛନ୍ତି । ବିବାଦୀୟ କ୍ଷେତ୍ର ମଧ୍ୟପ୍ରାଚ୍ୟର ଗୋଟିଏ ବାଣିଜ୍ୟ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ଏପରି ଘଟଣା ଘଟିଥିବା ଆଜି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଆକ୍ରମଣରେ ବ୍ୟବସାୟିକ ଜାହାଜଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହା ମଧ୍ୟରେ ଥିବା ଭାରତୀୟମାନେ ମୃତାହତ ହୋଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏହି ଖବରକୁ ନିଶ୍ଚିତ କରି କହିଛନ୍ତି ଯେ ସରକାର ବେଶ ସତର୍କତାର ସହ ସ୍ଥିତି ଉପରେ ନଜର ରଖିଛନ୍ତି ଓ ପ୍ରଭାବିତ ଲୋକଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦେଉଛନ୍ତି । ସେ କହିଛନ୍ତି, "କିଛି ମୃତାହତର ଖବର ଆମ ପାଖକୁ ଆସିଛି । ବର୍ତ୍ତମାନ ସୁଦ୍ଧା ଆମେ ୨ ଜଣ ଭାରତୀୟଙ୍କୁ ହରାଇଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି । ସେମାନେ ଯେଉଁ ବାଣିଜ୍ୟ ଜାହାଜରେ ଥିଲା, ତାହା ଆକ୍ରମଣର ଶିକାର ହୋଇଥିଲା । ଏଥିଯୋଗୁ ଏତେ ବଡ଼ ଘଟଣା ଘଟିଛି ।" ଯୁଦ୍ଧ ଯୋଗୁ ଗଲ୍ଫ ରିଜନରେ ଆହତ ହୋଇଥିବା ଭାରତୀୟଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି । ସେମାନଙ୍କୁ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇ ଦିଆଉଛି । ଦୁବାଇରେ ଆହତ ହୋଇଥିବା ଭାରତୀୟ ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ରଣଧୀର କହିଛନ୍ତି, "ଆମ ଦୂତାବାସଗୁଡ଼ିକ ଭାରତୀୟଙ୍କ ଯୋଗାଯୋଗରେ ରହିଛନ୍ତି । ଆଜି ସକାଳେ ଆମେ ରିପୋର୍ଟ ପାଇଛୁ ଯେ ଜଣେ ଭାରତୀୟ ଦୁବାଇରେ ଆହତ ହୋଇଛନ୍ତି । ଉକ୍ତ ବ୍ୟକ୍ତିଙ୍କ ସହ ଆମ ଦୂତାବାସ ଯୋଗାଯୋଗ କରିଛି । ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି । ଆମେ ତାଙ୍କ ସହ ନିୟମିତ ଯୋଗାଯୋଗରେ ରହିଛୁ ।" ଅନ୍ୟପକ୍ଷରେ ଆଜି ଷ୍ଟ୍ରେଟ ଅଫ ହର୍ମୁଜ ଦେଇ ଭାରତର ଗୁଜରାଟ ଆସୁଥିବା ଗୋଟିଏ ଜାହାଜ ଉପରେ ହୋଇଛି ଭୟଙ୍କର ହମଲା । ଆକ୍ରମଣ ଯୋଗୁ ଥାଇଲ୍ୟାଣ୍ଡ ପତାକା ଥିବା ଏହି ଜାହାଜଟି ଜଳି ଯାଇଛି । ଗୋଟିଏ ଅଜଣା ପ୍ରୋଜେକ୍ଟାଇଲ ଜାହାଜରେ ମାଡ଼ ହେବାରୁ ଏଥିରେ ନିଆଁ ଲାଗି ଯାଇଥିବା ସୂଚନା ମିଳିଛି । ଆକ୍ରମଣ ବେଳେ ଜାହାଜରେ ୨୩ ଜଣ କ୍ରୁ ସଦସ୍ୟ ରହିଥିଲେ । ଜାହାଜରେ ନିଆଁ ଲାଗି ଯିବାରୁ ୨୦ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି ।

# ହର୍ମୁଜରେ ଗୁଜରାଟ ଆସୁଥିବା ଜାହାଜ ଉପରେ ଭୟଙ୍କର ହମଲା




ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ଘଟିଛି ବଡ଼ ଅଘଟଣ । ଇରାନର ଧମକୁ ଖାତିର ନ କରି ଷ୍ଟ୍ରେଟ ଅଫ ହର୍ମୁଜ ଦେଇ ଭାରତର ଗୁଜରାଟ ଆସୁଥିବା ଗୋଟିଏ ଜାହାଜ ଉପରେ ହୋଇଛି ଭୟଙ୍କର ହମଲା । ଆକ୍ରମଣ ଯୋଗୁ ଥାଇଲ୍ୟାଣ୍ଡ ପତାକା ଥିବା ଏହି ଜାହାଜଟି ଜଳି ଯାଇଛି । ଗୋଟିଏ ଅଜଣା ପ୍ରୋଜେକ୍ଟାଇଲ ଜାହାଜରେ ମାଡ଼ ହେବାରୁ ଏଥିରେ ନିଆଁ ଲାଗି ଯାଇଥିବା ସୂଚନା ମିଳିଛି । ଆକ୍ରମଣ ବେଳେ ଜାହାଜରେ ୨୩ ଜଣ କ୍ରୁ ସଦସ୍ୟ ରହିଥିଲେ । ଜାହାଜରେ ନିଆଁ ଲାଗି ଯିବାରୁ ୨୦ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି । ବାକି ୩ ଜଣ ଏବେ ବି ଜାହାଜ ମଧ୍ୟରେ ଫସି ରହିଥିବା ଖବର ମିଳିଛି । କ୍ଷତିଗ୍ରସ୍ତ ହୋଇଥିବା ଜାହାଜଟି ହେଉଛି ମୟୂରୀ ନାରୀ । ଏହାକୁ ଓମାନ ଉପକଳର ଠାରୁ ପ୍ରାୟ ୨୧ କିମି ଦୂରରେ ଟାର୍ଗେଟ କରାଯାଇଛି । ଘଟଣା ପରେ ୨୦ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବା ଥାଇଲ୍ୟାଣ୍ଡ ସରକାର ନିଶ୍ଚିତ କରିଛନ୍ତି । ଏବେ ଫସି ରହିଥିବା ବାକି ୩ ଜଣଙ୍କୁ ଉଦ୍ଧାର ପାଇଁ ପ୍ରକ୍ରିୟା ଚାଲିଛି । ମାର୍ଚ୍ଚ ୧୧ରେ ଷ୍ଟ୍ରେଟ ଅଫ ହର୍ମୁଜରେ ଅଜଣା ପ୍ରୋଜେକ୍ଟାଇଲ ମାଡ଼ରେ ଗୋଟିଏ ପଣ୍ୟବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ପ୍ରଥମେ ରୟାଲ ଥାଇ ନାଭି ଓ ୟୁକେ ମାରିଟାଇମ ଟ୍ରେଡ ଅପରେସନ ପକ୍ଷରୁ କୁହାଯାଇଥିଲା । ଆକ୍ରମଣ ଯୋଗୁ ଜାହାଜଟି ରେ ନିଆଁ ଲାଗି ଯାଇଥିବା ଫଟୋ ବି ସାମ୍ନାକୁ ଆସିଛି । କିଛି ସମୟ ଜାହାଜଟି ଜଳିବା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଛି । ମାରିଟାଇମ ସୂତ୍ରରେ କୁହାଯାଇଛି ଯେ ଓମାନୀୟ ନାଭି ପକ୍ଷରୁ ତୁରନ୍ତ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ସେମାନେ ଜଳନ୍ତା ଜାହାଜରୁ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିବା ସହ ନିଆଁକୁ ନିୟନ୍ତ୍ରଣ କରିଥିଲେ । ଏବେ କିଏ ଓ କେଉଁ ପ୍ରକାରର ପ୍ରୋଜେକ୍ଟାଇ ଜାହାଜକୁ ମାଡ଼ କରିଥିଲା, ତା'ର ତଦନ୍ତ ଆରମ୍ଭ କରାଯାଇଛି । ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ପଣ୍ୟବାହୀ ଜଳପଥ ହର୍ମୁଜ ପ୍ରଣାଳୀ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଇରାନ ଏହି ପ୍ରମୁଖ ଜଳମାର୍ଗକୁ ବନ୍ଦ କରିଦେଇଛି । ସେହିପରି ଏହି ମାର୍ଗକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ଜାଳି ଦିଆଯିବ ବୋଲି ମଧ୍ୟ ଇରାନ ଚେତାବନୀ ଦେଇଥିଲା । ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟ ଯୋଗୁ ହଜାର ହଜାର ଜାହଜ ହର୍ମୁଜ ପ୍ରଣାଳୀରେ ଉଭୟ ପଟେ ଅଟକିଛି । ଭାରତୀୟ ଜାହାଜଗୁଡ଼ିକ ମଧ୍ୟ ଏହି ଲମ୍ବା ଲାଇନରେ ରହିଥିଲେ । କିନ୍ତୁ କିଛି ଦନ ତଳେ ଭାରତୀୟ ଜାହାଜଗୁଡ଼ିକ ପାଇଁ ହର୍ମୁଜ ପ୍ରଣାଳୟୀ ବନ୍ଦ ହୋଇ ନଥିବା ଇରାନର ଆଇଆରଜିସି ପରୋକ୍ଷରେ ଘୋଷଣା କରାଯାଇଥିଲା । ଆଇଆରଜିସିର କହିଥିଲା ଯେ ହର୍ମୁଜ ପ୍ରଣାଳୀକୁ ନିର୍ଦ୍ଦିଷ୍ଟ ଭାବେ କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ପଶ୍ଚିମ ସହଯୋଗୀ ଦେଶଗୁଡ଼ିକ ପାଇଁ ବନ୍ଦ କରାଯାଇଛି । ଅନ୍ୟ କୌଣସି ଦେଶ ପାଇଁ ହର୍ମୁଜ ପ୍ରଣାଳୀକୁ ବନ୍ଦ କରାଯାଇନି । ଏପରି ଘୋଷଣା ସତ୍ତ୍ୱେ ଭାରତ ଆସୁଥିବା ଥାଇଲ୍ୟାଣ୍ଡ ଜାହାଜ ଉପରେ ଆକ୍ରମଣ ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି ।

# ୧୦୮ ନକ୍ସଲଙ୍କ ଆତ୍ମସମର୍ପଣ: ଜବତ ହେଲା ୧ କେଜି ସୁନା, ନଗଦ ୩.୬୨ କୋଟି ଟଙ୍କା




ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ନକ୍ସଲ ମୁକ୍ତ ଭାରତ ଅଭିଯାନକୁ ବଡ଼ ସଫଳତା । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବସ୍ତର ଜିଲ୍ଲାର ଜଗଦଲପୁର ଠାରେ ଆଜି ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ୧୦୮ ଜଣ ହାର୍ଡକୋର ମାଓବାଦୀ ଏକାସାଙ୍ଗରେ କରିଛନ୍ତି ଆତ୍ମସମର୍ପଣ । ଏମାନଙ୍କ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ମାଓବାଦୀ ରହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡ ଉପରେ ମିଳିତ ଭାବେ ରହିଥିଲା ୩.୯୫ କୋଟି ଟଙ୍କାର ପୁରସ୍କାର । ସେମାନଙ୍କୁ ସୁରକ୍ଷାକର୍ମୀ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେମାନେ ଆଜି ଅସ୍ତ୍ର ଛାଡ଼ି ସମାଜରେ ମୁଖସ୍ରୋତରେ ସାମିଲ ହୋଇଛନ୍ତି । ସେହିପରି ନକ୍ସଲଙ୍କ ଆଡ୍ଡାରୁ ସୁରକ୍ଷାକର୍ମୀମାନେ ବିପୁଳର ପରିମାଣର ନଗଦ ଟଙ୍କା, ସୁନା ଓ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ ସୁରକ୍ଷାକର୍ମୀମାନେ କରିଥିବା ରେଡ ବେଳେ ଏହି ସବୁ ଜିନିଷ ମିଳିଛି । ବସ୍ତର ରେଞ୍ଜ ପୁଲିସ୍ ଆଇଜି ସୁନ୍ଦରାଜ ପଟ୍ଟିଲିଙ୍ଗାମ କହିଛନ୍ତି ଯେ ନକ୍ସଲଙ୍କ ଆଡ୍ଡାରୁ ନଗଦ ୩.୬୧ କୋଟି ଟଙ୍କା ଓ ପ୍ରାୟ ୧ କେଜି ସୁନା ମିଳିଛି । ଜବତ ସୁନାର ମୂଲ୍ୟ ପ୍ରାୟ ୧.୬୪ କୋଟି ଟଙ୍କା ହେବ । ଏହାପୂର୍ବରୁ ନକ୍ସଲ ବିରୋଧୀ ଅଭିଯାନ ବେଳେ କେବେ ବି ଏତେ ପରିମାଣର ନଗଦ ଟଙ୍କା କିମ୍ବା ସୁନା କୌଣସି ସ୍ଥାନରୁ ମିଳି ନଥିଲା । ହେଲେ ଆଜି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ ହୋଇଥିବା ରେଡ ବେଳେ ବଡ଼ ସଫଳତା ମିଳିଛି । ଜଗଦଲପୁର ଠାରେ ଆତ୍ମସର୍ପଣ କରିଥିବା ମାଓବାଦୀମାନେ ବ୍ୟାନ ହୋଇଥିବା ସିପିଆଇ(ମାଓବାଦୀ) ସଂଗଠନର ଦଣ୍ଡକରାଣ୍ୟ ସ୍ପେଶାଲ ଜୋନାଲ କମିଟି ସଦସ୍ୟ । ଗତବର୍ଷ ଦକ୍ଷିଣ ବସ୍ତରର ବିଭିନ୍ନ ସ୍ଥାନରେ ହୋଇଥିବା ଏକାଧିକ ହିଂସାରେ ଏମାନେ ସାମିଲ ଥିଲେ । ଆଜି ଅସ୍ତ୍ର ଛାଡ଼ିଥିବା ମାଓବାଦୀଙ୍କ ମଧ୍ୟରେ ୬ ଜଣ ଡିଭିଜନାଲ କମିଟି ସଦସ୍ୟ ରହିଛନ୍ତି । ଏମାନଙ୍କୁ ଧରିବା ପାଇଁ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା । ପଶ୍ଚିମ ବସ୍ତରର ରାହୁଲ ତେଲାମ, ପାଣ୍ଡୁ କୋଡାସି ଓ ଝିଟ୍ରୁ ଓୟାମ, ପୂର୍ବ ବସ୍ତରର ରାମଧର ଓରଫ ବୀରୁ, ଉତର ବସ୍ତରର ମାଲେଶ ଭଳି ବରିଷ୍ଠ ମାଓବାଦୀ ଆଜି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ଆତ୍ମସମର୍ପଣ କରିଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଦସ୍ୟମାନେ ହେଲେ ପିପୁଲ୍ସ ଲିବେରେସନ ଗରିଲା ଆର୍ମି ବାଟାଲିୟନର ମୁଚାକି ଓ ଆନ୍ଧ୍ର-ଓଡ଼ିଶାର ସୀମାର ଡିଭିଜନାଲ କମିଟି ସଦସ୍ୟ କୋସା ମାଣ୍ଡଭୀ । ସୁରକ୍ଷାକର୍ମୀମାନେ ନକ୍ସଲଙ୍କ ଠାରୁ ସୂଚନା ପାଇବା ପରେ ଏମିତି ଏକ ସ୍ଥାନରେ ରେଡ କରିଥିଲେ ସେଠାରୁ ସେମାନଙ୍କୁ ଏକେ ୪୭ ରାଇଫଲ, ଇନସାସ ରାଇଫଲ, ଏସଏଲଆର ରାଇଫଲ, ଲାଇଟ ମେସିନ ଗନ, .୩୦୩ ରାଇଫଲ ଓ ଗ୍ରେନେଡ ଲଂଚର ଭଳି ଶତାଧିକ ଅସ୍ତ୍ରଶସ୍ତ୍ର ମିଳିଛି । ବିଜାପୁରର ୩୭ ଜଣ, ଦାନ୍ତେୱାଡର ୩୦ ଜଣ, ସୁକମାର ୧୮ ଜଣ, ବସ୍ତରର ୧୬ ଜଣ, ନାରାୟଣପୁରର ୪ ଜଣ ଓ କାଙ୍କେରର ୩ ଜଣ ଆଜି ଆତ୍ମସମର୍ପଣ କରିଥିବା ଆଇଜି ସୂଚନା ଦେଇଛନ୍ତି ।

# ଦୁବାଇ ଏୟାରପୋର୍ଟ ନିକଟରେ ପଡ଼ିଲା ଇରାନୀୟ ଡ୍ରୋନ, ଆହତଙ୍କ ମଧ୍ୟରେ ଭାରତୀୟ



ନୂଆଦିଲ୍ଲୀ, ୧୧/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ପୁଣି ଦୁବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ ନିକଟରେ ଘଟିଛି ଅଘଟଣ । ଦୁବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ ନିକଟରେ ପଡ଼ିଛି ୨ଟି ଇରାନୀୟ ଡ୍ରୋନ । ଏଥିରେ ୪ ଜଣ ଆହତ ହୋଇଥିବା ବେଳେ ଛୋଟଧରଣର କ୍ଷୟକ୍ଷତି ହୋଇଛି । ଏୟାରପୋର୍ଟ ନିକଟରେ ଡ୍ରୋନ ପଡ଼ିଥିବା ଖବରକୁ ସ୍ଥାନୀୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ସେମାନଙ୍କ କହିବା କଥା ଯେ ଡ୍ରୋନ ପଡ଼ି ଘଟିଥିବା ଅଘଟଣରେ ୨ ଜଣ ଘାନା, ଜଣେ ବାଂଲାଦେଶ ଓ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି । ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଏୟାର ଟ୍ରାଫିକ ଅପରେସନ ସ୍ୱାଭାବିକ ରହିଛି । ବିଶ୍ୱର ସବୁଠାରୁ ଜନଗହଳୀପୂର୍ଣ୍ଣ ଏୟାରପୋର୍ଟ ହେଉଛି ଦୁବାଇ । କିନ୍ତୁ ମଧ୍ୟପ୍ରାଚ୍ୟର ଯୁଦ୍ଧ ବେଳେ ଇରାନ ପକ୍ଷରୁ ଦୁବାକୁ ଟାର୍ଗେଟ କରାଯାଇଥିଲା । ଘନଘନ ମିସାଇଲ ଓ ଡ୍ରୋନ ଆଟାକ ଯୋଗୁ ବିମାନ ସେବା ପ୍ରଭାବିତ ହୋଇଥିଲା । ସ୍ଥିତିକୁ ଦେଖି ସେବା ବନ୍ଦ ରହିଥିବା ବେଳେ ମାର୍ଚ୍ଚ ୭ରୁ ଏଠାରୁ ଆଂଶିକ ସେବା ଆରମ୍ଭ ହୋଇଛି । ତଥାପି ଆଜି ପୁଣି ଏୟାରପୋର୍ଟ ନିକଟରେ ଡ୍ରୋନ ପଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । କିନ୍ତୁ ବିମାନ ସେବାକୁ ବାତିଲ କରାଯାଇ ନାହିଁ । ଲୋକମାନଙ୍କୁ ଅଯଥା ଏୟାରପୋର୍ଟରେ ଭିଡ଼ ନ କରି ବିମାନ ଟିକେଟ ନିଶ୍ଚିତ ହେବା ପରେ ଏୟାରପୋର୍ଟ ଆସିବାକୁ କୁହାଯାଇଛି । ଅନ୍ୟପକ୍ଷରେ ଫେବୃଆରୀ ୨୮ରୁ ଇସ୍ରାଏଲ ଓ ଆମେରିକା କରୁଥିବା ଏୟାର ଷ୍ଟ୍ରାଇକ ଯୋଗୁ ଇରାନରେ ୧୦ ହଜାରରୁ ଅଧିକ ସାଧରଣ ଲୋକ ଆହତ ହୋଇଛନ୍ତି । ୧୨ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି ୧୨ ବର୍ଷରୁ କମ ୨୦୦ ଶିଶୁ । ସେହିପରି ପ୍ରାୟ ୨୦୦ ମହିଳା ମଧ୍ୟ ପ୍ରାଣ ହରାଇଛନ୍ତି । ଆକ୍ରମଣ ଆରମ୍ଭ ହେବା ଦିନ ଠାରୁ ଇତି ମଧ୍ୟରେ ୧୪୦୦ରୁ ଅଧିକ ମହିଳା ଆହତ ହୋଇଛନ୍ତି ।




Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das